# ଈଷେବଲ୍ ଧର୍ମ

ଆସନ୍ତୁ ଆମେମାନେ ଅଳ୍ପ କିଛି କ୍ଷଣ ପାଇଁ ଛିଡା ରହିବା, ଯେତେବେଳେକି ଆମେମାନେ ଏଇଥିପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ ଅର୍ପଣ କରୁ। ଆସନ୍ତୁ ଆମେମାନେ ନିଜର ମସ୍ତକଗୁଡିକୁ ନତ କରିବା।

ହେ ଦୟାଳୁ ଏବଂ ପବିତ୍ର ପିତା ପରମେଶ୍ୱର, ଆମେମାନେ ଅତ୍ୟଧିକ ଆନନ୍ଦିତ ଅଟୁ ଯେ ତୁମେ ଏପରି ଏକ—ଏକ ପରମେଶ୍ୱର ଅଟ, ଏବଂ ସଙ୍କଟ ସମୟରେ ସର୍ବଦା ଉପଲବ୍ଧ ସାହାଯ୍ୟ ଅଟ। ତୁମେ ଆମ ପାଇଁ ଯାହା କରିଛ ତାହା ପାଇଁ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ। ଆମେ କେବଳ ନିଜ ହୃଦୟରୁ, ଏହାକୁ ପ୍ରକାଶ କରିପାରୁ ନାହିଁ, ଯେ ଆମେ ଏହାକୁ କିପରି ପ୍ରଶଂସା କରୁଅଛୁ, ଏବଂ ଯେତେବେଳେ ଆମେମାନେ ଅସୁବିଧାରେ ଥାଉ ସେତେବେଳେ ତୁମେ କିପରି ଆମକୁ ସାହାଯ୍ୟ କରିବା ପାଇଁ ଆସିଥାଅ। ଆମେମାନେ ବର୍ଷ ବର୍ଷ ଧରି, ତୁମଠାରେ ଭରସା କରିବା ଏବଂ ତୁମକୁ ବିଶ୍ୱାସ କରିବା ବିଷୟ ଶିଖିଅଛୁ।

ଏବଂ ମୁଁ ଆଜି ଅପରାହ୍ନରେ, ପ୍ରାର୍ଥନା କରୁଛି, ଯେ ହେ ପ୍ରଭୁ, ତୁମେ ଏହି ଲୋକମାନଙ୍କ ଉପରେ ତୁମର ଆଶୀର୍ବାଦକୁ ଢାଳିବ। ଏହା ହେଉ ଯେ ଏହି ସେବା ସମାପ୍ତ ହେବା ସମୟରେ ଆମ ମଧ୍ୟରେ ଜଣେ ହେଲେ ବି ଦୁର୍ବଳ ବ୍ୟକ୍ତି ନ ରୁହନ୍ତୁ। ଯଦି ଏଠାରେ ଏପରି କେହି ଜଣେ ଅଛନ୍ତି ଯିଏକି ପରମେଶ୍ୱରଙ୍କ ସହିତ ଠିକ୍ ନୁହଁନ୍ତି, ତାହାହେଲେ ସେହି ଶକ୍ତି ଯାହାକି ଯୀଶୁଙ୍କୁ କବରରୁ ଉଠାଇଥିଲା, ପ୍ରଭୁ, ଏହା ସେମାନଙ୍କର ଶରୀରକୁ, ଏବଂ ତାଙ୍କର ପ୍ରାଣକୁ ସଂଜୀବିତ କରୁ, ଏବଂ ସେମାନଙ୍କୁ ତୁମ ନିକଟକୁ ଫେରାଇ ଆଣୁ। ହେ ପ୍ରଭୁ, ଏହା ପ୍ରଦାନ କର। ଯେଉଁମାନେ ପବିତ୍ରଆତ୍ମା ବିନା ଅଛନ୍ତି, ଏହା ହେଉ ଯେ ଏହା ସେହି ଗୋଟିଏ ମହାନ ଦିନ ହେଉ ଯାହାକୁ ସେମାନେ କେବେବି ଭୁଲିବେ ନାହିଁ, କାରଣ ଏହା ସେହି ଦିନ ହେଉ ଯେଉଁ ଦିନକି ପରମେଶ୍ୱର ସେମାନଙ୍କ ଉପରେ ଆପଣା ଆତ୍ମାକୁ ଢାଳନ୍ତି। ପ୍ରଭୁ, ଏହାକୁ ପ୍ରଦାନ କର। ଆମର ପାପଗୁଡିକୁ କ୍ଷମା କର।

ଆମେମାନେ ପ୍ରାର୍ଥନା କରିବୁ ଯେ ତୁମେ ଭାଇ ସଲିଭାନ୍‌କୁ ଆଶୀର୍ବାଦ କରିବ, ଆମର ଦୟାଳୁ ଏବଂ ମୂଲ୍ୟବାନ ବନ୍ଧୁ, ଏବଂ ଲୋକମାନଙ୍କ ପାଇଁ ତାଙ୍କର ଚିନ୍ତାଗୁଡିକୁ ଆଶୀର୍ବାଦ କରିବ, ଏବଂ ସେ ଯେ କିପରି ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ, ଯଥାସମ୍ଭବ ପ୍ରତ୍ୟେକ ସମ୍ଭାବନା ଆଣିବାକୁ ଚେଷ୍ଟା କରୁଛନ୍ତି। ମୁଁ ପ୍ରାର୍ଥନା କରୁଛି ଯେ ତୁମେ ଭାଇ ସଲିଭାନ୍‌କୁ ଆଶୀର୍ବାଦ କରିବ।

ସମଗ୍ର ଦେଶରେ, ସର୍ବତ୍ର, ସେବକଗଣଙ୍କୁ ଆଶୀର୍ବାଦ କର। ହେ ପ୍ରଭୁ, ସେମାନଙ୍କୁ ଅତ୍ୟଧିକ ପ୍ରଚୁରତା ଦିଅ। ସେମାନେ ପ୍ରଚାର ମଞ୍ଚରେ ସାହାସର ସହ ଛିଡା ହୋଇ ପରମେଶ୍ୱରଙ୍କ ବାକ୍ୟକୁ ପ୍ରଚାର କରନ୍ତୁ, କାରଣ ଆମେ ଏହି ଜଗତର ଇତିହାସର ଶେଷ

ଘଟିକାରେ ବାସ କରୁଅଛୁ । ଏହି ସମୟରେ ତୁମର ଉତ୍ତମତା ଆମକୁ ଛାୟା କରୁ । କାରଣ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

ବସିଯାଇ ପାରନ୍ତି ।

ମୁଁ ଏଥିପାଇଁ, ଆପଣ ଲୋକମାନଙ୍କଠାରେ ବହୁତ କୃତଜ୍ଞ ଅଟେ, ଯେତିକି ପରମେଶ୍ୱରଙ୍କଠାରେ ଅଟେ । ଭାଇ ସଲିଭାନ୍ ଏହି ଦାୟିତ୍ୱକୁ ନିଜ ଉପରେ ନେଇଥିଲେ । ଆପଣ ଦେଖନ୍ତୁ, ଏହା ଭାଇ ସଲିଭାନ୍‌ଙ୍କ ପାଇଁ କରିବା ଠିକ୍ ହୋଇ ନ ଥାଆନ୍ତା, ତେଣୁ ଆମେ ଏହା ନିମନ୍ତେ ପ୍ରସ୍ତୁତ କରିବା ହେତୁ ସ୍ଥିର କଲୁ । ଆମେ ଆପଣଙ୍କ ଦୟା ପାଇଁ ଆପଣଙ୍କୁ ଧନ୍ୟବାଦ କରୁଅଛୁ ।

2 ଏବଂ, ତେବେ, ସେହି—ସେହି ପ୍ରେମ ନୈବେଦ୍ୟ ପାଇଁ, ଏହା…ଆପଣମାନଙ୍କୁ ତାହା କରିବାର ଆବଶ୍ୟକତା ନାହିଁ । ନା, ତାହା ଆବଶ୍ୟକ ନ ଥିଲା । ଦେଖନ୍ତୁ, କେବଳ… ସେମାନେ ହୋଟେଲ ଏବଂ ଖାଦ୍ୟ ପାଦର୍ଥ ପାଇଁ, ଯାହା ଆମର ଖର୍ଚ୍ଚ ହୋଇଥିଲା, ମୂଲ୍ୟ ପରିଶୋଧ କରିଥିଲେ, ଏବଂ ତାହାହିଁ ସବୁ ଆବଶ୍ୟକ ଥିଲା । ମାତ୍ର ଅତ୍ୟନ୍ତ ଦୟା ସହକାରେ, ଆପଣଙ୍କୁ ଧନ୍ୟବାଦ, ଏବଂ ଏହା ମିଶନାରୀଙ୍କୁ ସାହାଯ୍ୟ କରିବାରେ ଏବଂ ଲୋକମାନଙ୍କୁ ପରମେଶ୍ୱରଙ୍କ ନିକଟକୁ ଆଣିବା ପାଇଁ ଯିବ । ଏଥି ସହିତ କୌଣସି ସିଗାରେଟ୍, କୌଣସି ୱିସ୍କି ମଦ, କୌଣସି କିଛି ଭୁଲ୍ ବିଷୟ କିଣାଯିବ ନାହିଁ, ଏହା ସଠିକ୍ ଜିନିଷ ପାଇଁ ଯିବ । ଏବଂ ମୁଁ ପ୍ରାର୍ଥନା କରେ ଯେ ପରମେଶ୍ୱର ତାହା ଆପଣଙ୍କ ଖାତାରେ ଲେଖିବେ, ଏବଂ ଏହାକୁ ଦଶ ହଜାରରେ ଗୁଣନ ବୃଦ୍ଧି କରିବେ, ପ୍ରତ୍ୟେକ ଡଲାର, କିମ୍ବା—କିମ୍ବା ଟଙ୍କା, କିମ୍ବା ପଇସା ଯାହା ଆପଣ ଏହି ସେବା ଆଡ଼କୁ ଦିଅନ୍ତି ।

3 ଏବଂ, ବର୍ତ୍ତମାନ, ମୁଁ ଯୁକ୍ତରାଷ୍ଟ୍ର ଆମେରିକାର ସେନାକୁ ଆମକୁ ବସିବା ନିମନ୍ତେ ଏହି ଭବନକୁ ଦେଇଥିବାରୁ ଧନ୍ୟବାଦ ଦେବାକୁ ଚାହୁଁଛି, ଯେପରିକି ଏହି ସେବାଗୁଡିକ କରିପାରୁ । ମୁଁ ନିଶ୍ଚିତ ଭାବରେ ସେମାନଙ୍କୁ ମୋର ସମସ୍ତ ହୃଦୟରୁ ଧନ୍ୟବାଦ ଦେଉଛି ।

4 ଏବଂ ଯେପରି ମୁଁ ବୁଝେ, ଭାଇ ସଲିଭାନ୍ କହିଛନ୍ତି ଯେ ସମସ୍ତକିଛି ବିଷୟର ସଠିକ୍ ମୂଲ୍ୟ ଦିଆଯିବ । ଆମେ ଏଯାଏଁ ଏପରି କୌଣସି ଏକ ସହର, ଗୋଟିଏ ବି ପଇସା ଋଣଗ୍ରସିତ ହୋଇ ଛାଡ଼ି ନାହୁଁ, ମାତ୍ର ସମସ୍ତକିଛି ବିଷୟର ଯତ୍ନ ନିଆଯାଇଥିଲା; ଆମେ ମାତ୍ର ଅନ୍ୟ ଯେକୌଣସି ବିଷୟ ଉପରେ ବିଶ୍ୱାସ କରୁନାହୁଁ । ଆପଣଙ୍କୁ କାହାର ବି ଋଣୀ ହେବା ଉଚିତ୍ ନୁହେଁ, ଆପଣଙ୍କୁ ତ ସବୁ ଦେୟ ଦେଇ ଦେବା ଉଚିତ୍ ଅଟେ । ଏବଂ ଯଦି ଆପଣ କାହାରି ଋଣୀ ଅଛନ୍ତି, ତେବେ ସେମାନଙ୍କ ସମ୍ମୁଖକୁ ଯାଇ ସେମାନଙ୍କୁ କୁହନ୍ତୁ ଯେ ଆପଣ ସେମାନଙ୍କର ଋଣୀ ଅଟନ୍ତି, ମାତ୍ର ଆପଣଙ୍କୁ ଅଳ୍ପ ଟିକିଏ ସମୟ ଦିଅନ୍ତୁ, ଏବଂ ଆପଣ ଏହାକୁ ପରିଶୋଧ କରି ଦେବେ । ବୁଝିଲେ? ସର୍ବଦା, ତାହା ଏକ ଉତ୍ତମ…ତାହା ଖ୍ରୀଷ୍ଟିଆନ ଧର୍ମର ଏକ ଉତ୍ତମ ଚିହ୍ନ ଅଟେ: ସଚ୍ଚୋଟ, ସରଳ ହେବା ।

5 ଆପଣ ଯେଉଁ କଥା କୁହନ୍ତି ଆପଣ ତଦନୁସାରେ ଜୀବନ ଯାପନ କରିବାକୁ ଚାହାଁନ୍ତି ।

ଯଦି ଆପଣ ଏହାକୁ ନିଜେ ଜୀବନରେ ପାଳନ ନ କରିବେ, ତାହାହେଲେ ଆପଣ କିପରି ଏହା ଆଶା କରିପାରିବେ ଯେ ଅନ୍ୟ କେହି ଏହାକୁ ଜୀବନରେ ପାଳନ କରିବେ, ଆପଣ ଦେଖନ୍ତୁ। ଅତଏବ ଆପଣମାନେ ଲିଖିତ ଚିଠିମାନ ଅଟନ୍ତି, ସମସ୍ତ ମନୁଷ୍ୟମାନଙ୍କ ଦ୍ଵାରା ପାଠ କରାଯାଆନ୍ତି, ତେଣୁ ସର୍ବଦା ନିଷ୍ଠାବାନ, ନ୍ୟାୟବାନ, ସଚ୍ଚୋଟ ରୁହନ୍ତୁ। ସତ୍ୟ କୁହନ୍ତୁ, ଏଥିରେ କିଛି ଯାଏ ଆସେ ନାହିଁ ଯେ ଏହା କୌଣସି କାହାରିକୁ କେତେ ଖରାପ ଆଘାତ କରେ। ଯେକୌଣସି ପ୍ରକାରେ ବି, ସତ କୁହନ୍ତୁ, କାରଣ ଆପଣ ଏହାକୁ ପ୍ରତ୍ୟେକ ଥର ସେହି ସମାନ ଭାବରେ କହିପାରନ୍ତି। ଏବଂ ଯଦି ଆପଣ ଏକ ମିଛ କଥା କୁହନ୍ତି, ତାହାହେଲେ ଆପଣଙ୍କୁ ଦଶ ଲକ୍ଷ ମାଇଲ୍ ବାଟ ବୁଲିବାକୁ ପଡିବ, ଏବଂ ତଥାପି ଆପଣଙ୍କୁ ପୁନର୍ବାର ସେହି ମିଛକୁ ଫେରି ଆସିବାକୁ ପଡିବ; ଏବଂ ଆପଣ କେବଳ ଏକ ଭୟଙ୍କର ବିଷୟ ପ୍ରସ୍ତୁତ କରନ୍ତି। କେବଳ ସଚ୍ଚୋଟ ରୁହନ୍ତୁ, ଏବଂ ଆପଣ ସର୍ବଦା ଏହାକୁ ସେହି ସମାନ ପ୍ରକାରେ ହିଁ କହିପାରନ୍ତି କାରଣ ଏହା ସତ୍ୟ ଅଟେ।

6 ଏହା ବାଇବଲ ସହିତ ସେହି ପ୍ରକାର ହିଁ ଅଟେ। ଏହାକୁ ଠିକ୍ ସେହିପରି ଭାବରେ କୁହନ୍ତୁ ଯେପରିକି ବାଇବଲ ଏହାକୁ କହିଥାଏ, ଏହା ସହିତ ଆପୋଷ ବୁଝାମଣା କରନ୍ତୁ ନାହିଁ, ଏହାକୁ ଠିକ୍ ସେହି ପ୍ରକାରେ ହିଁ କୁହନ୍ତୁ, କେବଳ...ଯେପରି ଭାବରେ ଏହା ଏଠାରେ ଲେଖା ହୋଇଛି ଏବଂ—ଏବଂ ଆପଣ ଏହାକୁ ନିଜର ଆଙ୍ଗୁଠିରେ ଇଙ୍ଗିତ ପାରନ୍ତି। ଏହା ଅଟେ—ଏହା ଅଟେ...ଠିକ ସେହି ପ୍ରକାରେ ହିଁ ଆପଣ ଶୟତାନକୁ ପରାସ୍ତ କରନ୍ତି। ଶୟତାନ ଯୀଶୁଙ୍କୁ କହିଲା, "ଯଦି ତୁମେ ପରମେଶ୍ଵରଙ୍କ ପୁତ୍ର, ତାହାହେଲେ ଆସୁ ତୁମକୁ ଏକ ଚମତ୍କାର କରୁଥିବାର ଦେଖିବା। ସେମାନେ କୁହନ୍ତି ଯେ ତୁମେ 'ଜଣେ ଆଶ୍ଚର୍ଯ୍ୟକର୍ମ ସାଧନକାରୀ' ଅଟ। ଏହି ପଥରଗୁଡ଼ିକୁ ରୁଟିରେ ପରିଣତ କର, ଏବଂ ଆସୁ ଦେଖିବା। ତୁମେ କ୍ଷୁଧିତ ଅଟ।"

7 ସେ କହିଲେ, "ମାତ୍ର ଏହା ଲେଖା ଅଛି, ମନୁଷ୍ୟ କେବଳ ରୁଟି ଦ୍ଵାରା ବଞ୍ଚିବ ନାହିଁ।" ବୁଝିଲେ? ସେ ପିତାଙ୍କ ବାକ୍ୟକୁ ଗ୍ରହଣ କରି, ଶୟତାନକୁ ଠିକ ତାର ନିଜର ଆଧାରରେ, ପରାସ୍ତ କରିଥିଲେ। ତେଣୁ ଆପଣ ସେହି ସମାନ କାର୍ଯ୍ୟ କରିପାରନ୍ତି, ପ୍ରଭୁଙ୍କ ବାକ୍ୟ ସହିତ, ଶୟତାନକୁ ତାର ଆଧାରରେ ପରାସ୍ତ କରିପାରନ୍ତି।

8 ତାହାପରେ, ମୁଁ ଭାଇ ସଲିଭାନ୍ ପ୍ରତି ସର୍ବଦା କୃତଜ୍ଞ ରହିବି। ଏହା ହେଉଛି...ଏହି ଅଭିବ୍ୟକ୍ତିକୁ କ୍ଷମା କରନ୍ତୁ: ମୁଁ ଭାବୁଛି ଯେତେବେଳେ ସେମାନେ ଭାଇ ସଲିଭାନ୍‌କୁ ତିଆରି କରିଥିଲେ ତାହାପରେ ସେ ଠିକ ସେହି ଢାଞ୍ଚାକୁ ଫିଙ୍ଗି ଦେଇଥିଲେ। ତାଙ୍କ ପରି ଆଉ କେହି ନାହାଁନ୍ତି। କେବଳ ଜଣେ ବ୍ୟକ୍ତି ଅଛନ୍ତି ଯାହାଙ୍କୁ ମୁଁ ମୋ ଜୀବନରେ କେବେ ଭେଟିଛି ଯିଏକି ମୋତେ ଭାଇ ସଲିଭାନ୍ ବିଷୟରେ ସ୍ମରଣ କରାନ୍ତି, ସେ ହେଉଛନ୍ତି ଇ. ହାୱାର୍ଡ କ୍ୟାଡଲ୍। ମୁଁ ଜାଣେ ନାହିଁ ଯେ ସେ କେବେ ତାଙ୍କୁ ଜାଣିଛନ୍ତି କି ନାହିଁ, ସେହିଠାରୁ—ଠାରୁ...ଭାଇ କ୍ୟାଡେଲ୍ ଠିକ ଭାଇ ସଲିଭାନ୍ ପରି ହିଁ ଜଣେ ଉତ୍ତମ ପଲ୍ଲୀବାସୀ ବାଳକ ଥିଲେ। ଏବଂ ସେ ତାଙ୍କ ପକେଟରେ ନିଜ ହାତକୁ ଏତେ ଭିତରକୁ ପୂରାନ୍ତି ଯେ ଏପରିକି ତାଙ୍କ ପାଇଜାମା ଫିତାଗୁଡିକ ତଳକୁ ଟାଣି ହୋଇଯାଇଥାଏ, ଏବଂ ତାଙ୍କ ମୁଣ୍ଡକୁ ଗୋଟିଏ ପଟକୁ କରି କଥାବାର୍ତ୍ତା କରିଥାନ୍ତି,

ଏବଂ ସେ କେବଳ ଜଣେ ଇ. ହାୱାର୍ଡ କ୍ୟାଡଲ୍ ଥିଲେ। ଏବଂ ତେଣୁକରି ମୁଁ—ମୁଁ ଭାଇ ସଲିଭାନ୍‌କୁ ସୁସମାଚାରରେ ଜଣେ ବନ୍ଧୁ ଏବଂ ଜଣେ ଭାଇ ଭାବରେ ପାଇଥିବାରୁ ବହୁତ ଖୁସି ଅଟେ। ଏବଂ ମୁଁ ପ୍ରାର୍ଥନା କରୁଛି ଯେ ପରମେଶ୍ୱର ତାଙ୍କୁ ଏବଂ ଏଠାରେ ଥିବା ତାଙ୍କର ଛୋଟ ମଣ୍ଡଳୀକୁ, ତାଙ୍କର ମୂଲ୍ୟବାନ ପତ୍ନୀ, ତାଙ୍କର ପ୍ରିୟଜନଙ୍କୁ ଆଶୀର୍ବାଦ କରନ୍ତୁ।

9 ଏବଂ ଆପଣଙ୍କୁ, ଏଠାରେ ଥିବା ଅନ୍ୟ ସେବକମାନଙ୍କୁ, ଆପଣଙ୍କୁ ଏବଂ ଆପଣଙ୍କର ମଣ୍ଡଳୀକୁ, ପୂର୍ଣ୍ଣ ସୁସମାଚାର ପ୍ରଚାରକଗଣଙ୍କୁ, ଶାସ୍ତ୍ରର ଛୋଟ ଛୋଟ ବୈଷୟିକ ଜିନିଷ ଉପରେ ଆମେ ପରସ୍ପର ଜଣେ ଅନ୍ୟ ସହିତ ଅସହମତ ହୋଇ ଥାଇପାରୁ। ମୁଁ ମୋ ପତ୍ନୀଙ୍କ ସହିତ କେତେକ ବିଷୟରେ ଅସହମତ ହୋଇଥାଏ। ଏବଂ ଆପଣ ଜାଣନ୍ତି ଯେ ତାହା କେଉଁ ବିଷୟ ଅଟେ? ସେ ଶେଉ ପିଠା ପସନ୍ଦ କରନ୍ତି ଏବଂ ମୁଁ ଚେରି ପସନ୍ଦ କରେ, ତେଣୁ ଆମେ ଏଥିରେ ଅସହମତ ହୋଇଥାଉ। ଏବଂ ମୁଁ ଆପଣଙ୍କୁ କହିବି ଯେ ମୁଁ ନିଜ ସହିତ କଅଣ କରିଥାଏ: ମୁଁ ଏକ ଭଲ ଖଣ୍ଡେ ଗରମ ଚେରି ପିଠା ପସନ୍ଦ କରେ (ମୁଁ ବର୍ତ୍ତମାନ ହିଁ ଏହାକୁ ଖାଇପାରେ) ଏବଂ ତାହା ଉପରେ ଲହୁଣୀ ଢାଳେ, ଏବଂ ତାହାପରେ ତାହା ଉପରେ ଆଖୁଶିରା ଢାଳିଥାଏ; ଏବଂ, ଭାଇ, ଆପଣ କିଛି ଗୋଟାଏ ଅତି ଉତ୍ତମ ବିଷୟ ଖାଇବା ହେତୁ ପାଆନ୍ତି! ମୋ ପତ୍ନୀ ଏହାକୁ ଭୟ କରନ୍ତି। ମୁଁ ଭାବୁଛି ସେ କ୍ୟାଲୋରୀକୁ ନେଇ ଭୟଭୀତ ଅଟନ୍ତି। ସେ ହୁଏତ ଏହାକୁ ପସନ୍ଦ କରୁଥାଇ ପାରନ୍ତି, ମାତ୍ର ଆପଣ ଜାଣନ୍ତି ଯେ ସ୍ତ୍ରୀଲୋକମାନେ କିପରି ଅଟନ୍ତି, ସେମାନେ ଭୟ କରନ୍ତି…ସେମାନେ ଏତେ ପତଳା ହୋଇଯାଆନ୍ତି ଯେ ଆପଣ ସେମାନଙ୍କୁ ଏକ ପିନ୍ ସହିତ ଫୋଡିପାରନ୍ତି ଏବଂ ସେମାନଙ୍କୁ ହାଡ଼ରେ ବାଜିଥାଏ, ଏବଂ ତଥାପି ସେମାନେ ଚାହାଁନ୍ତି—ସେମାନେ ହ୍ରାସ ପାଇବାକୁ ଚାହାଁନ୍ତି। ତାହା ସେମାନଙ୍କର ପ୍ରକୃତି ଅଟେ, ମୁଁ ଅନୁମାନ କରୁଛି, ତେଣୁ ସେଠାରେ… ଏବଂ, ମାତ୍ର ମୁଁ ତାହା ପସନ୍ଦ କରେ। ବର୍ତ୍ତମାନ, ଆମେ ଏଥିରେ ଅସହମତ ହୋଇଥାଉ, ଅନ୍ୟ ଜିନିଷଗୁଡିକ ଆମେ ଠିକ୍ ଥାଉ। ମାତ୍ର, ଆପଣ ଦେଖନ୍ତୁ, ଯେ ଆମେ ସମ୍ପୂର୍ଣ୍ଣ ରୂପେ ସହମତିରେ ନୋହୁଁ। ତେଣୁ ଭାଇମାନେ, ଆମେ ସେହି ସମାନ ଜିନିଷ ଦେଖିବା, ମାତ୍ର ମୁଖ୍ୟ କଥା ହେଉଛି, ଆମେମାନେ ପିଠା ଖାଉଅଛୁ, ତାହାହିଁ ମୁଖ୍ୟ ବିଷୟ ଅଟେ।

10 ମୁଖ୍ୟତଃ, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ, ଏବଂ ଖ୍ରୀଷ୍ଟଙ୍କ ଆଗମନ ଉପରେ, ଏବଂ ବାଇବଲର ସେହି ମହାନ ସୁସମାଚାର ପ୍ରଚାର ସମ୍ବନ୍ଧୀୟ, ମୌଳିକ ଶିକ୍ଷା ସିଦ୍ଧାନ୍ତ ଉପରେ, ଆମେ ନିଶ୍ଚିତ ଭାବରେ ତାହା ସହିତ ବାହୁ-ରେ-ବାହୁ ମିଶାଇ ଛିଡା ଅଟୁ। ଗୋଟିଏ ବଡ ମିଳିତ ଭ୍ରାତୃବୃନ୍ଦ ଭାବରେ, କୌଣସି ନାମଧାରୀ ପ୍ରତିବନ୍ଧକ ବିନା, ଆମକୁ ବାଧା ଦେବା ଭଳି କୌଣସି କିଛି ବିଷୟ ନ ରଖି, ଆମେ ଏକତ୍ର, ଏକ ମହାନ ସୈନ୍ୟଦଳ ଭାବରେ କାଲବରୀ ଆଡକୁ ଅଗ୍ରସର ହେଉଅଛୁ।

11 ଯଦି ମୁଁ ଆପଣଙ୍କ ପାଇଁ କେବେବି କୌଣସି ପ୍ରକାରେ କିଛି ସାହାଯ୍ୟ ସ୍ୱରୂପ ହୋଇପାରେ, ତେବେ ମୁଁ ଏହା କରିବା ହେତୁ ଖୁସି ହେବି। ଏବଂ ମୁଁ ସୁନିଶ୍ଚିତ ଯେ ଆପଣ

ମଧ୍ୟ ମୋତେ ସେହି ସମାନ କଥା କହିବେ । ଏବଂ ଆପଣ ମୋ ପାଇଁ ଏକ ସାହାଯ୍ୟ ସ୍ୱରୂପ ହୋଇପାରନ୍ତି । ଏବଂ ଗୋଟିଏ ବିଷୟ ଯାହାକି ଆପଣମାନେ କରିପାରନ୍ତି, ଯାହା ମୁଁ ଜାଣେ, ତାହା ହେଉଛି ମୋ ପାଇଁ ପ୍ରାର୍ଥନା କରନ୍ତୁ, ଯେପରିକି ପରମେଶ୍ୱର ମୋତେ କେବେବି ଭୁଲ୍ ବାଟକୁ ଯିବା ପାଇଁ ନ ଦେବେ । ମୁଁ—ମୁଁ—ମୁଁ...ଏହା ମୋ ହୃଦୟରେ ନାହିଁ ଯେ ଭୁଲ୍ ବାଟକୁ ଯାଏ, ମୁଁ—ମୁଁ ତ ଠିକ୍ ବାଟକୁ ହିଁ ଯିବାକୁ ଚାହେଁ, ଯାହା ଠିକ୍ ଅଟେ ମୁଁ ତାହାହିଁ କରିବାକୁ ଚାହେଁ । କାରଣ ମୁଁ ଅନୁଭବ କରୁଛି, ଯେପରିକି ଭାଇ ଜ୍ୟାକ୍ ମୂର୍ ମୋତେ ଥରେ କହିଥିଲେ, ସେ କହିଲେ, "ଭାଇ ବ୍ରାନହାମ୍, ବିଚାର ଦିନରେ, ଆପଣଙ୍କର ସମସ୍ତ ଅଭିଜ୍ଞତା ସକାଶୁ ମୁଁ ଆପଣଙ୍କର ସ୍ଥାନରେ ଛିଡା ହେବି ନାହିଁ, କାରଣ ପରମେଶ୍ୱର ଆପଣଙ୍କଠାରୁ ଏକ ବହୁତ ବଡ଼ ଉତ୍ତର ଆବଶ୍ୟକ କରିବାକୁ ଯାଉଛନ୍ତି," କହିଲେ, "କାରଣ ସେ ଆପଣଙ୍କ ହସ୍ତରେ ଲକ୍ଷ ଲକ୍ଷ ଲୋକମାନଙ୍କୁ ଦେଇଅଛନ୍ତି ।"

12 ତେବେ, ଯଦି ମୁଁ ଏହା ଜାଣେ ଯେ ମୁଁ ସେଠାରେ ଠିଆ ହୋଇ ସେହି ଲୋକମାନଙ୍କ ପାଇଁ ଉତ୍ତର ଦେବାକୁ ଯାଉଅଛି, ତାହାହେଲେ ମୋତେ କେଉଁ ପ୍ରକାରର ଏକ ସୁସମାଚାର ପ୍ରଚାର କରିବାକୁ ଅଛି? କେଉଁ ପ୍ରକାରର ଏକ ନିଷ୍ଠାପରତା, ଯେତେବେଳେକି ମୁଁ ତାହାଙ୍କ ରକ୍ତରେ କ୍ରୀତ ବିଷୟକୁ ନିଜ ହାତରେ ଧରିଥାଏ? ଏବଂ ଯେପରି ସେ ମୋତେ ଏକ ଉପହାର ଦେଇଛନ୍ତି...ସନ୍ଦେହର ଛାୟା ବାହାରେ, ଯେକୌଣସି ଉତ୍ତମ ବୁଦ୍ଧିର ବ୍ୟକ୍ତି ଏହା ଜାଣନ୍ତି ଯେ ଏହାକୁ ପରମେଶ୍ୱରଙ୍କଠାରୁ ଆସିବାକୁ ଅଛି । ଏବଂ ତାହା ସହିତ, ଯଦି ମୁଁ କାହାରିକୁ ଭୁଲ ପଥରେ ବି କଢେଇ ନିଏ ଯେହେତୁ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ ତାହା କହିଥିଲା, ତେବେ ପରମେଶ୍ୱର ତାହା ପାଇଁ ମୋତେ ବିଚାର ଦିନରେ ମୂଲ୍ୟ ପରିଶୋଧ କରାଇବେ ।

13 ମାତ୍ର ଯେତେବେଳେ କିଛି ଦିନ ପୂର୍ବରୁ, ମୁଁ ଏହି ଦର୍ଶନକୁ ଦେଖିଥିଲି, ଏବଂ ସେହି ଲୋକମାନଙ୍କୁ ଚିତ୍କାର କରୁଥିବାର ଶୁଣିଥିଲି...ଗତ ରାତିରେ କଅଣ ଆପଣମାନେ ନିଜର ଛୋଟ ପୁସ୍ତକଟିକୁ ପାଇଲେ କି? ସେହି—ସେହି ବ୍ୟବସାୟୀ ପୁରୁଷଙ୍କ ସ୍ୱର । ତାହା ଉତ୍ତମ ଅଟେ । ଏବଂ ସେହି ଦର୍ଶନରେ...କୌଣସି ସମୟରେ ଆମେ ଏହାକୁ ସମ୍ପୂର୍ଣ୍ଣ ବିବରଣୀ ସହ ଛପାଇବା; ଏହା ତାହାର ସବୁକିଛି ନୁହେଁ । ମାତ୍ର ସେଥିରେ, ଏବଂ ଏହା ଦେଖି, ଏବଂ ମୁଁ ସେଠାରେ ସେହିପରି ଭାବରେ ଠିଆ ହୋଇଥିଲି ଠିକ ଯେପରିକି—ଠିକ ଯେପରିକି ମୁଁ ବର୍ତ୍ତମାନ ଠିଆ ହୋଇଛି । ଏବଂ ମୁଁ ସେଠାରେ ନିଜକୁ ବିଛଣା ଉପରେ ଶୋଇଥିବାର ଦେଖୁଥିଲି, ମୋ ପତ୍ନୀଙ୍କୁ ଦେଖୁଥିଲି, ଏବଂ ତଥାପି ଏଠାରେ ଠିଆ ହୋଇ ନିଜକୁ ଦେଖୁଥିଲି । ଏବଂ ଏଠାରେ ସେହି ଲୋକମାନେ ଏପରି ଭାବରେ ଚାରିଆଡେ ଠିଆ ହୋଇଥିଲେ ଯେତେବେଳେକି ମୁଁ କହୁଥିଲି, "କଅଣ ପାଉଲଙ୍କୁ ମଧ୍ୟ ସେ ପ୍ରଚାର କରିଥିବା ସୁସମାଚାର ନିମନ୍ତେ ବିଚାର କରାଯିବ କି?"

14 ଉତ୍ତର ଦେଲେ, "ହଁ ।"

15 ମୁଁ କହିଲି, "ମୁଁ ତ ପ୍ରତ୍ୟେକ ବାକ୍ୟକୁ ଠିକ୍ ସେହିପରି ଭାବରେ ପ୍ରଚାର କରିଅଛି ଯେପରି

ସେ କରିଥିଲେ।"

16 ଏବଂ ଲକ୍ଷ ଲକ୍ଷ ଲୋକ ଚିତ୍କାର କରି ଉଠିଲେ, "ଆମେମାନେ ତାହା ଉପରେ ଆଶ୍ରିତ ଅଛୁ!"

17 ଦେଖନ୍ତୁ, ଠିକ ସେହିପରି ଭାବରେ ହିଁ ମୁଁ ଚାହେଁ ଯେ ତାହା ହେଉ ଯେତେବେଳେ ମୁଁ ତାହା ଅତିକ୍ରମ କରେ। ମୁଁ ଏହାକୁ ସେହିପରି ଭାବରେ ହିଁ ଚାହେଁ, ଠିକ ସେହିପରି ଭାବରେ, ଠିକ ଯାହା ପାଉଲ କହିଥିଲେ। ଏଥିରେ ଗୋଟିଏ ବି ଜିନିଷ ଯୋଗ କରିବାକୁ ଚାହେଁ ନାହିଁ, ଏଥିରୁ ଗୋଟିଏ ବି ଜିନିଷ ଲୋପ କରିବାକୁ ଚାହେଁ ନାହିଁ। ଠିକ ଯାହା ବାଇବଲ କହିଅଛି, ସେହି ପ୍ରକାରେ ହିଁ ମୁଁ ଏହାକୁ ଜାରି ରଖିବାକୁ ଚାହେଁ, ଆପଣ ଦେଖନ୍ତୁ। ଏବଂ ଅବଶ୍ୟ, ଆପଣ ଏହାକୁ ସେହିପରି ଭାବରେ ରଖନ୍ତୁ, ପ୍ରତ୍ୟେକ ପାର୍ଶ୍ୱରେ ଥିବା ସେହି ନାମଧାରୀ ସଂସ୍ଥାଗୁଡ଼ିକ ଏହା ବିରୁଦ୍ଧରେ ଏକ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଯାଉଛନ୍ତି।

18 ଏବଂ ତାହାପରେ, ଅନେକ ଥର, ଭାଇମାନେ ଭାବନ୍ତି ଯେ ମୁଁ ମୋର ଭାଇମାନଙ୍କ ବିରୁଦ୍ଧରେ ଅଟେ। ପରମେଶ୍ୱର ତାହାଠାରୁ ଭିନ୍ନ ଜାଣନ୍ତି, ଯେପର୍ଯ୍ୟନ୍ତକି ସେ ଜାଣନ୍ତି ଯେ ସତ୍ୟ କଅଣ। ବୁଝିଲେ? ଏହା ଭାଇମାନଙ୍କ ବିରୁଦ୍ଧରେ ହେବା ନୁହେଁ, ଏହା ତ ସେହି ବ୍ୟବସ୍ଥା ବିରୁଦ୍ଧରେ ଅଟେ ଯାହାକି ଆମେ ଭାଇ ନ ହେଉ ବୋଲି କାର୍ଯ୍ୟରତ ଅଟେ। ଏହା ପରମେଶ୍ୱରଙ୍କ ବାକ୍ୟ ନୁହେଁ ଯାହାକି ଆମକୁ ଭାଇ ହେବାଠାରୁ ବଞ୍ଚିତ କରୁଅଛି, ଏହା ତ ସେହି ବ୍ୟବସ୍ଥା ଅଟେ ଯେଉଁଥିରେ ଆମେ ଯୋଗଦାନ କରିଥାଉ ଯାହାକି ଆମକୁ ଭାଇ ହେବାରୁ ବଞ୍ଚିତ କରିଥାଏ। ତାହା ଠିକ୍ ଅଟେ। ତେବେ, ଆମେ କେଉଁଠାରେ ଠିଆ ହେବା ଉଚିତ୍? ବାକ୍ୟ ଉପରେ ଛିଡା ହୁଅନ୍ତୁ, ଏବଂ ପରମେଶ୍ୱର ସମସ୍ତ ଲୋକମାନଙ୍କୁ ତାହା ଉପରେ—ଉପରେ ଏହା ପ୍ରତି (ତାହା ଠିକ୍) ଆକର୍ଷିତ କରିବେ। ଏହାକୁ କେବେବି ସଂଗଠିତ କରନ୍ତୁ ନାହିଁ, ଏହାକୁ ନାମଧାରୀ ସଂସ୍ଥା କରନ୍ତୁ ନାହିଁ, କେବଳ ଏହାକୁ ପରମେଶ୍ୱରଙ୍କ ନିକଟରେ ରଖନ୍ତୁ, ଏବଂ କେବଳ ଆଗକୁ ବଢି ଯାଆନ୍ତୁ; ଠିକ ଶେଷ ଭାଗକୁ ଦେଖି, ସ୍ଥିର ରୁହନ୍ତୁ, ପରମେଶ୍ୱର ଏହାର ଅବଶିଷ୍ଟ ଅଂଶକୁ ନେଇ ଆସିବେ।

19 ଏଠାରେ ଅନେକ ଜିନିଷ ଅଛି ଯାହା ଆପଣମାନେ ମୋ ପାଇଁ କରିଛନ୍ତି, ଯାହା ମୁଁ ପ୍ରଶଂସା କରେ। ତେବେ ଯଦି ମୁଁ ଆପଣମାନଙ୍କୁ ପ୍ରାର୍ଥନା କପଡା କିମ୍ବା ସେହିପରି କିଛି ଗୋଟାଏ ଦେବା ଦିଗରେ, ଆପଣଙ୍କର ସାହାଯ୍ୟ କରିପାରେ। ତେବେ, ମୋତେ ଶିକ୍ଷା ସିଦ୍ଧାନ୍ତ ବିଷୟରେ ପଚାରନ୍ତୁ ନାହିଁ, କାରଣ ମୁଁ—ମୁଁ ତାହା କରିବାକୁ ଇଚ୍ଛା କରେ ନାହିଁ। ଅନେକ ଲୋକେ ମୋତେ ବିବାହ ଏବଂ ଛାଡପତ୍ର ଓ ପ୍ରଭୃତି ବିଷୟରେ ପ୍ରଶ୍ନ ଲେଖନ୍ତି, ଯାହାକି ମଣ୍ଡଳୀରେ ଏକ ଫାନ୍ଦ ସ୍ୱରୂପ ଅଟେ। ମୁଁ ସବୁବେଳେ ସେମାନଙ୍କୁ ଉଦ୍ଧୃତ କରି, କହିଥାଏ, "ନିଜର ପାଳକଙ୍କୁ ପଚାରନ୍ତୁ।"

20 ଲୋକମାନେ ମୋତେ ଏଠାରେ ଚିଠି ଲେଖନ୍ତି ଏବଂ କୁହନ୍ତି, "*ଏହା* ବିଷୟରେ କଅଣ? ଏବଂ *ତାହା* ବିଷୟରେ କଅଣ?" ମୁଁ ସେହି ଚିଠିକୁ ପ୍ରତ୍ୟୁତ୍ତରରେ ଲେଖିଥାଏ, ଆପଣ ଏହା

ପାଇଯିବେ । ଛୋଟ ଛୋଟ ବିଷୟଗୁଡିକରେ ନିଜର ପାଳକଙ୍କୁ ଦେଖା କରନ୍ତୁ, କାରଣ, ଅବଶେଷରେ, ସେ ଆପଣଙ୍କର ମେଷପାଳକ ଅଟନ୍ତି । ସେ—ସେ ହିଁ—ସେ ହିଁ ସେହି ଜଣକା ଅଟନ୍ତି ଯାହାକୁ ପରମେଶ୍ୱର ଆପଣଙ୍କ ଉପରେ ଦେଖାଶୁଣା କରିବା ହେତୁ ପ୍ରେରଣ କରିଛନ୍ତି । ଏବଂ ଆମେ ଏହା ଉପରେ ଅସହମତ ହୋଇପାରୁ, ଏବଂ ତେବେ ତାହା ଆପଣଙ୍କ ମଣ୍ଡଳୀରେ ଏକ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ । ଆମେ ତାହା ଚାହୁଁନାହୁଁ । ନା! ନା! ଆମେ ତ କେବଳ ଏହା ଚାହୁଁଛୁ ଯେ ଆପଣ ସେହି ବିଷୟଗୁଡ଼ିକୁ ପରିତ୍ୟାଗ କରନ୍ତୁ ଯାହାକି ପାପମୟ ଅଟେ, ବାଇବଲ ବାହାରୁ ଅଟେ, ଏବଂ କେବଳ ପରମେଶ୍ୱରଙ୍କ ଆଡକୁ ଅଗ୍ରସର ହୁଅନ୍ତୁ । ବୁଝିଲେ? ଏବଂ ଯଦି ଆପଣ ସାମାନ୍ୟ କଳି ଝଗଡା ଓ ସେହିପରି ବିଷୟଗୁଡିକୁ ସୃଷ୍ଟି କରନ୍ତି, ତାହା ମଣ୍ଡଳୀକୁ ବିବ୍ରତ କରିଥାଏ । ତେଣୁକରି, ମୁଁ ତ ବରଂ ଏହା ଚାହିଁବି ଯେ ଆପଣଙ୍କର ପାଳକ ଆପଣଙ୍କୁ ବିବାହ ଏବଂ ଛାଡପତ୍ର ବିଷୟରେ କୁହନ୍ତୁ, ଏବଂ *ଏହି* ଜିନିଷଗୁଡିକ ଏବଂ *ସେହି* ଜିନିଷଗୁଡ଼ିକ, ସେ ତାହା କରନ୍ତୁ । ସେ ମଧ୍ୟ ପରମେଶ୍ୱରଙ୍କର ସେବକ, ଏବଂ ସେ ତାହା କରିବା ହେତୁ ଯୋଗ୍ୟ ଅଟନ୍ତି ।

21 ସେହି ଉତ୍ତମ ଶମିରୋଣୀୟକୁ ମନେ ଅଛି ଯିଏକି ସେହି ବ୍ୟକ୍ତିଙ୍କୁ ଆହତ ଅବସ୍ଥାରେ ପାଇଥିଲେ? ସେ ତାଙ୍କୁ ପାନ୍ଥଶାଳାକୁ (ଯାହାକି ମଣ୍ଡଳୀ ଅଟେ) ନେଇକି ଆସିଥିଲେ ଏବଂ ସେଠାରେ ଥିବା ବ୍ୟକ୍ତିଙ୍କୁ ଦୁଇଟି ମୁଦ୍ରା ଦେଇଥିଲେ, ଏବଂ ତାଙ୍କୁ କହିଥିଲେ ଯଦି ସେ ଆହୁରି ଆବଶ୍ୟକ କରନ୍ତି ତେବେ ସେ ଫେରି ଆସି ତାଙ୍କୁ ତାହା ଦେବେ । ତେଣୁକରି, ତାଙ୍କ ପାଖରେ ଦୁଇଟି ମୁଦ୍ରା ଅଛି, ସେ ଆପଣଙ୍କର ସେବା ସୁଶ୍ରୁସା କରିବା ହେତୁ ସକ୍ଷମ ଅଟନ୍ତି ଯଦି ସେ ଜଣେ ପରମେଶ୍ୱରଙ୍କ ବ୍ୟକ୍ତି ଅଟନ୍ତି । ଯଦି ସେ ଜଣେ ପରମେଶ୍ୱରଙ୍କ ବ୍ୟକ୍ତି ଯିଏକି ପରମେଶ୍ୱରଙ୍କ ବାକ୍ୟ ଉପରେ ଠିଆ ହୁଅନ୍ତି, ତାହାହେଲେ ତାଙ୍କ—ତାଙ୍କ ପାଖରେ ତାହା ଅଛି ଯାହା ପରମେଶ୍ୱର ତାଙ୍କୁ ଦେଇଛନ୍ତି, ସେହି ଆତ୍ମା ଏବଂ ସେହି ବାକ୍ୟ । କଅଣ ତାହା ଠିକ୍ କି? ଆମେ ତାହା କିପରି ଭାବରେ ଉପାସନା କରିବା ଉଚିତ୍? ଆତ୍ମା ଏବଂ ସତ୍ୟତାରେ । ଏବଂ ବାକ୍ୟ ହେଉଛି ସତ୍ୟ । କଅନ ତାହା ଠିକ୍ କି?

22 ତେବେ, ପୁନର୍ବାର, ଦୟା ସହକାରେ ଆପଣଙ୍କୁ ବହୁତ ଧନ୍ୟବାଦ । ଏବଂ ବର୍ତ୍ତମାନ, ମୁଁ ଅତ୍ୟଧିକ କ୍ଳାନ୍ତ, ଏବଂ ଆଜି ଅପରାହ୍ନରେ ତ ପ୍ରକୃତ କ୍ଳାନ୍ତ ଅଟେ, ମୁଁ ଜୀବିତ ଥିବା ପର୍ଯ୍ୟନ୍ତ ଆଉ ଅନ୍ୟ କୌଣସି ହୋଟେଲରେ ରହିବାକୁ ଇଚ୍ଛା କରେ ନାହିଁ । ବଡ ମଦ୍ୟପ ଆମୋଦ ମେଳ, ଏବଂ ରାତିସାରା, କବାଟ ବାଡେଇବା ଏବଂ ଚିତ୍କାର କରିବା, ଏବଂ ସ୍ତ୍ରୀଲୋକମାନେ...ଓଃ! ମୁଁ ରାତିସାରା କେବଳ, ବସି ରହିଲି । ତାହାହିଁ ସବୁକିଛି ଅଟେ । ଏବଂ ତେଣୁକରି ମୁଁ—ମୁଁ ଆଉ କୌଣସି ହୋଟେଲ କରିବାକୁ ଇଚ୍ଛା କରେ ନାହିଁ । ମୁଁ ଏକ ମୋଟେଲକୁ ଚାଲିଯିବି । ମୁଁ ନିଜ ପାଇଁ ଏକ ଟ୍ରକ୍ ନେବାକୁ ଯାଉଅଛି ଯେଣୁ ମୁଁ ବାହାରେ କୌଣସି ସ୍ଥାନରେ ପଡ଼ିଆରେ, ଏଥିରେ ଶୋଇପାରେ । ମୁଁ ଏହାକୁ ନେବାକୁ ଯାଉଛି, ମୋ ପାଇଁ ଏକ ତମ୍ବୁ ଏବଂ ଶୋଇବା ବ୍ୟାଗ ନେବାକୁ ଯାଉଛି, କିମ୍ବା ଏପରି କୌଣସି ସ୍ଥାନରେ, ଯେଉଁଠାରେ ମୁଁ ଏକାକୀ ରହିପାରେ, କୌଣସିଠାରେ । ତାହା ଠିକ୍ ।

23 ଏହା ଅତ୍ୟନ୍ତ ପାପମୟ ଅଟେ, ଏହି ରାଷ୍ଟ୍ର, କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ! ଏହା ତ ମହୁଫେଣା ହୋଇଯାଇଛି, ଏବଂ ମୂଳରୁ କ୍ଷୟ ଅଟେ। ଠିକ୍ ଏଠାରେ ଅନ୍ୟ ସ୍ଥାନରେ, ଆପଣଙ୍କ ରାଜ୍ୟରେ...କେବଳ ଏହି ରାଜ୍ୟ ନୁହେଁ, ପ୍ରତ୍ୟେକ ସ୍ଥାନରେ। ଠିକ୍ ଏଠାରେ, କିଛି ବର୍ଷ ପୂର୍ବେ, ମୁଁ ଏଠାରେ ରାଜ୍ୟର, ଏକ ବଡ଼ ସହରରେ ଏକ ଧାର୍ମିକ ସଭାରେ ଥିଲି—ଥିଲି। ଏବଂ ସେହି ରାତି ଏକ ଧାର୍ମିକ ଗୋଷ୍ଠୀ, ଏକ ରୁଢ଼ୀବାଦୀ ମଣ୍ଡଳୀ ଅଳ୍ପ ବୟସ୍କ କିଶୋରମାନଙ୍କ ସହିତ, ଏକ ସମ୍ମିଳନୀ କରୁଥିଲା। ମୁଁ—ମୁଁ କେବେବି...ମୁଁ ଆଫ୍ରିକାରେ ଗୁଣୀ ଗାରୁଡ଼ି ଏବଂ ସବୁକିଛି ଅଧୀନରେ ରହିଛି, ମୁଁ କେବେବି ସେହିପରି କୌଣସି ବିଷୟ ଶୁଣି ନାହିଁ। ଏବଂ ପରଦିନ ସକାଳେ, (ମୁଁ ଆପଣଙ୍କୁ ଅବିକଳ ଭାବରେ କହିପାରେ ନାହିଁ, ଆମେମାନେ ଏକ ମିଶ୍ରିତ ଶ୍ରୋତାବୃନ୍ଦ ଅଟୁ)...ଚଟାଣରେ ପଡି ରହିଥିଲେ, ଅନୈତିକ କାର୍ଯ୍ୟସବୁ ଯାହା କରାଯାଇଥିଲା, ୱିସ୍କି ମଦ ବୋତଲ ସବୁଆଡେ ଗଡି ରହିଥିଲା। ଏବଂ ସେହି ଯୁବା ପିଲାମାନେ, ପୁଅ ଏବଂ ଝିଅମାନେ ରାତିସାରା ସେହି ଗୋଟିଏ କୋଠରୀରେ, ଏକାଠି ରହିଥିଲେ। ଏବଂ ପରଦିନ ସକାଳେ, ସେହି "ପବିତ୍ର ପିତା" ସେଠାରେ ବାହାରେ ବସି ରହିଥିଲେ, ଏବଂ ସେମାନେ ଆସି ତାଙ୍କୁ *ସେପରି* ଭାବରେ ପ୍ରଣାମ କରୁଥିଲେ। ଯୀଶୁ ଖ୍ରୀଷ୍ଟଙ୍କ ନାମ ଅଧୀନରେ!

24 କଅଣ ମୁଁ ପାଗଳ ହୋଇଯାଇଅଛି? ମୋ ସହିତ ମାମଲା କଅଣ—କଅଣ? ମୁଁ ସେହି ଜିନିଷଗୁଡ଼ିକୁ ସହ୍ୟ କରିପାରେ ନାହିଁ! ଏହା...ଯେତେବେଳେ ମୁଁ ତାହା ଦେଖେ ସେତେବେଳେ କିଛି ଗୋଟାଏ ବିଷୟ ମୋତେ ଖଣ୍ଡ ଖଣ୍ଡ କରିଦିଏ। କଅଣ ତାହା ମୋର ପ୍ରଭୁ ଯୀଶୁଙ୍କୁ ପ୍ରତିନିଧିତ୍ୱ କରିବା ପାଇଁ ଅଟେ କି? ଜଣେ ମଦ୍ୟପ, ଅନୈତିକ ବିଷୟଗୁଡ଼ିକ ସହିତ ଅନୈତିକ ଆମୋଦ ପ୍ରମୋଦ ଗୋଷ୍ଠୀ ଯାହାକି...ସେହି ଯୁବା ପୁରୁଷ ଓ ସ୍ତ୍ରୀମାନଙ୍କ ଉପରେ ବ୍ୟବହାର କରାଗଲା, ଭୂମିରେ ଏବଂ ଆବର୍ଜନା ଟୋକେଇରେ ପଡି ରହିଥିଲେ, ଏବଂ ବୋତଲଗୁଡ଼ିକ ଓ...ଓଃ, ମୋର, ଉତ୍ତମତା! କଅଣ ଆପଣ ତାହାକୁ ଖ୍ରୀଷ୍ଟିଆନ ଧର୍ମ ବୋଲି କହିପାରିବେ କି? ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଜଗତ ଏକ ପାପମୟ ଅବସ୍ଥାରେ ଅଛି। ତେବେ, ସେହି ପାପୀ ଯେତେବେଳେ ତାହା ଦେଖେ ସେତେବେଳେ ସେ କଅଣ କୁହେ? ସେମାନଙ୍କ ମଧ୍ୟରୁ ହଜାର ହଜାର ଲୋକ।

25 ସେହି ଯୁବା ଝିଅମାନେ ଏତେ ମଦ୍ୟପାନ କରିଥିଲେ ଯେ ସେମାନେ ଠିଆ ସୁଦ୍ଧା ହୋଇପାରୁ ନ ଥିଲେ, ଏବଂ ରାତିସାରା ସେହି କୋଠାରୀରେ ସେହି ପୁଅ ପିଲାମାନଙ୍କ ସହିତରେ ରହିଥିଲେ, ଏବଂ ଆପଣ ନିଜ ଜୀବନରେ କେବେ ନ ଶୁଣିଥିବା ସବୁଠାରୁ ମନ୍ଦ କଥାବାର୍ତ୍ତା ଚାଲିଥିଲା। ମୁଁ ଏହିପରି ଭାବରେ ମୋ ମୁଣ୍ଡ ଉପରେ ତକିଆ ଦେଇ, ଶୋଇବାକୁ ଚେଷ୍ଟା କରିଥିଲି। ସେହି ଚଟାଣରେ, ମଦ୍ୟପ, ଏବଂ ସେହିପରି ଭାବରେ ଭୂମି ଉପରେ ଉପର ଓ ତଳ ଦୌଡ଼ିବା, ଧାର୍ମିକ!

26 ତେବେ, ମୁଁ ଏହି ପାପୀ ବ୍ୟକ୍ତିମାନଙ୍କୁ ଏକ ପ୍ରକାରେ ଆଶା କରିପାରେ, ବର୍ତ୍ତମାନ,

ଯେଉଁମାନେକି ନିଜକୁ ବୋଲିଂ ଖେଳରେ, କ୍ରୀଡାବିତ ବୋଲି କୁହନ୍ତି। ମୋ ପୁଅମାନଙ୍କ ମଧ୍ୟରୁ ଜଣେ ଏକ ବୋଲିଂ କ୍ରୀଡା ଆଡକୁ ଯିବାକୁ ଆରମ୍ଭ କରିବ, ମୁଁ ତାକୁ ଦେଶରୁ ବାହାର କରିଦେବି। ଉଃ-ହୁଃ। ତାକୁ କ୍ରୀଡା ବୋଲି କୁହନ୍ତି, ତାହା କ୍ରୀଡା ନୁହେଁ। ଏହା କଅଣ...ଯଦି ଆପଣ ଠିକ୍ ହେବାକୁ ଚାହୁଁଛନ୍ତି, ପରମେଶ୍ୱରଙ୍କ ସହିତ ଠିକ୍ ହୁଅନ୍ତୁ। ସତ।

27 ମୁଁ ଆପଣଙ୍କ ପାଇଁ ବାଇବଲରୁ କେବଳ, ଅଳ୍ପ କିଛି ଶବ୍ଦ ପାଠ କରିବାକୁ ଚାହେଁ। ଆପଣ ସେହି ଅଳ୍ପ ଶବ୍ଦଗୁଡିକୁ ଯାହାକୁ ମୁଁ ଏଠାରେ ଏକ ମୂଳପାଠ ନିମନ୍ତେ ପଢିବାକୁ ଚାହେଁ, ତାହା ପ୍ରଥମ ରାଜାବଳୀର 17ତମ ପର୍ବର, 1ମ ପଦରେ ମିଳିଥାଏ।

> *...ମୁଁ ଯାହାଙ୍କ ସାକ୍ଷାତରେ ଛିଡା ହେଉଅଛି, ସେହି ଇସ୍ରାଏଲର ପରମେଶ୍ୱର* ***ସଦାପ୍ରଭୁ*** *ଜୀବିତ୍ ଥିବା ପ୍ରମାଣେ, ଏହି କେତେକ ବର୍ଷରେ କାକର କି ବୃଷ୍ଟି ପଡ଼ିବ ନାହିଁ,...ମୋ ବାକ୍ୟାନୁସାରେ ହେବ।*

ପ୍ରଥମ ରାଜା, 1ମ ପର୍ବ-...17ତମ ପର୍ବ, 1ମ ପଦ।

28 ଯଦି ମୁଁ ଆପଣଙ୍କୁ କୌଣସି ସମୟରେ, ଏକ ପ୍ରାର୍ଥନା କପଡା ପଠାଇପାରେ, ତେବେ ମୋତେ ଲେଖନ୍ତୁ; ମୋର ସଚିବ ଏଠାରେ, ଯିଏକି ବର୍ତ୍ତମାନ ଉପସ୍ଥିତ ଅଛନ୍ତି, ଭାଇ ମାଗୁଏର। କେତେ ଜଣ କଦାଚ ଆମଠାରୁ ଗୋଟିଏ ପ୍ରାର୍ଥନା କପଡା ପାଇଛନ୍ତି? ଆସନ୍ତୁ ଆପଣଙ୍କର ହାତଗୁଡିକୁ ଦେଖିବା। ଭାଇ ଜିମ୍, ଠିଆ ହୁଅନ୍ତୁ। ମୁଁ ଦେଖିବାକୁ ଚାହେଁ... ଆପଣଙ୍କୁ, ଏବଂ ଆପଣଙ୍କର ପତ୍ନୀକୁ ମଧ୍ୟ। ଏଠାରେ ମୋର ସଚିବ ଏବଂ ତାଙ୍କ ପତ୍ନୀ ଅଛନ୍ତି, ସେହି ଜଣକା ଯେଉଁମାନେକି କାମ କରନ୍ତି, ଯେଉଁମାନେକି ପଠାନ୍ତି...ତାହା ସେହି ବାଳକ ଏବଂ ଝିଅ ଅଟନ୍ତି ଯେଉଁମାନେକି ଆପଣଙ୍କୁ ସଭାରୁ ପ୍ରାର୍ଥନା କପଡାଗୁଡିକ ପଠାନ୍ତି, ଉଭୟ ପବିତ୍ରୀକୃତ ଖ୍ରୀଷ୍ଟିଆନ ଅଟନ୍ତି। ଏବଂ ସେହି ସ୍ୱର, ସେହି ମଧୁର ଛୋଟ ସ୍ୱର ଯାହା ଆପଣମାନେ ଶୁଣନ୍ତି ଯେତେବେଳେ ଆପଣ ମୋତେ ଫୋନ୍ କରିଥାନ୍ତି, ତାହା ସେଠାରେ ବସିଥିବା ସେହି ସାନ ମହିଳାଜଣକର ଅଟେ, ତାଙ୍କ ପତ୍ନୀଙ୍କର। ତାଙ୍କ ପିତା ଓ ମାତା, ଏବଂ ସେମାନେ, ଆଜି ଆମ ସହିତ ଏଠାରେ ଅଛନ୍ତି; ଏବଂ—ଏବଂ ସେହି ପ୍ରିୟଜନମାନେ, ଚାରିଆଡ଼େ ଅଛନ୍ତି। ତେଣୁ...ଏବଂ ତାହାପରେ ଆପଣ ମୋର କ୍ଷେତ୍ର ସଚିବ, ଶ୍ରୀମାନ ମର୍ସିଅର୍, ଭାଇ ଲିଓ ମର୍ସିଅରଙ୍କୁ ଜାଣିଛନ୍ତି, ସେ ଏଠାରେ କେଉଁଠାରେ ଅଛନ୍ତି, ଏବଂ ଭାଇ ଜିନ୍ ଗୋଡ୍। ଏବଂ ତେଣୁକରି ଯଦି ଆମେ ଆପଣଙ୍କୁ କୌଣସି ସମୟରେ, ଏକ ପ୍ରାର୍ଥନା କପଡା ପଠାଇପାରୁ, ଏପରି କିଛି ଯାହା ଆମେ କରିପାରୁ, ଆପଣଙ୍କ ପାଇଁ ଫୋନ୍‌ରେ ପ୍ରାର୍ଥନା କରିପାରୁ; ଆମେ ଯାହା କିଛି ବି କରିପାରୁ, ଆମେ ତାହା କରିବା।

29 ନିଜ ହାତରେ ଏକ ବାଡ଼ି ଧରିଥିବା ଏହି ବିଚିତ୍ର ଦିଶୁଥିବା ବ୍ୟକ୍ତିଜଣକ, ତାଙ୍କ ପାଦଗତି ସ୍ଥିର, ତାଙ୍କ ଆଖିଗୁଡିକ ପରମେଶ୍ୱରଙ୍କ ମହିମାରେ ଉଜ୍ଜ୍ୱଳ, ତାଙ୍କ ଦାଢି ତାଙ୍କ ପାର୍ଶ୍ୱ ଦେଇ ଉଡୁଥାଏ, ତାଙ୍କ ଚତୁଃପାର୍ଶ୍ୱରେ ମେଷଚର୍ମର ଖଣ୍ଡେ ପୁରୁଣା ଲୋମଯୁକ୍ତ ଛାଲ, ସେ ଶମିରୋଣ ରାସ୍ତା ଦେଇ ଯାଉଥିବା ବେଳେ ନିଜର ପାଦଗତିକୁ ଯଥାସମ୍ଭବ ଦୃଢ ଭାବରେ

ରଖିଥିଲେ । ସେ ଦେଖିବା ହେତୁ ଅଧିକ ସୁନ୍ଦର ନ ଥିଲେ, ମାତ୍ର ତାଙ୍କ ପାଖରେ ଇସ୍ରାଏଲର ସେହି ମହାନ ରାଷ୍ଟ୍ର ପାଇଁ **ସଦାପ୍ରଭୁ ଏହି କଥା କୁହନ୍ତି** ବିଷୟ ରହିଥିଲା । ହଁ, ତିଷ୍ବି ନିବାସୀ ଏଲିୟ, ପ୍ରଭୁଙ୍କର ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ସେ ଦେଖିବା ଭାଲ୍ଲି ଅଧିକ ସୁନ୍ଦର ନ ଥିଲେ, ମାତ୍ର ତାଙ୍କ ପାଖରେ ପ୍ରଭୁଙ୍କର ବାକ୍ୟ ରହିଥିଲା ।

30 ସେ ରାଜାଙ୍କ ସମ୍ମୁଖରେ ଠିଆ ହେବାକୁ ଭୟ କରୁ ନ ଥିଲେ, କାରଣ ସେ ରାଜାଙ୍କଠାରୁ ମହାନ୍ ଆଉ ଜଣକାଙ୍କ ଉପସ୍ଥିତିରେ ରହିଥିଲେ, ସେ ଯିହୋବାଙ୍କ ଉପସ୍ଥିତିରେ ରହିଥିଲେ । ତେଣୁକରି, ସେ ଜାଣିଥିଲେ ଯେ ସେ କେଉଁଠାରେ ଠିଆ ହୋଇଛନ୍ତି । ଏବଂ ଯେତେବେଳେ ସେ ରାଜାଙ୍କ ସମ୍ମୁଖକୁ ଚାଲିକରି ଗଲେ ସେ ଖନେଇ ହେଲେ ନାହିଁ କିମ୍ବା ଅସ୍ପଷ୍ଟ କଥା କହିଲେ ନାହିଁ, ସେ ଜାଣିଥିଲେ ସେ କଅଣ କହୁଛନ୍ତି । ସେ ରାଜାଙ୍କୁ କହି ପାରିଥିଲେ, "**ଇସ୍ରାଏଲର ସଦାପ୍ରଭୁ ପରମେଶ୍ୱର ଏହି କଥା କୁହନ୍ତି**, 'ସେଠାରେ କୌଣସି ବୃଷ୍ଟି କିମ୍ବା କାକର ପଡିବ ନାହିଁ ଯେପର୍ଯ୍ୟନ୍ତକି ମୁଁ ତାହାକୁ ନ କୁହେ ।'" ସେ କାହିଁକି କହିଲେ ଯେ, "ଯେପର୍ଯ୍ୟନ୍ତ ମୁଁ ଏହାକୁ ନ କୁହେ । *ମୋର* ବାକ୍ୟ ଅନୁଯାୟୀ"? କାରଣ ତାଙ୍କ ପାଖରେ ସଦାପ୍ରଭୁଙ୍କର ବାକ୍ୟ ଥିଲା, ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ଏବଂ ଭବିଷ୍ୟଦ୍‌ବକ୍ତାଙ୍କ ପାଖରେ ପ୍ରଭୁଙ୍କର ବାକ୍ୟ ରହିଥାଏ ।

31 ପୁରାତନ ନିୟମର ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ସମାନ୍ତରାଳ ବିଷୟ ଦେଖିବା ଏହା କେତେ ଏକ ଆଶ୍ଚର୍ଯ୍ୟଜନକ ବିଷୟ ଅଟେ । ସେ ଦୁହେଁ ମହାନ ରାଷ୍ଟ୍ର ଥିଲେ । ଉଭୟେ ପ୍ରତିଷ୍ଠା କରା ଯାଇଥିଲେ, ଏବଂ ଧାର୍ମିକ ନିର୍ଯାତନା ହେତୁ, ସେମାନଙ୍କର ଲୋକମାନେ ସେଠାକୁ ଆସିଥିଲେ ।

32 ଇସ୍ରାଏଲ ଫାରୋଙ୍କ ଦ୍ୱାରା ନିର୍ଯାତିତ ହୋଇଥିଲେ ଏବଂ ଶହ ଶହ ବର୍ଷ ଧରି ଦାସତ୍ୱ ବନ୍ଧନରେ ରହିଥିଲେ, ଯେଉଁଠାରେ ସେମାନେ ସତ୍ୟ ଏବଂ ଜୀବନ୍ତ ପରମେଶ୍ୱରଙ୍କୁ ଉପାସନା କରିବାରୁ ବଞ୍ଚିତ ହୋଇଥିଲେ, ଏବଂ ସେହି ସୌଭାଗ୍ୟରୁ ବଞ୍ଚିତ ହୋଇଥିଲେ; ଏବଂ ସେମାନେ କ୍ରୀତଦାସ ହୋଇଗଲେ । ମାତ୍ରା ପରମେଶ୍ୱର ସେମାନଙ୍କୁ ନିଜ ବାଇବଲରେ, କିମ୍ବା ନିଜ ବାକ୍ୟରେ, ଏବଂ ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ପ୍ରତିଜ୍ଞା କରିଥିଲେ, ଯେ ସେ ସେମାନଙ୍କୁ ଏକ ଦେଶ ଦେବେ । ଏବଂ ସେମାନେ ଏହି ଦେଶକୁ ଆସିବେ ଓ ସେହି ଦେଶର ମୂଳ ଅଧିବାସୀମାନଙ୍କୁ ତଡି ଦେବେ, ଏବଂ ସେମାନଙ୍କର ଅଧିକାରକୁ ଗ୍ରହଣ କରି ନେବେ, କାରଣ ପରମେଶ୍ୱରଙ୍କଠାରେ ତାହା କରିବାର ଏକ ଉଦ୍ଦେଶ୍ୟ ରହିଥିଲା ।

33 ଏବଂ ଠିକ ସେହିପରି ଭାବେ ଆମର ଏହି ମହାନ ରାଷ୍ଟ୍ର ମଧ୍ୟ ଅଟେ । ଆମେମାନେ ଏଠାକୁ ଆସିଲୁ, ଏବଂ ପ୍ଲାଇମାଉଥ ଶୈଳ ଉପରେ ଧର୍ମର ସ୍ୱାଧୀନତା ଉପରେ ଏହି ରାଷ୍ଟ୍ର ପ୍ରତିଷ୍ଠିତ କରାଯାଇଥିଲା କାରଣ ଆମର ପୂର୍ବପୁରୁଷମାନେ ସେହି ଆଧୁନିକ ଈଷେବଲ୍ ବ୍ୟବସ୍ଥାର ରୋମୀୟ ତାଡନାରୁ ପଳାୟନ କରିଥିଲେ, ଏବଂ ଆସି ଈଷେବଲ୍‌ଙ୍କ ସେହି ମିଥ୍ୟା ବ୍ୟବସ୍ଥା ଅଧୀନରେ ଅନେକ ବଡ଼ ବଡ଼ ନିର୍ଯ୍ୟାତନାମାନ ଓ ଶହୀଦ ବଳିଦାନମାନ ସହ୍ୟ କରିଥିଲେ । ଏବଂ ବାଇବଲର, ପ୍ରକାଶିତ ବାକ୍ୟର, ସେହି 13ତମ ପର୍ବ ଅନୁଯାୟୀ,

ପରମେଶ୍ୱର ସେମାନଙ୍କୁ ମରୁଭୂମିରେ ଏକ ସବୁଜ ତୃଣଭୂମି ପ୍ରତିଜ୍ଞା କରିଥିଲେ, ଏବଂ ଏପରି ଏକ ସ୍ଥାନ, କାରଣ ସେହି ସ୍ତ୍ରୀଲୋକକୁ ପ୍ରାନ୍ତର ମଧ୍ୟକୁ ଘେନି ନିଆଯାଇଥିଲା ଯେଉଁଠାରେ ତାଙ୍କୁ ଏକ ସମୟ, ସମୟର କାଳ ଏବଂ ସମୟର ବିଭାଜନ ପାଇଁ ପ୍ରତିପୋଷିତ କରା ଯାଇଥିଲା । ପରମେଶ୍ୱର ଆମେରିକାକୁ, କିମ୍ବା ସେହି ମଣ୍ଡଳୀକୁ (ସେହି ସ୍ତ୍ରୀଲୋକକୁ), ଏହା ପ୍ରତିଜ୍ଞା କରିଥିଲେ ଯେ ସେ ଏହି ଦେଶକୁ ଆସିବ ।

34 କଅଣ ଆପଣମାନେ ପ୍ରକାଶିତ ବାକ୍ୟ 13 କୁ ଲକ୍ଷ୍ୟ କଲେ କି? ଅନ୍ୟ ସମସ୍ତ ପଶୁଗୁଡିକ ସମୁଦ୍ରରୁ, ଜଳରାଶିରୁ ବାହାରି ଆସିଥିଲେ; ପ୍ରକାଶିତ ବାକ୍ୟ 17:17, କୁହେ, "ତୁମେ ଯେଉଁ ଜଳରାଶି ଦେଖୁଛ ତାହା ଲୋକମାନଙ୍କର ଜନ ସମାଗମ ଏବଂ ଭୀଡ଼ ଅଟେ ।" ଅନ୍ୟ ସମସ୍ତ ପଶୁଗୁଡିକ, ସେମାନେ ସେହି ଜଳରାଶି, ଲୋକମାନଙ୍କର ଜନ ସମାଗମ ଏବଂ ଭୀଡ଼ରୁ ବାହାରି ଆସିଥିଲେ । ମାତ୍ର ଯେତେବେଳେ ଆମେରିକା ଉପରକୁ ଉଠି ଆସିଲା, "ଏହା ଏପରି ପୃଥିବୀରୁ ବାହାରି ଆସିଲା ଯେଉଁଠାରେ କୌଣସି ଲୋକ ନ ଥିଲେ ।" ଏବଂ ମନେ ରଖନ୍ତୁ, ଯେତେବେଳେ ଏହା ଉପରକୁ ଆସିଲା, ଏହା ଗୋଟିଏ ଛୋଟ ମେଷଶାବକ ପରି ଦେଖାଯାଉଥିଲା ।

35 ତେବେ, ଗୋଟିଏ ମେଷଶାବକର ଦୁଇଟି ଶିଙ୍ଗ ଥାଏ, ଏବଂ ତାହା ହେଉଛି ସାମାଜିକ ଏବଂ ମାଣ୍ଡଳିକ ଶକ୍ତି । ମାତ୍ର ଯେତେବେଳେ ସେମାନେ ଏକୀକୃତ ହୋଇଗଲେ, ମନେରଖନ୍ତୁ, ସେତେବେଳେ ସେହି ମେଷଶାବକ ସେହି ଅଜଗର ପରି କଥା କହିଲା ଯେପରିକି ତାଙ୍କ ସମ୍ମୁଖରେ କହିଥିଲା; ଏବଂ ସେହି ଅଜଗର ରୋମ୍ ଥିଲା ।

36 ଯେତେବେଳେ ସେହି ଅଜଗର ସେହି ସ୍ତ୍ରୀ ସମ୍ମୁଖରେ ସେ ସନ୍ତାନ ପ୍ରସବ କରିବା ମାତ୍ରକେ ତାକୁ ଗ୍ରାସ କରିବ ବୋଲି ଛିଡା ହୋଇଥିଲା, ସେହି ଲାଲ ଅଜଗର…କିଏ ସେହି ସ୍ତ୍ରୀ ଇସ୍ରାଏଲ ସମ୍ମୁଖରେ ଠିଆ ହୋଇଥିଲା, ଯେପରିକି ସେହି ଶିଶୁକୁ ଜନ୍ମ ହେବା ମାତ୍ରକେ ଗ୍ରାସ କରିବ, ଏବଂ ଏକ ନିର୍ଯ୍ୟାତନା ପ୍ରେରଣ କରିବ ଏବଂ ଦୁଇ ବର୍ଷରୁ କମ୍ ସମସ୍ତ ଶିଶୁମାନଙ୍କୁ ହତ୍ୟା କରିବ? "ରୋମ୍, ସେହି ଅଜଗର, ସେହି ସ୍ତ୍ରୀ ପାଖରେ ଛିଡା ହୋଇଥିଲା ଯେପରିକି ତାର ଶିଶୁଟିକୁ ଜନ୍ମ ହେବା ମାତ୍ରେ ଗ୍ରାସ କରିବ ।"

37 ଏବଂ ତାହାପରେ, ଆମେ ପାଉ, ଯେ ଏହି ଦେଶ ଏକ ମୁକ୍ତ ଦେଶ ଭାବରେ ଆସିଥିଲା, ଏବଂ ଥିଲା…ଗୋଟିଏ ମେଷଶାବକ ଥିଲା, ଯାହାର ଅର୍ଥ ହେଉଛି ପରମେଶ୍ୱରଙ୍କ ମେଷଶାବକ । ମାତ୍ର, କିଛି ସମୟ ପରେ, ଏହି ସମାନ ବ୍ୟବସ୍ଥା ଯାହା ଆମ ପାଖରେ ଅଛି, ଅଜଗର ପରି କଥା କହିଲା ଏବଂ ଅଜଗର ପାଖରେ ଥିବା ସମସ୍ତ ଶକ୍ତିକୁ ତାଙ୍କ ସମ୍ମୁଖରେ ବ୍ୟବହାର କଲା ।

38 ସେଗୁଡ଼ିକ ଜଣେ ଅନ୍ୟ ସହିତ, ସଂପୂର୍ଣ୍ଣ ଭାବରେ, ସମାନ୍ତରାଳ ଅଟେ । ଏବଂ ମନେରଖନ୍ତୁ ଯେତେବେଳେ ଏଗୁଡ଼ିକ…ଇସ୍ରାଏଲ ଆସି ନିଜର ଦେଶ ଏବଂ ପାଲେଷ୍ଟାଇନ୍‌କୁ ଦାଖଲ କଲା, ସେହି ଭୂମିର ସମସ୍ତ ଅଧିବାସୀମାନଙ୍କୁ ଘଉଡ଼ାଇ ଦେଇ ସେହି ଦେଶକୁ

ଅଧିକାର କଲା । ଆମେମାନେ ଭିତରକୁ ଆସି ଏହାକୁ ସେହି ମୂଳ ଭାରତୀୟମାନଙ୍କଠାରୁ ଅଧିକାର କରି ନେଲୁ, ସେମାନଙ୍କୁ ଘଉଡାଇ ଦେଇ ସେହି ଭୂମିକୁ ଅଧିକାର କରି ନେଲୁ । ପରମେଶ୍ୱରଙ୍କର ପାଖରେ ତାହାର ଏକ କାରଣ ଥିଲା । ପରମେଶ୍ୱର ଜଗତକୁ ଏହା ଦେଖାଇବାକୁ ଯାଉଥିଲେ ଯେ ସେ ଲୋକମାନଙ୍କର ଅଳ୍ପ ଏକ—ଏକ ଦଳ ସହିତ କଅଣ କରିପାରିବେ ଯେଉଁମାନେକି ସ୍ୱାଧୀନତା ଚାହୁଁଥିଲେ, ଏବଂ ଧର୍ମର ସ୍ୱାଧୀନତା ଚାହୁଁଥିଲେ, ଯେପରିକି ପରମେଶ୍ୱରଙ୍କ ସେବା କରନ୍ତି ।

39 ସେମାନେ ଇସ୍ରାଏଲ ପାଇଁ କଅଣ କଲେ? ସେ ଇସ୍ରାଏଲକୁ ଜଗତର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର କରି ଦେଲେ, ଏବଂ ଇସ୍ରାଏଲ ସେହିପରି ଅବସ୍ଥାରେ ସେପର୍ଯ୍ୟନ୍ତ ରହିଲା ଯେପର୍ଯ୍ୟନ୍ତକି ସେ ପରମେଶ୍ୱରଙ୍କ ଇଚ୍ଛାରୁ ବାହାରି ନ ଗଲା । ସେ ଆମେରିକା ସହିତ କଅଣ କଲେ? ସେ ତାକୁ ଜଗତର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର କରି ଦେଲେ ଯେପର୍ଯ୍ୟନ୍ତକି ସେ ପରମେଶ୍ୱରଙ୍କ ଇଚ୍ଛାରୁ ବାହାରି ନ ଗଲା । ଜଣେ ଅନ୍ୟ ପ୍ରତି, ଅବିକଳ ଭାବେ, ସମାନ୍ତରାଳ ଅଟନ୍ତି ।

40 ଯେତେବେଳେ ଇସ୍ରାଏଲ ସେହି ଦେଶକୁ ଆସିଲା, ସେମାନେ ଏକ—ଏକ ମହାନ ଲୋକ ଥିଲେ କାରଣ ସେମାନଙ୍କ ପାଖରେ ମହାନ ନେତୃତ୍ୱ ରହିଥିଲା । ସେମାନଙ୍କ ପାଖରେ ସେମାନଙ୍କ ଉପରେ ଶାସନ କରିବାକୁ ପରମେଶ୍ୱର-ଭୟାଳୁ ଲୋକମାନେ ଥିଲେ, ଯେପରିକି ଦାଉଦ, ରାଜା ଶଲୋମନ । ସମସ୍ତ ଜଗତ ସେମାନଙ୍କୁ ଭୟ କରୁଥିଲା, ଏବଂ ସେମାନଙ୍କର କୌଣସି ଯୁଦ୍ଧ, କୌଣସି ଅସୁବିଧା ନ ଥିବାର, ଏବଂ ପରମେଶ୍ୱରଙ୍କ ଶକ୍ତିର ଅଧୀନରେ ରହିବାର ସେହି ସୌଭାଗ୍ୟକୁ ଉପଭୋଗ କରିଥିଲେ, ଯେପର୍ଯ୍ୟନ୍ତକି ସମଗ୍ର ଜଣାଶୁଣା ଜଗତରୁ ଲୋକମାନେ ସେମାନଙ୍କୁ ଦେଖିବା ପାଇଁ ନ ଆସିଗଲେ । ପରମେଶ୍ୱର ସେମାନଙ୍କୁ ହୃଦୟର କଥା ଜାଣିବାର ଏକ ବରଦାନ ଦେଇଥିଲେ, ଏହା ଶଲୋମନଙ୍କ ଉପରେ ଥିଲା । ଏବଂ ଦକ୍ଷିଣର ରାଣୀ, ଠାରୁ...ଶିବା ରାଣୀ ସମଗ୍ର ସାହାରା ମରୁଭୂମି ଦେଇ ଆସିଥିଲେ (ତାଙ୍କୁ ତିନି ମାସ ଲାଗିଥିଲା) କେବଳ ଶଲୋମୋନ୍‌ଙ୍କ ଜ୍ଞାନ ଶୁଣିବା ପାଇଁ ଆସିଥିଲେ । ଏବଂ ଯେତେବେଳେ ସେ ଦେଖିଲେ ଯେ ଶଲୋମୋନ୍ ଆତ୍ମାମାନଙ୍କୁ ଚିହ୍ନି ପାରିଥିଲେ, ଏବଂ ତାଙ୍କ ହୃଦୟର ଥିବା ନିଗୂଢ ବିଷୟଗୁଡିକୁ ତାଙ୍କୁ ଜଣାଇଥିଲେ, ସେ କହିଲେ, "ମୁଁ ଆପଣଙ୍କ ବିଷୟରେ ଯାହାସବୁ ଶୁଣିଥିଲି ତାହା ଠିକ୍ ଥିଲା, ଏବଂ ତାହା ବ୍ୟତୀତ ଅଧିକ ଥିଲା ।" ସେ ସୁନିଶ୍ଚିତ ଥିଲେ ଯେ ତାହା ପରମେଶ୍ୱର ଅଟନ୍ତି ।

41 ଏବଂ ଆମେରିକା, ଆମର ପୂର୍ବପୁରୁଷଙ୍କ ଆଧାରରେ ଯେଉଁମାନେକି ଏଠାକୁ ଧାର୍ମିକ ସ୍ୱାଧୀନତା ପାଇଁ ଆସିଥିଲେ...ଆମ ପାଖରେ ସେଦିନମାନଙ୍କରେ ନେତା ଭାବରେ, ଧାର୍ମିକ ପୁରୁଷମାନେ ଥିଲେ: ଜର୍ଜ ୱାଶିଂଟନ୍, ଅବ୍ରାହମ୍ ଲିଙ୍କନ୍, ପ୍ରଖ୍ୟାତ ଚରିତ୍ରର ବ୍ୟକ୍ତିମାନେ, ପରମେଶ୍ୱରଙ୍କ ପୁରୁଷମାନେ । ସେହି ଦିନମାନଙ୍କରେ, ଆମେରିକା ଥିଲା ଆମେରିକା ।

42 ଜର୍ଜ ୱାଶିଂଟନ୍, ଏଠାରେ ଭ୍ୟାଲି ଫୋର୍ଜଠାରେ, ସେ ଡେଲାୱେର୍ ପାରି ହେବା

ପୂର୍ବରୁ, ରାତିସାରା ପ୍ରାର୍ଥନା କରିଥିଲେ, ଏପରିକି ସେ ବରଫରେ ଆଣ୍ଠୁମାଡି ରହିବା ଦ୍ୱାରା, ଅଣ୍ଟା ପର୍ଯ୍ୟନ୍ତ ଓଦା ହୋଇ ଯାଇଥିଲେ। ଏବଂ ପରଦିନ ସକାଳେ ଯେତେବେଳେ ଆମେରିକୀୟମାନେ ଯିବାକୁ ଆରମ୍ଭ କଲେ, ସେଠାରେ ସେହି ଆମେରିକୀୟ ସେନା ପାଖରେ, ସେମାନଙ୍କ ମଧ୍ୟରୁ ପ୍ରାୟଃ କେବଳ କୋଡ଼ିଏ ପ୍ରତିଶତ ଲୋକମାନଙ୍କ ପାଖରେ ହିଁ ଜୋତା ପିନ୍ଧିବା ପାଇଁ ଥିଲା। ମାତ୍ର ସେମାନଙ୍କର ଏକ ନୀତି ଥିଲା, ସେମାନଙ୍କ ପାଖରେ ଏପରି କିଛି ଥିଲା ଯାହା ପାଇଁ ସେମାନଙ୍କୁ ଲଢିବାକୁ ଅଛି। ସେମାନଙ୍କର କୌଣସି ଫରକ୍ ପଡେ ନାହିଁ ଯେ କଅଣ ଆସିଲା କିମ୍ବା ଗଲା। କୃଷକମାନେ ଆସିଲେ, ସେମାନଙ୍କର ହଳ କରିବା ବନ୍ଦ କଲେ ଏବଂ ତାଙ୍କର ବଳଦକୁ ବାହାର କଲେ, ଏବଂ ତାଙ୍କ ରାଇଫଲ ବନ୍ଧୁକକୁ ନେଇ ତାହା ପାଇଁ ଲଢିବାକୁ ଗଲେ ଯାହାକୁ ସେ ସ୍ୱାଧୀନତା ବୋଲି ଜାଣିଥିଲେ। ଏବଂ ପରଦିନ, ମୁଁ ବିଶ୍ୱାସ କରେ ଯେ ଏହା, ଚାରି କିମ୍ବା ପାଞ୍ଚଟି ଗୁଳି ଛିଦ୍ର ଥିଲା, ମୁସ୍କେଟ୍ ଗୁଳି ଥିଲା, ଯାହାକି ତାଙ୍କ କୋଟ ଏବଂ ଟୋପି ଦେଇ ଚାଲି ଯାଇଥିଲା ଏବଂ ତାଙ୍କୁ କେବେବି ସ୍ପର୍ଶ କରି ନ ଥିଲା।

43 ପରମେଶ୍ୱରଙ୍କ ପୁରୁଷମାନେ, ଯେଉଁମାନେକି ଏହି ରାଷ୍ଟ୍ରକୁ ପ୍ରତିଷ୍ଠା କରିଥିଲେ, ମହାନ ବ୍ୟକ୍ତିମାନେ! ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେମାନେ ଲେଖିଲେ:

> ଆମର ଭୂମି ବହୁ ସମୟ ଧରି ଉଜ୍ଜ୍ୱଳ ରହୁ
> ସ୍ୱାଧୀନତାର ପବିତ୍ର ଆଲୋକରେ,
> ତୁମ ଶକ୍ତି ଦ୍ୱାରା ଆମକୁ ରକ୍ଷା କର,
> ହେ ମହାନ ପରମେଶ୍ୱର, ଆମର ରାଜା!

44 କିଛି ସମୟ ପୂର୍ବରୁ, ମୁଁ ଇଣ୍ଡିୟାନାର, କୋରିଡୋନ୍‌ଠାରେ ଜଣେ ବୃଦ୍ଧ ବ୍ୟକ୍ତିଙ୍କ ସହ କଥା ହେଉଥିଲି। ସେ ମୋତେ ସେହି ସମୟର କଥା କହୁଥିଲେ ଯେତେବେଳେ କ୍ୟାପିଟଲ ଭବନଟି କୋରିଡୋନ୍‌ଠାରେ ଅବସ୍ଥିତ ଥିଲା, ଏବଂ କିପରି ସେ…କହିଥିଲେ ଯେ ସେ କିପରି ସେହି—ସେହି ରାଜ୍ୟପାଳର ଭାଷଣକୁ ଶୁଣିବା ପାଇଁ ଏକ ବଳଦ ଗାଡିରେ ଯାଇଥିଲେ। ଏବଂ ସେ ଓ ସେହି ରାଜ୍ୟପାଳ କେବଳ ଦୁଇଜଣ ଥିଲେ ଯାହାଙ୍କ ପାଖରେ ଦୁଇ ଖଣ୍ଡିଆ, ଏକ ସୁଟ୍, ରହିଥିଲା। କହିଲେ ଯେ ସେ ମେଣ୍ଢା ଚରାଇଥିଲେ ଓ ସେମାନଙ୍କ ଲୋମ କାଟିଥିଲେ, ଏବଂ ସେମାନଙ୍କର ଲୋମ ଧୋଇଥିଲେ, ତାଙ୍କ ଭଉଣୀମାନେ ଏହାକୁ ବୁଣିଥିଲେ ଏବଂ ତାଙ୍କ ପାଇଁ ପାଇଜାମା ସହିତ ମିଶୁଥିବା ଏକ କୋଟ ତିଆରି କରିଥିଲେ। ଏବଂ ସେଠାରେ ବସିଥିବା ସେହି ବୃଦ୍ଧ ବ୍ୟକ୍ତିଜଣକ, ସେତେବେଳେ ପ୍ରାୟଃ ପଞ୍ଚା-ଅଶି କିମ୍ବା ନବେ ବର୍ଷର ହୋଇଥିବେ, ନିଜର ଦାଢୀକୁ *ସେପରି* ଭାବରେ ଟାଣିଲେ, ଏବଂ ସେ କହିଲେ, "ବିଲି, ତାହା ସେହି ସମୟ ଥିଲା ଯେତେବେଳେ *ଆମେରିକୀ* ଥିଲେ *ଆମେରିକୀ*।"

45 ମୁଁ ସେହି ବୃଦ୍ଧ ବ୍ୟକ୍ତି ଆଡକୁ ଅନାଇଲି, ଏବଂ ମୁଁ ଭାବିଲି, "ବାଳକ, ଆପଣ, ଏହି ଯୁବା ଲୋକମାନଙ୍କ ମଧ୍ୟରୁ ଅନେକେ ଏହାକୁ ବିଶ୍ୱାସ କରିବେ ନାହିଁ, ମାତ୍ର ଆପଣ ସତ କହୁଛନ୍ତି।"

46 ଏହି ସମସ୍ତ ଈଶ୍ୱରୀୟ ପୃଷ୍ଠଭୂମି ପରେ ଇସ୍ରାଏଲ ସହିତ କଅଣ ହେଲା? ସେମାନେ ସ୍ୱଚ୍ଛନ୍ଦ ପ୍ରବୃତ୍ତିର ଲଗାମଛଡା ହେବାକୁ ଲାଗିଲେ। ସେମାନେ ଏପରି ଏକ ସ୍ଥାନରେ ପହଞ୍ଚିବାକୁ ଲାଗିଲେ ଯେଉଁଠାରେ ସେମାନେ, ତେବେ, କଅଣ ଚାଲିଥିଲା ସେଥିପ୍ରତି ସେମାନଙ୍କର କୌଣସି ଧ୍ୟାନ ନ ଥିଲା। ସେମାନେ ପରମେଶ୍ୱରଙ୍କ ତାଙ୍କ ଉପାସନା କରିବାରେ ଅଳସୁଆ ହେବାକୁ ଲାଗିଲେ, ଯଦିଓ ସେମାନେ ଧର୍ମର ଏକ ରୂପ ଧାରଣ କରିଥିଲେ ଠିକ ଯେପରିକି ଆମେମାନେ କରିଥାଉ। ସେମାନଙ୍କ ପାଖରେ ଧାର୍ମିକତାର ଏକ ବେଶ ରହିଥିଲା। ମାତ୍ର ସେମାନେ ନିଜର ଲୋକମାନଙ୍କ ସହିତ ସ୍ୱଚ୍ଛନ୍ଦ ପ୍ରବୃତ୍ତି ହେବାକୁ ଲାଗିଲେ, ଏବଂ—ଏବଂ ସେମାନେ ନିଜ ମଣ୍ଡଳୀରେ ବିଭିନ୍ନ ଈଶ୍ୱରଦ୍ରୋହୀ ବିଷୟଗୁଡିକୁ ଆଣିବାକୁ ଆରମ୍ଭ କଲେ। ଧୀରେ ଧୀରେ ବାଲିମ୍‌ର ଉପାସନା ପ୍ରବେଶ କରିବାକୁ ଲାଗିଲା, ଏବଂ ଇସ୍ରାଏଲ୍ ସୁଖବିଳାସ ଭୋଗୀ ପାଗଳ, ମଦ୍ୟପ, ଏବଂ ସେହିପରି ବିଷୟଗୁଡିକ ହେବାକୁ ଲାଗିଲା, ଏବଂ ଅବଶେଷରେ ଏପରି ଜଣେ ନେତାଙ୍କୁ ନେଇ ଆସିଲା ଯିଏକି ପରମେଶ୍ୱରଙ୍କୁ ଜାଣି ନ ଥିଲେ; ଆହାବ, ଯିଏକି ତାଙ୍କ ପିତାଙ୍କର ଉତ୍ତରାଧିକାରୀ ହୋଇଥିଲେ। ଏବଂ ତାଙ୍କ ପିତା ଜଣେ ଅଧାର୍ମିକ, ଧନୀ ବ୍ୟକ୍ତି ଥିଲେ, ମାତ୍ର ଜଣେ ଅଧାର୍ମିକ ବ୍ୟକ୍ତି ଥିଲେ। ଏବଂ ସେ ସମସ୍ତ ପାପଗୁଡିକୁ କରିଥିଲେ, ସେସବୁ ଅପେକ୍ଷା ଅଧିକ କରିଥିଲେ ଯେଉଁମାନେକି ତାଙ୍କ ପୂର୍ବରୁ କେବେ କେହି କରିଥିଲା। ମାତ୍ର ଇସ୍ରାଏଲ, ସେମାନଙ୍କର ମଦ୍ୟପାନର ନିଶାରେ, ସେମାନେ ଏପରି ଜଣେ ବ୍ୟକ୍ତିଙ୍କୁ ସ୍ଥାପନ କଲେ, ଏବଂ ତାଙ୍କୁ ସେମାନଙ୍କ ଉପରେ ଜଣେ ଶାସକ ହେବା ପାଇଁ ସିଂହାସନରେ ବସାଇଲେ। ସେମାନେ ଭାବିଲେ ଯେ ଏହା ଠିକ୍ ଅଟେ, ଠିକ୍ ଯେପରି ଆଜି ଅନେକ ଆମେରିକୀୟମାନେ କରନ୍ତି, "ସେ ଜଣେ ଭଲ ରାଜନେତା ଅଟନ୍ତି, ତେବେ ଏଥିରେ କି ଫରକ ପଡେ? ଏଥିରେ କୌଣସି ଫରକ୍ ପଡ଼େ ନାହିଁ, କାରଣ ସେ ଜଣେ ଭଲ ରାଜନେତା ଅଟନ୍ତି।"

47 ଅନେକ ଆମେରିକୀୟମାନେ, ସେମାନଙ୍କ ମଧ୍ୟରୁ ଅନେକେ, ଜଣେ ଆମେରିକୀୟ ଭାବରେ, ସେମାନଙ୍କର ଜନ୍ମ ଅଧିକାରକୁ ବିକ୍ରୟ କରି ଦେଇଛନ୍ତି, ଏବଂ କୁହନ୍ତି, "ଯେପର୍ଯ୍ୟନ୍ତ ଆପଣ ସରକାରଠାରୁ କିଛି ଅତିରିକ୍ତ ଡଲାର ପାଉଅଛୁ ଏବଂ ବଞ୍ଚି ରହିଛୁ, ତେବେ ଏଥିରେ କି ଫରକ ପଡ଼େ?" ସେମାନେ ପେଟ ନିମନ୍ତେ, ଏବଂ କାମାଭିଳାଷ ଓ ଏକ ପାପପୂର୍ଣ୍ଣ ଜଗତର ଲୋଭ ନିମନ୍ତେ ବିକ୍ରୟ ହୋଇଗଲେ, ଏବଂ ଠିକ ସେହି ମୁଖ୍ୟ ବିଷୟକୁ ଭୁଲିଗଲେ ଯେଉଁଥି ପାଇଁ ଆମେ ପ୍ଲାଇମାଉଥ୍ ଶୈଳ ଉପରେ ଅବତରଣ କରିଥିଲୁ। ସେମାନେ ଆମର ଐତିହ୍ୟକୁ ଭୁଲିଗଲେ, ଏବଂ ଯାଇ ସୁଖ ବିଳାସ ଭୋଗୀ-ପାଗଳ ଜନତାଙ୍କ ନିକଟରେ ବିକ୍ରୟ ହୋଇଗଲେ। ଯେପରି ତାହା ଇସ୍ରାଏଲ୍‌ର ଦିନଗୁଡିକରେ ହୋଇଥିଲା, ଏହା ଠିକ ସେହିପରି ହିଁ ହୋଇଅଛି, ଆମେରିକାର ଠିକ ସେହି ସମାନ ମାର୍ଗକୁ, ଠିକ ସେହି ସମାନ ପଥକୁ ଅବଲମ୍ବନ କରୁଛି, ଭୋଗ ବିଳାସ!

48 କିଛି ସମୟ ପରେ, ସରକାର ପାପକୁ ସମର୍ଥନ କଲେ: "ଯେପର୍ଯ୍ୟନ୍ତ ତୁମର ଏକ ଆରାଧନାଳୟ ଅଛି, ଏଥିରେ କି ଫରକ ପଡେ?" ଠିକ ତାହାହିଁ ଅଟେ ଯାହାକି ଆମେରିକା

କରିଅଛି । ଏବଂ ଆମେମାନେ ନିଜକୁ ଏକତ୍ର ସଂଗଠିତ କରିବାକୁ ଲାଗିଲୁ ଏବଂ ଛୋଟ ଛୋଟ ଗୋଷ୍ଠୀ ଗଠନ କରିବାକୁ, ଏବଂ ଅଧିକ ପାପମୟ, ଆହୁରି ଅଧିକ ପାପମୟ, ଅଧିକରୁ ଅଧିକ ପାପମୟ ହେବାକୁ ଆରମ୍ଭ କଲୁ । ଆମେମାନେ ଯଦି ସେହି ପ୍ରକୃତ ନୀତିଗୁଡିକ ସହିତ ରହିଥାଆନ୍ତୁ ଯାହା ପାଇଁ ଆମେ ଏଠାରେ ଅବତରଣ କରିଥିଲୁ! ପାପ ମଣ୍ଡଳୀଗୁଡ଼ିକରେ ପ୍ରବେଶ କରିବାକୁ ଆରମ୍ଭ କରିବାକୁ ଲାଗିଲା ଠିକ ଯେପରି ତାହା ସେଦିନ ହୋଇଥିଲା । ସ୍ତ୍ରୀଲୋକମାନେ କେଶ କାଟିବାକୁ, ଅନୈତିକ ପୋଷାକ ପିନ୍ଧିବାକୁ, ସେଗୁଡିକୁ ପ୍ରତିବର୍ଷ ଆହୁରି ଛୋଟ କରି କାଟିବାକୁ ଆରମ୍ଭ କରି ଦେଲେ...ଏବଂ ପୁରୁଷମାନେ *ଏହା, ତାହା* କିମ୍ବା *ଅନ୍ୟ* କିଛି କରିବାକୁ ଆରମ୍ଭ କରି ଦେଲେ, ଏବଂ ମଣ୍ଡଳୀରେ ତାଶପତା ଓ ବଙ୍କୋ ଖେଳ ପରିବେଷଣ କରିବାକୁ ଆରମ୍ଭ କରି ଦେଲେ, ଏବଂ ସେମାନେ ଯଥା ସମ୍ଭବ ସାଂସାରିକ ହୋଇଗଲେ ଯେତିକି ହୋଇପାରନ୍ତି, ସୁଖ ଭୋଗୀ ପାଗଳ, ମଦ୍ୟପ ନିଶାସକ୍ତ ହୋଇଗଲେ ।

49 ସେବକଗଣ ସେମିନାରୀରୁ ସ୍ନାତକ ଯୋଗ୍ୟତା ହାସଲ କଲେ, ଏବଂ ବିଶପ୍ କହିଲେ, "ବାଳକମାନେ, ତୁମର ଯାହା ଇଚ୍ଛା, ତାହା ପ୍ରଚାର କର । ଯେତେ ଦୂର ମୋର କଥା ଅଟେ, ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଉଣେଇଶ ଶହ ବର୍ଷ ପୂର୍ବେ ଶୁଖି ଯାଇଅଛି ।" ଏପରିକି ସେହି ମଣ୍ଡଳୀ ଆଉ କିଛି ନୁହେଁ ବରଂ ଏକ ସଂଗଠନ, ଏକ ପାନ୍ଥଶାଳା ପରି ହୋଇଗଲା । ଆପଣ ଏହି ବିଷୟକୁ ଆଜି ଅପରାହ୍ନରେ କେବେବି ନ ଭୁଲନ୍ତୁ! ଏକ ପାନ୍ଥଶାଳା ପରି ହୋଇଗଲା, ଜଗତ ଭିତରକୁ ପ୍ରବେଶ କରିବାକୁ ଲାଗିଲା, ସେବକଗଣ ଆପୋଷ ବୁଝାମଣା କରିବାକୁ ଆରମ୍ଭ କଲେ ଠିକ ଯେପରି ସେମାନେ ଆହାବଙ୍କ ସମୟରେ କରିଥିଲେ । ପାପମୟ, ମୂଳ ପର୍ଯ୍ୟନ୍ତ କ୍ଷୟଯୁକ୍ତ, ଏବଂ ଆଗକୁ ଓ ଆଗକୁ ଏହା ସେତିକି କଠୋର ହୋଇଚାଲିଲା ଯେତିକି ଏହା ହୋଇପାରେ ।

50 ଯଦିଓ ପରମେଶ୍ୱର ସେମାନଙ୍କ ନିକଟକୁ ଭବିଷ୍ୟଦ୍‌ବକ୍ତା ପରେ ଭବିଷ୍ୟଦ୍‌ବକ୍ତାଙ୍କୁ ପଠାଇଥିଲେ, ଏବଂ ଅତି କୋମଳ ଦୟାଭାବ ସହକାରେ ସେ ଲୋକମାନଙ୍କୁ ନିବେଦନ କଲେ, ଏବଂ ସେମାନେ ବିମୁଖ ହୋଇ ଏହାକୁ ନିଜର ପିଠି କରିଦେଲେ । ସେମାନେ ନିଜର ମାର୍ଗକୁ ଚାହିଁଲେ, ସେମାନେ ଇସ୍ରାଏଲୀୟ ଥିଲେ, ସେମାନେ ଉନ୍ମୁକ୍ତ ଥିଲେ, ସେମାନେ ଏକ ମହାନ ରାଷ୍ଟ୍ର ଥିଲେ, ସେମାନଙ୍କର ପୂର୍ବପୁରୁଷମାନେ *ଅମୁକ-ଓ-ଅମୁକ* (ଦାଉଦ ଏବଂ ଶଲୋମୋନ) ଏପରି କରିଥିଲେ, ତାଙ୍କର ଯାହା ଇଚ୍ଛା ସେମାନେ ତାହା କରିପାରୁଥିଲେ । ଠିକ୍ ସେହି ସମାନ ବିଷୟ ଯାହା ଉପରେ ଆମେମାନେ ନିଜକୁ ଆଧାର କରିଛୁ, ଅବିକଳ ଭାବେ; ଯାହା ୱାଶିଂଟନ୍, ଆମର ପୂର୍ବପୁରୁଷମାନେ, ଏବଂ ସେମାନେ ଯାହା ପାଇଁ ଛିଡା ହୋଇଥିଲେ । ମାତ୍ର, ଭାଇ, ଆମେମାନେ ତ ସେହି ଜିନିଷଠାରୁ ଲକ୍ଷ ଲକ୍ଷ ମାଇଲ୍ ଦୂରରେ ଅଛୁ; ଆମର ମଣ୍ଡଳୀଗୁଡିକ, ଲକ୍ଷ ଲକ୍ଷ ମାଇଲ୍ ଦୂର ଅଟେ ।

51 ସେହି ପୁରୁଣା...ମେଥୋଡିଷ୍ଟ ମଣ୍ଡଳୀ ଆଜି, ସେହି ଅବସ୍ଥାରୁ ଯାହା ସେହି ମେଥୋଡିଷ୍ଟ ମଣ୍ଡଳୀ ରହିଥିଲା! ପେଣ୍ଟିକଷ୍ଟାଲ୍ ଆଜି ଯାହା ଅଟେ, ଏବଂ ଏହା ଯାହା ପୂର୍ବରୁ ରହିଥିଲା! ବାପ୍‌ଟିଷ୍ଟ ଆଜି ଯାହା ଅଟେ, ସେଥିରୁ ଯାହା ଏହା ରହିଥିଲା! ଆମ ପାଖରେ ପଶ୍ଚାତ ସମୟକୁ ଯାଇ ଜନ୍ ସ୍ମିଥ୍ ଏବଂ କେତେକେ ସେହି ପ୍ରାରମ୍ଭିକ ସଂସ୍କାରକମାନଙ୍କ ବିଷୟରେ ଆଲୋଚନା

କରିବାକୁ ସମୟ ଥିଲା । ଜନ୍ ସ୍ମିଥ୍ କହିଲେ, ସେ ମୃତ୍ୟୁବରଣ କରିବା ପୂର୍ବରୁ, କହିଥିଲେ, "ଭୟଙ୍କର କଥା ହେଉଛି ଯେ ମେଥୋଡିଷ୍ଟ ସ୍ତ୍ରୀଲୋକମାନେ ନିଜ ଆଙ୍ଗୁଠିରେ ସୁନା ମୁଦି ପିନ୍ଧିବା ଆରମ୍ଭ କରୁଛନ୍ତି ।" ମେଥୋଡିଷ୍ଟ! ସେ ଆଜି ସେମାନଙ୍କୁ କଅଣ କୁହନ୍ତେ ଯଦି ସେ ତାଙ୍କର କେଶ କାଟୁଥିବାର, ଏବଂ ଛୋଟ ଛୋଟ ସର୍ଟ ପିନ୍ଧି, ସେମାନଙ୍କ ମୁହଁରେ ରଙ୍ଗ ପ୍ରସାଧନ ଲଗାଇଥିବାର ଦେଖିଥାନ୍ତେ? ଏହା ପାପ ଯୋଗୁ ଅଟେ!

52 ଆମେରିକାରେ ପରମେଶ୍ୱର କଅଣ କରିଛନ୍ତି? ଉଦ୍ଦୀପନା ପରେ ଉଦ୍ଦୀପନା, ଉଦ୍ଦୀପନା ପରେ ଉଦ୍ଦୀପନା ପଠାଇଥିଲେ । ସେବକମାନେ ବାକ୍ୟ ପ୍ରଚାର କରିଛନ୍ତି, ଲୋକମାନଙ୍କୁ ପରମେଶ୍ୱରଙ୍କ ନିକଟକୁ ଡାକିବାକୁ ଚେଷ୍ଟା କରିଛନ୍ତି । ଏବଂ ସେମାନେ କଅଣ କଲେ? ସେହି ସମାନ ବିଷୟ ଯାହା ଇସ୍ରାଏଲ କରିଥିଲା, ଏହାକୁ ଅଗ୍ରାହ୍ୟ କରିଥିଲା! ସେଗୁଡିକର ଥଟ୍ଟା ପରିହାସ କରିଥିଲା! ସେମାନଙ୍କୁ "ପବିତ୍ର-ପାଖଣ୍ଡ" ବୋଲି ଡାକିଥିଲା! ସେମାନଙ୍କୁ କାରାଗାରରେ ନିକ୍ଷେପ କରିଥିଲା!

53 ଯଦି ଆଜି ଏହି ମଣ୍ଡଳୀରୁ, ମୋର ଜଣେ ଭଉଣୀ ଏବଂ ମୋର ଜଣେ ଭାଇମାନଙ୍କ ମଧ୍ୟରୁ କେହି, ଗତକାଲି ରାତି ସେହି ହୋଟେଲରେ ଠିଆ ହୋଇ ନିଜର ହାତକୁ ଉପରକୁ ଉଠାଇଥାନ୍ତେ ଏବଂ ପରମେଶ୍ୱରଙ୍କୁ ପ୍ରଶଂସା କରି ସେହି କୋଠରୀରେ ପାଟି କରିଥାନ୍ତେ, ତାହାହେଲେ ସେମାନେ ଆଜି ତାହା ଯୋଗୁ କାରାଗାରରେ ରହିଥାନ୍ତେ । ମାତ୍ର ଗୋଟିଏ ମଦ୍ୟପ, ମୂର୍ଖ "ଅପବିତ୍ର-ପାଖଣ୍ଡମାନଙ୍କର" ନିଶାସକ୍ତ ସମୂହ ସେଠାରେ ଠିଆ ହୋଇ ରାତିସାରା ଚିତ୍କାର କରିପାରେ; ଏବଂ ମଦ୍ୟପାନ କରି, ଅପଶବ୍ଦ କହି ସେମାନଙ୍କର ସ୍ତ୍ରୀଲୋକଙ୍କଠାରୁ ବସ୍ତ୍ର ଟାଣି ନେଇପାରନ୍ତେ ଓ ନାନାଦି କାର୍ଯ୍ୟ କରିପାରନ୍ତେ, ଏବଂ ଭୂମିରେ ପଡ଼ି ରାତିସାରା ଚିତ୍କାର କରିପାରନ୍ତେ, ଏବଂ ଏପରିକି ସେମାନେ ଏହା ବିଷୟରେ ଗୋଟିଏ ହେଲେ ଶବ୍ଦ ମଧ୍ୟ କହିପାରନ୍ତି ନାହିଁ । କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଆମେ ପରମେଶ୍ୱରଙ୍କ ହସ୍ତ ଅଧୀନରେ ବିନଷ୍ଟ ଅଟୁ!

54 ଧ୍ୟାନ ଦିଅନ୍ତୁ ଯେ, ଆଗକୁ ଓ ଆଗକୁ, ପରମେଶ୍ୱର ସେବକମାନଙ୍କୁ ପଠାଇଲେ, ତାହାଙ୍କ ବାକ୍ୟକୁ ପ୍ରମାଣ କରି, ଚିହ୍ନ ଏବଂ ଚମତ୍କାରଗୁଡିକୁ ପ୍ରଦର୍ଶନ କରିଥିଲେ । ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଅନେକ ଆଧୁନିକବାଦୀ ଧର୍ମଗୁରୁମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ ଓ ପ୍ରତ୍ୟେକ ଉଦ୍ଦୀପନାକୁ ପରିହାସ କରିଥିଲେ । ଯେପରିକି ତଥା-କଥିତ ଚର୍ଚ୍ଚ ଅଫ୍ କ୍ରାଇଷ୍ଟ ଏବଂ ସେମାନେ, "ଆଶ୍ଚର୍ଯ୍ୟକର୍ମର ଦିନଗୁଡ଼ିକ ଅତିବାହିତ ହୋଇଯାଇଛି ।" ଏହାକୁ ପରମେଶ୍ୱରଙ୍କ ସେହି ଛୋଟ ଅବଶିଷ୍ଟ ସମୂହରୁ କ୍ଷାନ୍ତ କରିବାକୁ ଯଥାସମ୍ଭବ ଚେଷ୍ଟା କରିଥିଲେ । ଯେପରି ତାହା ଇସ୍ରାଏଲରେ ଥିଲା, ତାହା ଆଜି ମଧ୍ୟ ସେହିପରି ଅଟେ । ଅନେକ ଥର, ପରମେଶ୍ୱରଙ୍କୁ ତାହାଙ୍କର ଲୋକମାନଙ୍କୁ ସେହି ସଂଗଠନ ଏବଂ ନାମଧାରୀ ସଂସ୍ଥାଗୁଡିକରୁ ବାହାର କରି, ସେମାନଙ୍କୁ ଏକାକୀ ପ୍ରାନ୍ତର ମଧ୍ୟକୁ ନେବାକୁ ପଡ଼ିଥାଏ, ଯେପରିକି ସେମାନଙ୍କ ସହିତ କଥାବାର୍ତ୍ତା କରନ୍ତି । ଏବଂ ତାହାଙ୍କର ଏକ ଅବଶିଷ୍ଟ

ସମୂହ ରହିବାକୁ ଯାଉଅଛି, ଆପଣ ତାହା ବିଷୟରେ ଚିନ୍ତା କରନ୍ତୁ ନାହିଁ । ସେ ସେତେବେଳେ କରିଥିଲେ, ସେ ବର୍ତ୍ତମାନ ମଧ୍ୟ କରିବେ । ଆଗକୁ ଓ ଆଗକୁ ସେମାନେ ପାପ ଦେଇ ଗମନ କରିଥିଲେ, ବିଭିନ୍ନ ଜିନିଷଗୁଡ଼ିକ ଦେଇ ଯାଇଥିଲେ । କାହିଁକି? ସେମାନଙ୍କର ନେତୃତ୍ୱ, ଏହାକୁ ରୋକିବା ପାଇଁ କିଛି ନାହିଁ ।

55 ତେବେ, ସଚ୍ଚୋଟ ଭାବରେ, ମୁଁ ଅନେକ ଦେଶଗୁଡିକୁ ଜାଣେ ଯଦି ସେମାନେ ରାସ୍ତାରେ ଯାଉଥିବା ସେହି ଲୋକମାନଙ୍କୁ ଧରିବେ ଯେଉଁମାନେକି ଏପରି ଭାବରେ ବସ୍ତ୍ର ପିନ୍ଧିଥାନ୍ତି ଯେପରିକି ଆମେ ଏଠାରେ ଆମେରିକାରେ ବସ୍ତ୍ର ପିନ୍ଧିଥାଉ, ତାହାହେଲେ ସେମାନେ ସେମାନଙ୍କୁ କାରାଗାରରେ ନିକ୍ଷେପ କରିଦେବେ । ଯେତେବେଳେ ମୁଁ ରୋମ୍‌ରେ, ସେଣ୍ଟ ଆଞ୍ଜେଲୋକୁ ଯାଇଥିଲି (ତେବେ, ଏହା ବିଷୟରେ ଚିନ୍ତା କରନ୍ତୁ, ଏହା ଯେତିକି ଅଧୋପତନ ହୋଇପାରେ ତାହା ଅଟେ ।), ସେଠାରେ ସେଣ୍ଟ ଆଞ୍ଜେଲୋଙ୍କ ସମାଧି ପାଖରେ, ଏକ ପଟ୍ଟାରେ ଲେଖନୀ ରହିଥିଲା, "ଆମେରିକୀୟ ସ୍ତ୍ରୀମାନଙ୍କୁ: ଦୟାକରି ପୋଷାକ ପିନ୍ଧି ମୃତମାନଙ୍କୁ ସମ୍ମାନ ଦିଅନ୍ତୁ ।"

56 ଯଦି ସେଠାରେ ଏପରି କିଛି ଅଛି ଯାହାକି ଆପଣଙ୍କୁ ଅସୁସ୍ଥ କରେ, ତାହା ହେଉଛି ଦଳେ ତଥା-କଥିତ ଆମେରିକୀୟମାନଙ୍କୁ ଭିତରକୁ ଆସୁଥିବାର ଦେଖିବା । ମୁଁ ତଳେ ଲୋସାନ୍ ସହରରେ, ବସିଥିଲି, ଆମେ ଦିନେ, କିଛି ମାଂସ ଷ୍ଟିକ୍ ଉପଭୋଗ କରୁଥିଲୁ, ଭାଇ ଅର୍ଗାନବ୍ରାଇଟ୍ ଏବଂ ମୁଁ । ପରଦିନ, ଆମେମାନେ ପୁଣିଥରେ ଗଲୁ କାରଣ ଏହା ଭଲ ଖାଇବାର ଥିଲା । ମୁଁ ସେଠାରେ କିଛି ପାଣି ପାଇପାରିଲି, ସେମାନେ ମଦ ବ୍ୟତୀତ ଆଉ କିଛି ପରିବେଷଣ କରନ୍ତି ନାହିଁ । ଏବଂ ମୁଁ ପାଣି ନେଇଥାଏ, ମୋତେ ସବୁ ସମୟରେ ନିଜ ବାହୁ ତଳେ, ଏକ ପାତ୍ରରେ ପାଣି ନେଇ ଯିବାକୁ ପଡିଥିଲା, 'କାରଣ ସେମାନେ ମେଜରେ ଆପଣଙ୍କୁ ଜଳ ପରିବେଷଣ କରନ୍ତି ନାହିଁ । ତାହାପରେ ମୁଁ ସେଠାକୁ ଗଲି, ଏବଂ ସବୁକିଛି ଭଲ ଥିଲା ଯେପର୍ଯ୍ୟନ୍ତକି "ମିସ୍ ଆମେରିକା" ଏକ ଛୋଟ, ଅପରିଷ୍କାର, କୁତ୍ସିତ-ନାକ ଥିବା ପୁଡଲ୍ କୁକୁର ସହିତ ନ ଆସିଗଲେ; ଏବଂ *ତାହା* ଉପରେ ସେହି ପ୍ରକାର ଯଥେଷ୍ଟ ଦଶ-ପଇସା-ଅଳଙ୍କାର ରହିଥିଲା, ଏବଂ ଶେଷ ଅଗରେ ଏହିପରି ଭାବରେ ଏକ ସିଗାରେଟ୍ ରହିଥିଲା, ପୁଣି ଏପ୍ରକାର ଅପ୍ରକୃତ-ଆଚରଣ କରି ସେଠାରେ ବସି ପଡିଲେ ଯାହା ସେ ନ ଥିଲେ; ଏବଂ ସେହି ପୁଡଲ୍ କୁକୁରକୁ ସେହି ମେଜ ଉପରେ ବସାଇ ଦେଲେ, ମଇଳା, ଅପରିଷ୍କାର ଜିନିଷକୁ ।

57 ଏହା ହେଉଛି...ଗୋଟିଏ କୁକୁର ହେଉଛି ସବୁଠାରୁ ମନ୍ଦ ଜିନିଷ ଯାହା ବିଷୟରେ ପରମେଶ୍ୱର କୁହନ୍ତି । ଏପରିକି ସେମାନଙ୍କଠାରୁ ଆସୁଥିବା ଦଶମାଂଶ ସୁଦ୍ଧା ପରମେଶ୍ୱରଙ୍କ ଗୃହରେ ଦିଆଯାଇପାରେ ନାହିଁ । "ଏହା ତ ସେହି ବେଶ୍ୟା, ଜଣେ ବେଶ୍ୟାର ଏକ ଦଶମାଂଶ ପରି ଅଟେ," ବାଇବଲ କୁହେ । ଏବଂ, ତଥାପି, ଆପଣ ସେଠାରେ ଅଛନ୍ତି । ସେମାନେ ଜନ୍ମ ନିୟନ୍ତ୍ରଣ ଅଭ୍ୟାସ କରିବେ ଏବଂ ଗୋଟିଏ ଛୋଟ ପୁରୁଣା କୁକୁର ପାଇଁ, ପ୍ରାୟଃ, ଏକ ହଜାର ଡଲାର ଟଙ୍କା ଦେବେ; ଏବଂ ଏହାକୁ ଚାରିପାଖରେ ବୁଲାଇ ନେବେ ଏବଂ ଏହାକୁ ଏକ ଶିଶୁର

ପ୍ରେମ ଦେବେ, ଯେପରିକି ସେହି ସ୍ତ୍ରୀଲୋକଟି ରାତିସାରା ବାହାରେ ରହିପାରିବେ, ଏବଂ ଜନ୍ମ ନିୟନ୍ତ୍ରଣ ଅଭ୍ୟାସ କରିବେ।

58 ବିଶୃଙ୍ଖଳା ବ୍ୟତୀତ ଆଉ କଅଣ ବା ଅପେକ୍ଷା କରୁଛି! ଆପଣ ହୁଏତ ମୋର ସ୍ୱର ଆଉ ଅଧିକ ଶୁଣି ପାରିବେ ନାହିଁ, ମାତ୍ର ମୁଁ ଚାହେଁ ଯେ ଆପଣ ଏହାକୁ ମନେ ରଖନ୍ତୁ: ଆମେମାନେ ଶେଷ ସମୟରେ ଅଛୁ!

59 ସେଠାରେ, ଆମେମାନେ ପାଉ ଯେ କଅଣ ଘଟିତ ହେଲା, କଅଣ ହେଲା। ଅବଶେଷରେ, ସେହି *ମହାନ* ଘଟିକା ଆସେ: ଆହାବ ନିର୍ବାଚିତ ହେଲେ, ଏବଂ ଯେତେବେଳେ ସେ ହେଲେ, ସେ ଈଷେବଲ୍‌ଙ୍କୁ ବିବାହ କଲେ; ସେହି କ୍ଷୟଯୁକ୍ତ ପୁରୁଣା ସ୍ତ୍ରୀଲୋକଙ୍କୁ ଯିଏକି ସମଗ୍ର ଇସ୍ରାଏଲକୁ ପ୍ରତିମପୂଜା ଆଡକୁ କଢାଇ ନେଇଥିଲେ। ଏବଂ ଇସ୍ରାଏଲ ଯେପରି ସେଦିନ କରିଥିଲା, କାହିଁକି, ଏହା…ସେମାନେ ନିଜ ଦେଶରେ ସେହିପରି ଏକ ଘଟଣାକୁ ଘଟିବାର ଅନୁମତି ଦେଇଥିବା ହେତୁ, ନିଶ୍ଚିତ ଭାବରେ ଏକ ପଶ୍ଚାତଗମନକାରୀ ଅବସ୍ଥାରେ ରହିଥିବେ। ନିୟମଗୁଡିକ ଲୋକମାନଙ୍କ ଦ୍ୱାରା ଲୋକମାନଙ୍କ ପାଇଁ ହିଁ ଗଠିତ ହୋଇଅଛି, ଏବଂ ଆମେ ସେହି ସମାନ କାର୍ଯ୍ୟ କରିଅଛୁ!

60 ଏପରି ଏକ ସମୟ ଥିଲା ଯେତେବେଳେ ଆମେରିକାର ନ ଥିଲା…ଶହୀଦମାନଙ୍କ ରକ୍ତ ପିଇଥିବା ସେହି ବୃଦ୍ଧ ବେଶ୍ୟା, ସେହି ବୃଦ୍ଧ ବେଶ୍ୟାକୁ ସେମାନଙ୍କୁ ହତ୍ୟା କରିବାକୁ ଦେବା ଅପେକ୍ଷା, ସେମାନେ ଅଧିକ ଉତ୍ତମ ବିଷୟ ଜାଣିଥିଲେ, ଏବଂ ସେହି କାରଣ ଯେଉଁଥି ଯୋଗୁଁ ସେମାନେ ଏଠାରୁ ପଳାୟନ କରିଥିଲେ, ତାହା ସ୍ୱାଧୀନତା ପାଇଁ ଥିଲା, ନୋହିଲେ ସେମାନେ ସେହିପରି କୌଣସି ବିଷୟ କରି ନ ଥାଆନ୍ତେ। ଏହା ଦର୍ଶାଏ ଯେ ଆମେ ଏକ ପଶ୍ଚାଦ୍‌ଗମନକାରୀ ଅବସ୍ଥାରେ ଅଛୁ, ଏକ ସମଗ୍ର ରାଷ୍ଟ୍ର ଭାବରେ, ଯେ ସେହିପରି ଏକ ବିଷୟକୁ ଚୟନ କରିଅଛୁ। ଓଃ, ଅବଶ୍ୟ, ବର୍ତ୍ତମାନ ଆପଣ…ଆପଣମାନଙ୍କ ମଧ୍ୟରୁ କେତେକ ଉତ୍ତମ ମେରୁଦଣ୍ଡ-ବିହୀନ ଅସ୍ଥିର ଡେମୋକ୍ରାଟ୍ ରାଜନେତାମାନେ ଏହା ଚିନ୍ତା କରିବେ, ଯେ "ଓଃ, ତେବେ, ସେ କରିବେ—ସେ ଏକ ଉତ୍ତମ ରାଜନୈତିକ ମସ୍ତିଷ୍କ ପ୍ରସ୍ତୁତ କରିବେ।" ତାହା ଜଣେ ଶାରୀରିକ ମନା ବ୍ୟକ୍ତିଙ୍କ ପାଇଁ, ସେହି ଯୁକ୍ତିଗୁଡିକୁ ବାଢିବା ସଠିକ ବୋଲି ମନେ ହୋଇପାରେ। ମାତ୍ର ପରମେଶ୍ୱରଙ୍କ ବାକ୍ୟ ଏବଂ ଆତ୍ମିକ ମନାଙ୍କ ପାଇଁ, ଏହାର କୌଣସି ଅର୍ଥ ନାହିଁ। ନିଶ୍ଚିତ ଭାବରେ ଏହା କିଛି ନୁହେଁ, ଅଳ୍ପ କିଛି ଅତିରିକ୍ତ ଡଲାର୍ ରୋଜଗାର କରିବ ଏବଂ କିଛି କର ଆଦାୟ କିମ୍ବା ଏହିପରି କିଛି ନିଷେଧ କରିବ।

61 ଏବଂ ଆମର ଏକ କଠିନ ସମୟ ରହୁଅଛି, ପ୍ରଚାର କ୍ଷେତ୍ରରେ ଆଜି ଆମର ମିଶନାରୀମାନେ, କାରଣ ଆମେ ବର୍ତ୍ତମାନ ଏକ କ୍ୟାଥୋଲିକ୍ ରାଷ୍ଟ୍ର ଭାବରେ ପରିଗଣିତ ଅଟୁ। କାହିଁକି, ନିଶ୍ଚିତରେ, ରୁଷକୁ ସାମ୍ୟବାଦୀ ଭାବରେ ବିବେଚିତ କରାଯାଏ କାରଣ ସେମାନଙ୍କର ଏକ ସାମ୍ୟବାଦୀ ନେତା ରହିଛନ୍ତି। ଲାଲ ଚୀନ୍‌କୁ ସାମ୍ୟବାଦୀ ଭାବରେ ବିବେଚିତ କରାଯାଏ କାରଣ ସେମାନଙ୍କର ଏକ ସାମ୍ୟବାଦୀ ନେତା ରହିଛି। ଆମକୁ

କ୍ୟାଥୋଲିକ୍ ଭାବରେ ବିବେଚନା କରାଯାଏ କାରଣ ଆମର ଜଣେ କ୍ୟାଥୋଲିକ୍ ନେତା ଅଛନ୍ତି ।

62 ଓଃ, ଯେତେବେଳେ ଆହାବ ସିଂହାସନରେ ଥିଲେ...ଆପଣ କୁହନ୍ତି, "ସେ ସିଂହାସନରେ ଅଛନ୍ତି ।" ତାହା ଠିକ୍ ଅଟେ, ମାତ୍ର ସେହି ସିଂହାସନ ପଛରେ ମସ୍ତକ ଇଷେବଲ ଥିଲା । ସେ ହିଁ ସେହି ଜଣକା ଥିଲା ଯିଏକି ନେତୃତ୍ତ୍ୱକୁ ନେଇଥିଲା । ଦେଖନ୍ତୁ ଯେ ଇଷେବଲ କିପରି ଭାବରେ ଠିକ ସେହି ଦେଶର ନିୟମଗୁଡିକୁ ନେଇଥିଲା ଏବଂ ସେଗୁଡିକୁ ବଦଳାଇ ଦେଇଥିଲା, ଏବଂ ତାର ନିଜର ଲାଭ ଏବଂ ଲୋଭ ପାଇଁ କରିଥିଲା, ଆଉ ଆହାବଙ୍କୁ ତାହା କରିବାକୁ ପ୍ରବର୍ତ୍ତାଇଥିଲା କାରଣ ସେ ତାଙ୍କ ସହିତ ବିବାହ କରିଥିଲା । ଏବଂ ଠିକ ତାହାହିଁ ଆଜି ଆମର ନେତାଙ୍କ ସହିତ ଅଟେ । ମୁଁ ଏହା କହୁ ନାହିଁ ଯେ ସେ ଜଣେ ଭଲ ଲୋକ ନୁହଁନ୍ତି, ମାତ୍ର ଦେଖନ୍ତୁ ଯେ ତାଙ୍କ ପଛରେ କଅଣ ଥିଲା: ସେହି ବେଶ୍ୟା, ଠିକ ସେହି ବିଷୟ ଯାହା ପାଇଁ ଆମେ ଏଠାରେ ଦୌଡି ଥାଉ (ଆମେରିକା ହେବା ନିମନ୍ତେ); ଠିକ ସେହି ନୀତିଗୁଡିକ ଯାହା ଉପରେ ଆମେରିକାର ନିର୍ମିତ ହୋଇଅଛି । ଆମେ, ଆମର ନିଜସ୍ୱ ସ୍ୱଚ୍ଛନ୍ଦ ଚୟନ ଦ୍ୱାରା, ସେହିଭଳି ଏକ ଜିନିଷକୁ ବାଛିଲୁ ।

63 ତେବେ ଆପଣ ଦେଖନ୍ତୁ ଯେ ମୋର ସ୍ୱର କାହିଁକି ଖୁବ୍ ଶୀଘ୍ର ବନ୍ଦ ହେବାକୁ ଯାଉଅଛି । ମାତ୍ର କେହି ତ ଜାଣିବାକୁ ଯାଉଛନ୍ତି! ହଁ! କାହିଁକି? ପ୍ରକାଶିତ ବାକ୍ୟ 2:20, ସେ ନିଜକୁ ଏକ "ଭବିଷ୍ୟଦ୍‌ବକ୍ତ୍ରୀ" ବୋଲି କହିଥିଲା । ଆପଣ ବର୍ତ୍ତମାନ ପାପର ସେହି ତରଙ୍ଗକୁ ଘଟୁଥିବାର ଦେଖନ୍ତୁ । ଆପଣ ମୂଳ ବିଷୟକୁ ସେହି ମୂଳ ବିଷୟକୁ ଯାଉଥିବାର ଦେଖନ୍ତୁ । ଆପଣ ମଣ୍ଡଳୀରେ ଆଧୁନିକତାକୁ ଦେଖନ୍ତୁ, ଅଧାର୍ମିକ ଘଟଣାଗୁଡିକୁ ଘଟୁଥିବାର ଦେଖନ୍ତୁ । "ଏବଂ, ଶେଷରେ, ସେଠାରେ ଏକ ନିର୍ଯ୍ୟାତନା ଆସିବ," ବାଇବଲ ଏପରି କୁହେ, **ସଦାପ୍ରଭୁ ଏହି କଥା କୁହନ୍ତି**! ନିଶ୍ଚିତ ଭାବରେ, ସେଠାରେ ରହିବ ।

64 ତେବେ କଅଣ ଘଟିବାକୁ ଯାଉଅଛି? ଠିକ୍ ଯେପରି ତାହା ସେହି ସମୟରେ ଥିଲା, ବର୍ତ୍ତମାନ ମଧ୍ୟ ତାହା ସେହିପରି ହେବ । ଏହା ପଛରେ ସେ ହିଁ ଶକ୍ତି ଥିଲା, ସେ ହିଁ ସେହି ଜଣକା ଥିଲା ଯିଏକି ଏହାକୁ ନିୟନ୍ତ୍ରଣ କରୁଥିଲା । ତାହା ପଢନ୍ତୁ...ମୁଁ ବିଶ୍ୱାସ କରେ ଯେ ଏହା ସେହି ସତ-...ପ୍ରାୟଃ 17ଶ କିମ୍ବା 18ଶ ପର୍ବ, ତାହା ସେଠାରେ, ଆପଣ ପାଇବେ ଯେ ଇଷେବଲ କଅଣ କରିଥିଲା: କିପରି ସେ ଆହାବଙ୍କୁ ଗ୍ରହଣ କରିଥିଲା, ଏବଂ ଆହାବ ଏହା ବିଷୟରେ କିଛି କହିପାରି ନ ଥିଲେ କାରଣ ଏହା ତାଙ୍କର ପତ୍ନୀ ଥିଲେ । ଦେଖନ୍ତୁ ଯେ ସେହି ରାଷ୍ଟ୍ର ସେତେବେଳେ କେଉଁ ବିଷୟ ଉପରେ ନିର୍ମିତ ହୋଇଥିଲା, ଜଣେ ପଶ୍ଚାଦ୍‌ଗମନକାରୀ ଇସ୍ରାଏଲୀୟ ପୁଣି ତାହା ସହିତ (ତାଙ୍କ ପଛରେ) ଏକ ପ୍ରତିମାପୂଜକ ପତ୍ନୀ ଯିଏକି ବାଲିମ୍‌ର ଉପାସକ ଥିଲା । ଏବଂ ସେହି ସ୍ତ୍ରୀଲୋକ କଅଣ କଲା? ସେ ଶେଷରେ ସବୁକିଛି ବିଷୟକୁ ଏତେ ଆଧୁନିକବାଦୀ, ଏବଂ ଏତେ ଅଧିକ ସୁନ୍ଦର କରିଥିଲା, ଏବଂ ଲୋକମାନଙ୍କ ପାଖରେ ତାହା ଏତେ ସହଜ ଭାବରେ ରହିଥିଲା, ଯେ ଏପରିକି ସମଗ୍ର ମଣ୍ଡଳୀ ଏହା ପାଇଁ ପତିତ ହୋଇଗଲା, ପ୍ରଚାରକଗଣ ଏବଂ ସମସ୍ତେ । କଅଣ ଏଲିୟ ଏହା କହି ନ ଥିଲେ ଯେ, "ପ୍ରଭୁ, ମୁଁ ହିଁ କେବଳ

ଏକାକୀ ଜଣେ ବାକି ଅଛି”? ଏବଂ ଯେପରି ତାହା ସେଦିନ ଥିଲା, ଏହା ଆଜିର ସମାନ୍ତରାଳ ଅଟେ।

65 ସେମାନେ ସମସ୍ତେ କିଛି କହିବା ପାଇଁ ଡରୁଥିଲେ। କଅଣ ତାହା ଆଜି ସେହି ସମାନ ଜିନିଷ ପରି ନୁହେଁ କି? ସେମାନେ କିଛି କହିବା ପାଇଁ ଡରୁଥିଲେ। ତେଣୁ ଆମେ ଜାଣିବାକୁ ପାଉ, ସେମାନେ କେବଳ ହୁଗୁଳା, ଇତସ୍ତତଃ, ମଦ୍ୟପ, ନାନାଦି କାମ କରୁଥିବା, ସୁଖଭୋଗୀ ପାଗଳ, ଏବଂ ଅନ୍ୟ ସମସ୍ତକିଛି ଥିଲେ, ଠିକ ଯେପରିକି ତାହା ଆଜି ଅଟେ। ଇଷେବଲ ସେହି ଶାସ୍ତ୍ରଗୁଡ଼ିକୁ ମୋଡ଼ି ଦେଇଥିଲା...ଯାହା ସେ କରିଥିଲା...କିମ୍ବା ସେହି ନିୟମଗୁଡିକୁ, ଯେପରିକି—ଯେପରିକି ଇଷେବଲ ମୋଡ଼ି ଦେବ। ମନେରଖନ୍ତୁ, ଇଷେବଲ, ସେ ନିଜକୁ ଏକ “ଭବିଷ୍ୟଦ୍‌ବକ୍ତ୍ରୀ,” ବୋଲି କହିଥିଲା ଯେପରିକି ସେ ଲୋକମାନଙ୍କୁ ବଶୀଭୂତ କରେ, ଏବଂ ସେ କୁହେ ଯେ ସେ ହିଁ “ପୃଥିବୀରେ ପରମେଶ୍ୱରଙ୍କ ଏକମାତ୍ର ସ୍ୱର ଅଟେ।” ସେ ଶାରୀରିକ ମନା ବ୍ୟକ୍ତିଙ୍କୁ ଠିକ ସେହିପରି ବିଶ୍ୱାସ କରାଇବ ଯେତିକି ସୁନିଶ୍ଚିତ ଭାବରେ ଜଗତ କରିଥାଏ।

66 “ଯୁକ୍ତରାଷ୍ଟ୍ରରେ, ଜଣେ ସ୍ତ୍ରୀଲୋକର ଉପାସନା ବିଷୟ ଆସିବ, ଏବଂ ତାହା ମରିୟମ ହେବ।” ମୁଁ ଏହା ଦେଖିଛି, ତିରିଶ...1931। ସାତଟି ଘଟଣା ଘଟିଛି। ମୁଁ ଏହାକୁ ଠିକ୍ 1931 ରେ, ଏଠାରେ କାଗଜରେ ଲେଖି, ମୋ ପାଖରେ ରଖିଅଛି। କିପରି ଯେ ମୁଁ ଏହା କହିଥିଲି “ଏହି ରାଷ୍ଟ୍ରପତି, ଫ୍ରାଙ୍କଲିନ୍ ଡି. ରୁଜଭେଲ୍ଟ, ସେ ସମଗ୍ର ବିଶ୍ୱକୁ ଏହା କରିବାରେ, ସାହାଯ୍ୟ କରିବେ, ବିଶ୍ୱକୁ ଯୁଦ୍ଧ ନିକଟକୁ ପ୍ରେରଣ କରିବେ।” ଏଯାଏଁ ଅବସାଦ ସମୟରେ, ଏପର୍ଯ୍ୟନ୍ତ ଯୁଦ୍ଧକୁ ଆସିନାହିଁ। ମୁଁ କହିଲି, “ଆଉ ଏକ ବିଷୟ,...” ଏବଂ ମୋର ମାଆ, ଜଣେ ମେରୁଦଣ୍ଡ-ବିହୀନ ଅସ୍ଥିର ଡେମୋକ୍ରାଟ୍, ସେ ମୋତେ ଏକ କଠୋର ଚାହାଁଣୀ ଦେଇ ନ ଥିଲେ କି ଯେତେବେଳେ ମୁଁ ତାହା କହିଥିଲି। ମୁଁ କହିଲି, “ମୋର ସେଥିରେ କିଛି ଫରକ୍ ପଡେ ନାହିଁ ଯେ ସେ ଜଣେ ରିପବ୍ଲିକାନ୍ ଥିଲେ କିମ୍ବା ସେ ଜଣେ ସମାଜବାଦୀ ଥିଲେ କିମ୍ବା ସେ ଯାହାକିଛି ବି ଥିଲେ, ଏହା ତ **ସଦାପ୍ରଭୁ ଏହି କଥା କୁହନ୍ତି** ଅଟେ।” ଏବଂ ମୁଁ କହିଲି, “ଏହା କରିବା ଦ୍ୱାରା, ସେମାନେ ସ୍ତ୍ରୀଲୋକମାନଙ୍କୁ ମତଦାନ କରିବାକୁ ଅନୁମତି ଦେଉଛନ୍ତି। ଏବଂ ଯେତେବେଳେ ସେମାନେ ତାହା କରନ୍ତି, ସେମାନେ ଏହି ରାଷ୍ଟ୍ରରେ କଦାଚ୍ କରିଥିବା ସବୁଠାରୁ ଅପମାନଜନକ ବିଷୟଗୁଡିକ ମଧ୍ୟରୁ ଗୋଟିଏ କରିଥିଲେ।” ଏବଂ ମୁଁ କହିଲି, “କୌଣସି ଦିନ ସେମାନେ ଏଥିପାଇଁ ମୂଲ୍ୟ ପରିଶୋଧ କରିବେ।” ଏବଂ ସେମାନେ ଏହି ଗତ ନିର୍ବାଚନରେ ତାହା କରିଥିଲେ। ତାହାହିଁ ଥିଲା ଯାହାକି ତାଙ୍କୁ ନିର୍ବାଚିତ କରିଥିଲା, ସ୍ତ୍ରୀଲୋକମାନେ।

67 ଏବଂ ଆପଣ ଦକ୍ଷିଣରେ ଥିବା, ମୂଲ୍ୟବାନ ଅଶ୍ୱେତ ଲୋକମାନେ, ଆପଣମାନେ କିପରି ମତଦାନ କଲେ! ଆପଣ କୁହନ୍ତି, “ଆପଣଙ୍କର ତାହା ପ୍ରଚାର ମଞ୍ଚରେ କହିବାର କୌଣସି କାମ ନାହିଁ।” ଓଃ, ହଁ, ମୋର ଅଛି, ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ! ଏବଂ ଅବ୍ରହାମ ଲିଙ୍କନ୍‌ଙ୍କର—ଙ୍କର ସେହି ଦାଗ, ସେହି ଜଣକା ଯିଏକି ଆପଣଙ୍କୁ ସ୍ୱାଧୀନ କରିଥିଲେ,

ସେଠାରେ ସେହି ସଂଗ୍ରହାଳୟରେ ଏକ ସ୍ତ୍ରୀଲୋକର ବସ୍ତ୍ର ଉପରେ ପଡି ରହିଛି, ଏବଂ ଆପଣ ନିଜର ଜନ୍ମ ଅଧିକାରକୁ ବିକ୍ରୟ କରନ୍ତି । ଆପଣଙ୍କୁ ଲଜ୍ଜା ଲାଗିବା କଥା ।

68 ଏବଂ ଆପଣ ଲୋକମାନେ, ରାଜନୀତି ପାଇଁ, ଯେହେତୁ ଆପଣ କେବଳ ଜଣେ ଭଲ ଡେମୋକ୍ରାଟ୍ ଅଟନ୍ତି, ସେହିପରି କିଛି ଗୋଟାଏ ବିଷୟ ପାଇଁ ମତଦାନ କରିଥିଲେ, ଏବଂ ଆମେରିକୀୟତା ଏବଂ ଖ୍ରୀଷ୍ଟିୟାନ ଧର୍ମର ନିଜର ଜନ୍ମ ଅଧିକାରଗୁଡିକୁ ବିକ୍ରୟ କରି ଦେଇଥିଲେ, ଯେପରିକି ଏହାକୁ ସେହି ବେଶ୍ୟାକୁ ଦେଇ ଦିଅନ୍ତି ଯାହାକି ଏହି ଦେଶରେ ଆମମାନଙ୍କୁ ଚଲାଉଅଛି, ଏବଂ ଆମକୁ ତାହା କରିଅଛି ଯାହା ଆମେମାନେ ଅଟୁ । ଦେଖନ୍ତୁ ଯେ ସେ କିପରି ଭାବରେ ପ୍ରବେଶ କରୁଅଛି? ପ୍ରକୃତରେ ସହଜ ଭାବରେ, ଏପରିକି ବର୍ତ୍ତମାନ ସେ ସିଂହାସନରେ ଅଛି ନିଶ୍ଚିତ! ସେହି ୱାଇଟ ହାଉସ୍‌ର ସିଂହାସନ ।

69 ଦେଖନ୍ତୁ! ଆଗରୁ...କଅଣ ଆପଣ ଅନ୍ୟ ଦିନ ସେହି କ୍ୟାଥୋଲିକ୍ ବିଦ୍ୟାଳୟ ଏବଂ ପ୍ରୋଟେଷ୍ଟାଣ୍ଟ ବିଦ୍ୟାଳୟମାନଙ୍କ ବିଷୟରେ ଦେଖିଲେ କି? କ୍ୟାଥୋଲିକ୍ ବିଦ୍ୟାଳୟକୁ ସମର୍ଥନ କଲେ ମାତ୍ର ପ୍ରୋଟେଷ୍ଟାଣ୍ଟକୁ ନୁହେଁ । ବୁଝିଲେ? ହେ, ଭାଇ! ଆପଣ ବର୍ତ୍ତମାନ ସେହି ସାମଗ୍ରୀର ଏକ ତରଙ୍ଗକୁ ଆସୁଥିବାର ଦେଖନ୍ତୁ । ଧ୍ୟାନ ଦିଅନ୍ତୁ, ଏବଂ ଯେତେବେଳେ ସେମାନେ ତାହା କଲେ, ଦେଖନ୍ତୁ ଯେ କଅଣ ଘଟିତ ହେଲା । ଏହି ସମସ୍ତ ପାପ ଗଦା ହେଉଅଛି । ଏପରି ଏକ ସ୍ଥାନକୁ ପହଞ୍ଚିଛି ଏବଂ ସେହି ରାଷ୍ଟ୍ରକୁ ସେହି ପ୍ରକାରର ଏକ ଝୁଣ୍ଟି ପଡିବା ସ୍ଥାନକୁ ନେଇଆସିଛି ।

70 କିଛି ବର୍ଷ ପୂର୍ବେ, ଯେତେବେଳେ ସେମାନଙ୍କର ଥିଲା...ପେଣ୍ଟିକଷ୍ଟାଲ୍ ପ୍ରଥମେ ଆସିଥିଲେ, କିଛି ବର୍ଷ ପୂର୍ବେ ଏହା ଦେଶକୁ ରକ୍ଷା କରିଥିଲା ଯେତେବେଳେ ଅଲ ସ୍ମିଥ ନିର୍ବଚନ ଲଢିବାକୁ ଯାଉଥିଲେ । ଆମେରିକା ସେତେବେଳେ ତାହାଠାରୁ ଉତ୍ତମ ଜାଣିଥିଲା । ମାତ୍ର ପେଣ୍ଟିକଷ୍ଟ ଏତେ ସାଂସାରିକ ହୋଇ ଯାଇଥିଲା ଯେ ଏହା ଠିକ୍ ଆଗକୁ ବଢିଗଲା ଏବଂ ଖ୍ରୀଷ୍ଟିଆନ ଭାବରେ ସେମାନଙ୍କର ଅଧିକାରଗୁଡିକୁ, ରାଜନୀତିକୁ ବିକ୍ରୟ କରି ଦେଲା, ଏବଂ ଏହା ବାଇବଲ ଆଗରେ ରାଜନୀତି ପ୍ରଥମ ସ୍ଥାନ ହୋଇଗଲା । ଓଃ, ମୋର ପ୍ରଭୁ!

71 ତେବେ, ମାତ୍ର ଗୋଟିଏ ମିନିଟ୍, ଏବଂ ଦେଖନ୍ତୁ ଯେ ଏହା କିପରି ଭାବରେ ବାହାରି ଆସିଥାଏ । ତେବେ, ଆମେମାନେ ପାଉ ଯେ ସେମାନେ ଯାହାସବୁ କରିଥିଲେ ଏବଂ ସେମାନେ ଯେଉଁସବୁ ବିଷୟ କରିଥିଲେ, ଆମେ ତାହାକୁ ଏଠାରେ ଠିକ ସମାନ୍ତରାଳ ଭାବରେ ଦେଖୁଅଛୁ, ପ୍ରତ୍ୟେକ ଦିଗରେ ପାପ ରହିଛି । ଈଷେବଲ ଭିତରକୁ ଆସିଲା, ସେ ସମସ୍ତ ଲୋକମାନଙ୍କୁ ବିସ୍ମିତ କରି ପକାଇଲା । ଏବଂ ଧ୍ୟାନ ଦିଅନ୍ତୁ, ଶେଷରେ, ସେ ବାଲିମ୍ ପାଇଁ ବଡ ବଡ଼ ମନ୍ଦିରଗୁଡିକୁ ନିର୍ମାଣ କରିବାକୁ ଆରମ୍ଭ କରି ଦେଲା । କଅଣ ତାହା ଠିକ୍ କି? ଏବଂ ବାଲିମ୍‌ର ପୁରୋହିତମାନେ ସମସ୍ତ ସ୍ଥାନରୁ ସେହି ସ୍ଥାନକୁ ଆସିବା ପାଇଁ ଜମା ହେଲେ, ଏବଂ ବାଲିମ୍‌ର ଉପାସନା ସହିତ ସେହି ଦେଶକୁ ଦୂଷିତ କରିବାକୁ ଆରମ୍ଭ କରି ଦେଲେ ।

72 ଦେଖନ୍ତୁ ଯେ ସେମାନେ କିପରି କରିଛନ୍ତି, ଦେଖନ୍ତୁ ଯେ ସେମାନେ କିପରି ବୃଦ୍ଧି ସାଧନ

କରିଛନ୍ତି। କେବଳ ସେମାନେ କରିଥିବା ସେହି ବିଷୟଗୁଡିକ, ଦେଖନ୍ତୁ ଯେ ସେମାନେ ଆଜି କେଉଁଠାରେ ଅଛନ୍ତି। ଦେଖନ୍ତୁ ଯେ କ୍ୟାଥୋଲିକ ଧର୍ମ କିପରି ଗ୍ରାସ କରୁଅଛି, ଗ୍ରାସ କରୁଅଛି, ଗ୍ରାସ କରୁଅଛି; ବିବାହ କରୁଅଛି, ଏହାକୁ ଭାଙ୍ଗି ପକାଉଅଛି, ଠିକ୍ ଯେପରି ଭାବରେ ଦାନିୟେଲ କହିଥିଲେ ଯେ ସେମାନେ କରିବେ। ଲୌହ ଏବଂ ମୃତ୍ତିକା ମିଶ୍ରିତ ହେବ ନାହିଁ, ମାତ୍ର ସେମାନଙ୍କର ବୀଜ ପରସ୍ପର ଜଣେ ଅନ୍ୟ ସହିତ ମିଶ୍ରଣ କରିବା, ଭାଙ୍ଗି ଦେବ। ପ୍ରତ୍ୟେକ ପ୍ରୋଟେଷ୍ଟାଣ୍ଟ ଝିଅ ଯିଏକି ଜଣେ କ୍ୟାଥୋଲିକ୍ ପୁଅକୁ ବିବାହ କରେ ତାର ସନ୍ତାନମାନଙ୍କୁ କ୍ୟାଥୋଲିକ୍ ଭାବରେ ପ୍ରତିପାଳିତ କରିବାକୁ ପଡିବ। ସେହିପରି ଭାବରେ ସମସ୍ତ କିଛି, ବିବାହ କରିବା, ମିଶ୍ରଣ କରିବା, ସେହିପରି ଭାବରେ ଯେପର୍ଯ୍ୟନ୍ତକି ଏହା ଏପରି ଏକ ସ୍ଥାନକୁ ନ ଆସିଯାଏ ଯେ ସମଗ୍ର ଯୁକ୍ତରାଷ୍ଟ୍ର ଆମେରିକା ଫମ୍ପା ହୋଇଯାଇଛି।

73 ମିଶନାରୀ ଭାବରେ ଆମେ କଅଣ କରିବାକୁ ଯାଉଅଛୁ, ଦକ୍ଷିଣ ଆମେରିକାରେ ଏବଂ ବିଶ୍ୱର ବିଭିନ୍ନ ଭାଗରେ ତାକୁ ମୁକ୍ତ କରିବାକୁ ଯାଉଅଛୁ, ଟମି ଓସବୋର୍ନ୍ ଏବଂ ସେମାନେ, ଲୋକମାନଙ୍କୁ ସେହି ପ୍ରତିମାପୂଜାରୁ ବାହାର କରିବାକୁ ଚେଷ୍ଟା କରୁଛନ୍ତି ଏବଂ ସେମାନେ ସେମାନଙ୍କର ଆଙ୍ଗୁଠିକୁ ସେହି ଦିଗରେ ଇଙ୍ଗିତ କରିପାରନ୍ତି ଯେଉଁଠାରେ ଆମେ ଆମର ନେତାଙ୍କୁ ମନୋନୀତ କରିଅଛୁ, ଏବଂ ସେହି ସମାନ ବିଷୟ। ହେ ପରମେଶ୍ୱର। ଏହି ଜଗତ ସହିତରେ କଅଣ—କଅଣ ଘଟିବାକୁ ଯାଉଛି? ଏହା ଏଠାରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ କମ୍ପମାନ କରିବା ଉଚିତ୍। ଆମେମାନେ କିପରି ଉତ୍ତର ଦେବାକୁ ଯାଉଅଛୁ? ମିଶନାରୀ ସେତେବେଳେ କଅଣ କହିବାକୁ ଯାଉଛନ୍ତି ଯେତେବେଳେ ସେମାନେ କୁହନ୍ତି, "ଆପଣ ଆମକୁ ଏଥିରୁ ମୁକ୍ତ କରିବା ପାଇଁ ଏଠାକୁ ଆସିଛନ୍ତି, ଏବଂ ଆପଣଙ୍କର ନିଜର ଲୋକମାନେ ଠିକ ସେହି ସମାନ ଜିନିଷକୁ, ଆପଣଙ୍କ କାର୍ଯ୍ୟାଳୟରେ ସେଠାରେ, ସିଂହାସନ ଉପରେ ରଖନ୍ତି"? ଆମେମାନେ କିପରି କରିବାକୁ ଯିବା…କଅଣ…

74 ଇତିହାସର ପୃଷ୍ଠାଗୁଡ଼ିକରେ ପଛକୁ ଦେଖନ୍ତୁ, ପଛକୁ ଫେରି ଦେଖନ୍ତୁ ଯଦି ଏହା—ଯଦି ଏହା ତାହା ହେବା ହେତୁ ସଂପୂର୍ଣ୍ଣ ଭାବେ, ପ୍ରାୟଃ, ଅସାମ୍ବିଧାନିକ ଅଟେ କି। ସେମାନେ ଅନେକ ବର୍ଷ ପୂର୍ବେ ଏହାକୁ ସେପରି ଭାବରେ କରୁ ନ ଥିଲେ ମାତ୍ର, ଦେଖନ୍ତୁ, ଆମେ ଆମର ଖ୍ରୀଷ୍ଟିଆନ ଅଧିକାରଗୁଡିକୁ ରାଜନୀତିକୁ ବିକ୍ରୟ କରି ଦେଇଅଛୁ, ଏବଂ ଠିକ ସେହିପରି ହିଁ ଅଟେ ଯେ ଶୟତାନ ନିଜକୁ ଭିତରକୁ ନେଇ ଆସିଥାଏ। ଆହାବ କିଛି ନୁହଁ ବରଂ ଇଷେବଲଙ୍କ ପାଇଁ ଏକ ପ୍ରତିମୂର୍ତ୍ତିଚିତ୍ର ଥିଲା। ଏହାହିଁ ଅଟେ ଯାହାକି ଏହା ସବୁକିଛି ହେବ, କେବଳ ଏକ ପ୍ରତିମୂର୍ତ୍ତିଚିତ୍ର। ସେ ଏହାକୁ ନିଜେ କରିବେ ନାହିଁ, ମାତ୍ର ତାଙ୍କ ପଛରେ ଥିବା ସେହି ବ୍ୟବସ୍ଥା ତାଙ୍କୁ ଏହା ଭିତରକୁ ନେଇ ଆସିବ। ଅବିକଳ ଠିକ୍! ହେ ଖ୍ରୀଷ୍ଟିଆନ, ନିଜର ବିବେକକୁ ଚିମୁଟି ଦେଖନ୍ତୁ। ନିଜକୁ ଜାଗ୍ରତ କରନ୍ତୁ, ଏହା ଆପଣଙ୍କର ଚିନ୍ତା କରିବାଠାରୁ ମଧ୍ୟ ଅଧିକ ପରେ ଅଟେ। ଆମେମାନେ ଯେଉଁ ଅବସ୍ଥାରେ ଅଛୁ, ଯେଉଁ ଅବସ୍ଥାରେ ସେମାନେ ଥିଲେ, ଏବଂ ସେମାନେ କିପରି ଭାବରେ ନିଜକୁ ହୁଗୁଳା କରିଥିଲେ।

75 କିପରି ପରମେଶ୍ୱରଙ୍କ ସେହି ମହାନ ସ୍ନେହପୂର୍ଣ୍ଣ ହୃଦୟ ନିଶ୍ଚିତ ଭାବରେ ଚିତ୍କାର

କରିଥିବ, ଏବଂ କ୍ରନ୍ଦନ କରିଥିବ, ଯେତେବେଳେ ସେ ତାହାଙ୍କର ମିଶନାରୀ ଲୋକମାନଙ୍କୁ ଦେଖିଥିବେ। ସେମାନଙ୍କୁ ଏକ ଉଦାହରଣ ସ୍ୱରୂପେ କଲେ, ସବୁ ସ୍ଥାନରୁ ସମସ୍ତ ରାଷ୍ଟ୍ର ଆସିଥିଲେ କାରଣ ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କରିଥିଲେ, ଏହା ଦେଖି ଯେ ସେମାନେ ଏକତାରେ ଅଛନ୍ତି, ଆତ୍ମିକ ରୂପେ, ପରମେଶ୍ୱରଙ୍କର ସେବା କରୁଛନ୍ତି। ଏବଂ ତାହାପରେ ଏହା ଚିନ୍ତା କରିବା ଯେ ସେ—ସେ ଏହା ଦେଖିବା ପାଇଁ ଅପେକ୍ଷା କରିଥିଲେ ଯେ ସେମାନେ ତାଙ୍କର ଆଦ୍ୟ ପ୍ରେମକୁ ଫେରି ଆସନ୍ତୁ ଏବଂ ଯାହା ଠିକ୍ ତାହା କରନ୍ତୁ, ମାତ୍ର ସେମାନେ ନିରନ୍ତର ଭାବରେ ଦୂରକୁ ଚାଲିଗଲେ, ଏବଂ ଚାଲିଗଲେ, ଏବଂ ଦୂରେଇ ଗଲେ, ଏପରିକି ଯେ ଶେଷରେ ଇଷେବଲ ଭିତରକୁ ପଶି ଆସିଲେ। ଅବିକଳ ଠିକ ତାହା ହିଁ ଅଟେ ଯାହା ଆମେମାନେ କରିଅଛୁ। ଖ୍ରୀଷ୍ଟଙ୍କ ନୀତିରୁ ଦୂରେଇ ଯାଇଅଛୁ। ଯେତେବେଳେ ପରମେଶ୍ୱର ତାହାଙ୍କର ସେବକମାନଙ୍କୁ ସମଗ୍ର ଦେଶରେ ପଠାଇଲେ, ସେମାନେ ପବିତ୍ରତା ପ୍ରଚାର କଲେ (ପିଲଗ୍ରିମ ହୋଲିନେସ୍, ନାଜରିନ, ପେଣ୍ଟିକଷ୍ଟାଲ୍), "ପରମେଶ୍ୱରଙ୍କ ନିକଟକୁ ଫେରିଯାଅ! ପରମେଶ୍ୱରଙ୍କ ନିକଟକୁ ଫେରିଯାଅ!"

76 ଏବଂ ସେହି ପ୍ରକୃତ ପୁରାତନ-ସମୟର ପ୍ରତିଷ୍ଠିତ ମଣ୍ଡଳୀଗୁଡ଼ିକ କେବଳ ଉପହାସ କରିଥିଲେ ଏବଂ ଥଟ୍ଟା କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଆଧୁନିକବାଦୀ ବିଶ୍ୱାସୀମାନେ, କାହିଁକି, ସେମାନେ ସବୁକିଛି ବିଷୟକୁ ନିନ୍ଦା କରିଥିଲେ ଯାହା ସେହି ପୁରୁଷମାନେ କରିଥିଲେ ଏବଂ କହିଥିଲେ ଯେ "ଏହା ଶୟତାନର ଥିଲା।" ଏହା କଅଣ କଲା? ଏବଂ ମଣ୍ଡଳୀ ଏହାକୁ ଶୁଣିବାକୁ ଆରମ୍ଭ କଲେ, ଅଧିକାଂଶ ଲୋକ ଶୁଣିବାକୁ ଆରମ୍ଭ କଲେ। ପ୍ରଥମ ବିଷୟ ଆପଣ ଜାଣନ୍ତି, "ଯଦି କ୍ୟାଥୋଲିକ୍ ସ୍ତ୍ରୀଲୋକ ଏହି ପ୍ରକାରର ବିଷୟ ପିନ୍ଧି ପାରିବେ, ତେବେ ପ୍ରୋଟେଷ୍ଟାଣ୍ଟ ମଧ୍ୟ ପିନ୍ଧି ପାରିବେ। ଯଦି କ୍ୟାଥୋଲିକ୍ ମଣ୍ଡଳୀ *ଏହା* କରିପାରିବେ, ତେବେ ପ୍ରୋଟେଷ୍ଟାଣ୍ଟ ମଧ୍ୟ କରିପାରିବେ। ତେବେ ଯଦି ମେଥୋଡିଷ୍ଟ କରିପାରିବେ, ତାହାହେଲେ ବାପ୍ଟିଷ୍ଟଙ୍କ ବିଷୟରେ କଅଣ? ତେବେ ଯଦି ବାପ୍ଟିଷ୍ଟ କରିପାରିବେ, ପେଣ୍ଟିକଷ୍ଟାଲମାନଙ୍କ ବିଷୟରେ କଅଣ?"

77 ଦେଖନ୍ତୁ, ତାହାହିଁ ଅଟେ ଯାହା ଭିତରକୁ ମନୁଷ୍ୟ-କୃତ ବ୍ୟବସ୍ଥାଗୁଡ଼ିକ ଆପଣଙ୍କୁ ନେଇ ଆସନ୍ତି। ହାଲ୍ଲେଲୁୟା! ତାହା ସତ୍ୟ ଅଟେ। ସେହି କାରଣରୁ ମୁଁ ଏହା ବିରୁଦ୍ଧରେ ଅଟେ, କାରଣ ପରମେଶ୍ୱରଙ୍କ ବାକ୍ୟ ଏହା ବିରୁଦ୍ଧରେ ଅଟେ। ମନୁଷ୍ୟ-କୃତ ବ୍ୟବସ୍ଥାମାନ: ପରମେଶ୍ୱର ଏହା ବିରୁଦ୍ଧରେ ଅଟନ୍ତି, ତାହାଙ୍କର ବାକ୍ୟ ଏହା ବିରୁଦ୍ଧରେ ଅଟେ, ତାହାଙ୍କର ଭବିଷ୍ୟଦ୍‌ବକ୍ତାମାନେ ଏହା ବିରୁଦ୍ଧରେ ହେବେ, ତାହାଙ୍କର ପ୍ରକୃତ ସେବକମାନେ ଏହା ବିରୁଦ୍ଧରେ ରହିବେ, ସମସ୍ତେ ଯେଉଁମାନେକି ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଜନ୍ମ ହୋଇଛନ୍ତି ତାହା ବିରୁଦ୍ଧରେ ରହିବେ।

78 ଦେଖନ୍ତୁ ଯେ ଇସ୍ରାଏଲ କିପରି ହୋଇଗଲା, କିପରି ସେମାନେ ଜୁଆର ସହିତ ଭାସିଥିଲେ, ଯେପର୍ଯ୍ୟନ୍ତକି ଶେଷରେ ଇଷେବଲ ନ ଆସିଗଲା। ଦେଖନ୍ତୁ ଯେ ଆମେରିକା କିପରି ହୋଇଗଲା, ଏବଂ ସାଂସାରିକ ଜୁଆର ସହିତ ଭାସମାନ ହେଲା, ଯେପର୍ଯ୍ୟନ୍ତକି

ଶେଷରେ ଇଷେବେଲ ସିଂହାସନ ଗ୍ରହଣ ନ କଲା । ତାହା ଠିକ୍ ଅଟେ । ତେବେ, ଇଷେବଲ ପ୍ରକୃତରେ ମିସରର ସିଂହାସନରେ ନ ଥିଲା...କିମ୍ବା, ଇସ୍ରାଏଲର ସିଂହାସନରେ ନ ଥିଲା, ମାତ୍ର ସେ ସିଂହାସନ ପଛରେ ମୁଖ୍ୟ କର୍ତ୍ତା ଥିଲେ । ଏବଂ କ୍ୟାଥୋଲିକ୍ ଉଚ୍ଚପଦାଧିକାରୀ କର୍ତ୍ତୃପକ୍ଷ ଯୁକ୍ତରାଷ୍ଟ୍ର ଆମେରିକାର ସିଂହାସନରେ ନାହାଁନ୍ତି, ମାତ୍ର ସେ ଏହାର ପଛରେ ଥିବା ବ୍ୟବସ୍ଥା ଅଟେ କାରଣ ସେ ତାକୁ ବିବାହ କରିଅଛି । ଏବଂ ବାଇବଲ କୁହେ, ଯେ ଏହି ଦେଶରେ, ସେମାନେ "ସେହି ପଶୁ *ନିମନ୍ତେ* ଏକ ପ୍ରତିମା ନିର୍ମାଣ କରିବେ ।"

79 ଓଃ, ଭାଇ, ଭଉଣୀ, ମାମଲା କଅଣ ଅଟେ? ତେବେ, ମୁଁ—ମୁଁ ଜାଣେ ଯେ ଏହା କଅଣ ଅଟେ । ବାଇବଲ କୁହେ ଯେ ସେମାନେ ଏହି ଲାଅଦୀକିୟ ଯୁଗକୁ ଆସିବେ, ଏବଂ ସେହିଠାରେ ହିଁ ଅଟେ ଯେଉଁଠାରେକି ଆମେମାନେ ଅଛୁ । ଆପଣ ମୋତେ ବର୍ତ୍ତମାନ ଘୃଣା କରିପାରନ୍ତି, ମାତ୍ର ଗୋଟିଏ ଦିନ ଆପଣ କରିପାରିବେ ନାହିଁ ଯେତେବେଳେ ଆପଣ ଜାଣିବେ ଯେ ସତ୍ୟ କଅଣ ଅଟେ । ଆପଣ ଏଥିରେ ଅସହମତ ହୋଇପାରନ୍ତି ଏବଂ ଉଠି ଏହି ଭବନରୁ ଚାଲି ଯାଇପାରନ୍ତି, ଯାହାକି ଠିକ ଆପଣଙ୍କର ଅଶିକ୍ଷିତ ବିଷୟକୁ ଦେଖାଇଥାଏ । ମାତ୍ର କୌଣସି ଦିନ ଆପଣ ହୃଦୟଙ୍ଗମ କରିବେ, କୌଣସି ଦିନ ଆପଣ ଇଚ୍ଛା କରିବେ ଏବଂ ଜାଣିବେ ଯେ ଏହା ସତ୍ୟ ଅଟେ! ମୁଁ ପ୍ରଭୁଙ୍କ ନାମରେ ଏହା କହୁଛି! ନିଜକୁ ଏକ ଲକ୍ଷ୍ୟସାଧନ ପାଇଁ ରଖୁଛି, ଯାହାକି ଶେଷରେ ମୋତେ କବରକୁ ଘେନିଯିବ । ମୁଁ ମରିବା ପର୍ଯ୍ୟନ୍ତ ଏକ ସାକ୍ଷୀ ହୋଇ ରହିବାକୁ ଯାଉଅଛି, ଯଦି ପରମେଶ୍ୱର ମୋତେ ସାହାଯ୍ୟ କରିବେ । ତାହା ଠିକ୍ ଅଟେ ।

80 ଏଠାରେ ଆମେମାନେ ଆଜି ଏହି ଅବସ୍ଥାରେ ଅଛୁ, ଏହିସବୁ ବିଷୟ ସେପରି ଭାବରେ ଚାଲିଛି । ଇସ୍ରାଏଲରେ, ଆହାବ କିପରି କଲେ, ଇଷେବଲଙ୍କ ପାଇଁ ଏକ ପ୍ରତିମୂର୍ତ୍ତିରୂପ ଥିଲେ କାରଣ ସେ ଥି-...ସେ ତାଙ୍କୁ ବିବାହ କରିଥିଲେ । ଆମେରିକା, ଆମର ନେତା, ଜଣେ କିପରି କରିଥିଲେ...ଆପଣ ଜାଣନ୍ତି ଯେ ଆମର ନେତା ଜଣେ ଧନୀ ବ୍ୟକ୍ତି ଥିଲେ? କେତେ ଜଣ ତାହା ଜାଣନ୍ତି? ଜଣେ କୋଟିପତି । କେହି ଜଣେ ମୋତେ, ଏକ ପତ୍ରିକାରେ କିମ୍ବା କୌଣସି ରେଡିଓ ଅବା ଟେଲିଭିଜନରେ କିମ୍ବା ସେପରି କିଛିରେ କହିଥିଲେ, ଜ୍ୟାକ୍ ବେନି କିମ୍ବା କେହି ଜଣେ ଏକ ଟିପ୍ପଣୀ କରିଥିଲେ...ଏର୍ନି ଫୋର୍ଡ, ମୁଁ ଭାବୁଛି ଏହା ସେ ଥିଲେ । କେହି ଜଣେ ଏହା କହିଲେ ଯେ "ତାଙ୍କ ପିତା ତାଙ୍କୁ ଦୁଇଟି ରାଜ୍ୟ ପାଇବାରେ ସାହାଯ୍ୟ କରିଥିଲେ ଯାହାର ମାଲିକ ସେ ନ ଥିଲେ ।" ଠିକ ଏହାର ବାକି ସବୁର ମାଲିକ ଥିଲେ । ସେ ଏହା କିପରି ପାଇଲେ? ସେହି ଟଙ୍କା କିପରି ଆସିଲା? ସେହି ୱିସ୍କି ମଦ ଚୋରା ବେପାର, ଏବଂ ମଦ ମାଧ୍ୟମରେ ଆସିଥିଲା । ସେହି କାରଣରୁ ସେ ୱିସ୍କି ଏବଂ ସେହି ବିଷୟଗୁଡିକ ଉପରେ କରଛାଡ କରିଥିଲେ । ତାହା ହିଁ ଅଟେ ଯାହାକି ତାଙ୍କୁ ଜଣେ ଧନୀ ବ୍ୟକ୍ତି କରିଥିଲା । ସେହି ସମାନ ବିଷୟ ଯାହାକି ଆମ ଦେଶକୁ ଦୋଷୀ କରିଥିଲା, ସେହି ବିଷୟ ଯାହାକି ଆମ ଲୋକମାନଙ୍କର ମନକୁ ଭ୍ରଷ୍ଟ କରିଥିଲା, ସେହି ବିଷୟ ଯାହାକି ଆମର ପିଲାମାନଙ୍କୁ ମଦ୍ୟପ ହେବାକୁ ପଠାଇଥିଲା, ଏବଂ ଆମର ଝିଅମାନଙ୍କୁ ବେଶ୍ୟା ହେବାକୁ ପଠାଇଥିଲା, ସେହି ବିଷୟରୁ ଆସିଥିବା ଟଙ୍କା ହିଁ ତାଙ୍କୁ ଜଣେ

ଧନୀ ଲୋକ କରିଥିଲା ।

81 ସେହି ସମାନ ବିଷୟ, ସେହି ପୁରୁଣା ଇଷେବେଲ ବ୍ୟବସ୍ଥା, ସେହି ସମାନ ଜିନିଷ ଯାହା ଆମର ଲୋକମାନଙ୍କୁ ନିର୍ଯାତନା ଦେଇଥିଲା, ସେହି ସମାନ ବିଷୟ ଯାହାକି ସେମାନଙ୍କୁ (ରୋମାନ୍‌ବାଦ୍‌ରେ) ନିଶାସକ୍ତ କରି ଦେଇଥିଲା ଏବଂ ସେମାନଙ୍କୁ ପୋଡି ଦେଇଥିଲା ଏବଂ ସେମାନଙ୍କୁ ବିଭକ୍ତ କରି ଦେଇଥିଲା ଆଉ ସେମାନଙ୍କ ସହିତ ସବୁକିଛି ବିଷୟ କରିଥିଲା, ଶହୀଦମାନଙ୍କର ସେହି ସମାନ ରକ୍ତ (ବାଇବଲ କୁହେ) ତାହା ଭିତରେ ଅଛି! ସେଠାରେ ସେମାନେ, ଏକାଠି ବିବାହିତ ହୋଇଛନ୍ତି । ଏବଂ ଆମେ ଆମେରିକୀୟମାନେ ଠିକ ସେଥିରେ ଝୁଣ୍ଟି ପଡିଥାଉ, "ଓଃ, ତେବେ, ଆମ ପାଖରେ କିଛି ଅତିରିକ୍ତ ଡଲାର ଅଛି ଏବଂ ଆମର ଏକ ଭଲ ସମୟ ଅତିବାହିତ ହେଉଅଛି । ବାକି ଅନ୍ୟ ସମସ୍ତ ଦେଶ ଅପେକ୍ଷା ଭଲ ଅଛୁ ।" ମାତ୍ର, ଭାଇ, ଆପଣ କେବଳ ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ ।

82 ଆସନ୍ତୁ ବର୍ତ୍ତମାନ ଏହାକୁ ପରବର୍ତ୍ତୀ କିଛି ମିନିଟ୍ ପାଇଁ, ଅକ୍ଷର ପରେ ଅକ୍ଷର ନେବା, ଦେଖିବା ଯେ କଅଣ ଘଟିତ ହେଲା ।

83 ପ୍ରଚାରକମାନେ କେବଳ, ସେମାନଙ୍କ ସହିତରେ ଠିକ ପାଦରେ ପାଦ ମିଶାଇ, ସେମାନଙ୍କ ସହିତ ମିଶି, ସମସ୍ତ ବ୍ୟବସ୍ଥାରେ ଆଗକୁ ବଢି ଯାଇଥିଲେ । ସମଗ୍ର ଇସ୍ରାଏଲୀୟ ବ୍ୟବସ୍ଥା ଠିକ ଇଷେବଲ ସହିତରେ ଚାଲିଗଲା । ସେମାନଙ୍କର ଏକ ଭେଖ ଥିଲା, ହଁ। ଏବଂ କଅଣ ବାଇବଲ ଆମକୁ ଏହା କୁହେ ନାହିଁ ଯେ ଏହି ଶେଷ ଦିନରେ ଆମର ଏକ "ଈଶ୍ୱରପରାୟଣତାର ଏକ ଭେଖ" ରହିବ? ସମସ୍ତ ଭବିଷ୍ୟତ୍‌ବାଣୀଗୁଡିକ ପୂର୍ଣ୍ଣ ହୋଇଛି, ଭାଇ, ଆମେ ଶେଷରେ ଅଛୁ! ଜାତୀୟ ସ୍ତରରେ, ଆମେ ଶେଷରେ ଅଛୁ! ଆତ୍ମିକ ଭାବରେ, ଆମେ ଶେଷରେ ଅଛୁ! ପ୍ରତ୍ୟେକ ବ୍ୟବସ୍ଥା ତାହାର ଶେଷରେ ଅଛି! ପରବର୍ତ୍ତୀ ବିଷୟ ହେଉଛି ପ୍ରଭୁଙ୍କ ଆଗମନ ଏବଂ ମଣ୍ଡଳୀର ରୂପାନ୍ତରଣ ।

84 ପରମେଶ୍ୱର ପ୍ରତ୍ୟେକ ଚିହ୍ନ, ଆଶ୍ଚର୍ଯ୍ୟକର୍ମକୁ ପଠାଇଲେ, ପ୍ରତ୍ୟେକ ସେହି ବିଷୟକୁ କଲେ ଯାହା ସେ କରିପାରନ୍ତି, ଯେପରିକି ଲୋକମାନଙ୍କୁ ଆକର୍ଷିତ କରିବାକୁ ଚେଷ୍ଟା କରନ୍ତି, ଏବଂ ନିରନ୍ତର ଭାବରେ ସେମାନେ ଅନ୍ୟତ୍ର ଗମନ କରି ଚାଲିଲେ । ଏଠାରେ ଏହି ସହରକୁ ଦେଖନ୍ତୁ । ଏହି ଦେଶକୁ ଏଠାରେ ଚାରିଆଡେ ଦେଖନ୍ତୁ, ଏଥିରେ ହଜାର ହଜାର ଏବଂ ଶହ ଶହ ପେଣ୍ଟିକଷ୍ଟାଲ ଲୋକମାନେ ରହିଛନ୍ତି; ଏବଂ ସତ୍ୟ ଉପରେ ଠିଆ ହୋଇଥିବା ହେତୁ, ସେମାନେ ଆଜି ଅପରାହ୍ନରେ କେଉଁଠାରେ ଅଛନ୍ତି? କାରଣ କେହି ଜଣେ ସେମାନଙ୍କୁ ସେହି ସଭାକୁ ସହଯୋଗ ନ କରିବା ପାଇଁ କହିଥିଲେ । ଆପଣ ଦରିଦ୍ର, ସୁଚିନ୍ତିତ...ପରମେଶ୍ୱର ଆପଣଙ୍କ ପ୍ରତି ଦୟା କରନ୍ତୁ, ତାହାହିଁ କେବଳ ମାତ୍ର ବିଷୟ ଯାହାକି ମୁଁ କହିପାରେ । ଯେତେବେଳେ ଆପଣ ଖ୍ରୀଷ୍ଟିଆନମାନଙ୍କ ପାଖରେ ତାହାଠାରୁ ଅଧିକ ମେରୁଦଣ୍ଡ ନ ଥାଏ, ଆପଣଙ୍କ ପାଖରେ ଏକ ମେରୁଦଣ୍ଡ ହାଡ ପରିବର୍ତ୍ତେ ଏକ ଇଚ୍ଛା ହାଡ ରହିଥାଏ । ଠିକ୍! ଆମକୁ ଯାହା ଦରକାର ତାହା ହେଉଛି "ଏପରି ସୁସମାଚାରକୁ ପ୍ରଚାର କରିବ ଯାହାର ଦାନ୍ତ

ରହିଥାଏ," ଯାହାକି ଜିନିଷକୁ ଖଣ୍ଡ ଖଣ୍ଡ କରିଦେବ । ଅବଶିଷ୍ଟ ଅନ୍ୟମାନଙ୍କ ପରି କେବଳ ଚାଲିଗଲେ, ତାହାପରେ ଆପଣ ଆଶ୍ଚର୍ଯ୍ୟ କରନ୍ତି ଯେ ଆମେ ଏହା ବିଷୟରେ କାହିଁକି ପାଟିତୁଣ୍ଡ କରିଥାଉ । ତାହାପରେ, ଆପଣ ଦେଖନ୍ତୁ, ଆପଣ "ଥଣ୍ଡା କାନ୍ଧ ବା ଅପ୍ରୀତିକର ମିଳନ" ପାଆନ୍ତି । ମୁଁ ଏହା ଆଶା କରେ, ମୋତେ କରିବାକୁ ହୁଏ ।

85 ଏହା ସବୁ ଇସ୍ରାଏଲରେ ଚାଲିଥିଲା । ଅବଶେଷରେ, ଗୋଟିଏ ଦିନ, ଜଣେ ଲୋମ-ବିଶିଷ୍ଟ ବୃଦ୍ଧ ବ୍ୟକ୍ତି, ଜଙ୍ଗଲରୁ ଧମ ଧମ କରି ଚାଲି ଆସିଲେ, ଯିଏକି ତିଷ୍ବି ନିବାସୀ ଏଲିୟ ଥିଲେ । ସେ କେବେ ବି କୌଣସି ସଂଗଠନରୁ ବାହାରି ଆସିଲେ ନାହିଁ, ସେ ଜଙ୍ଗଲରୁ ବାହାରି ଆସିଥିଲେ! ତାଙ୍କର ସେମାନଙ୍କ ସହିତ କୌଣସି ବେପାର ନ ଥିଲା । ସେ ପ୍ରଭୁଙ୍କର ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ଭାଇ, ସେ ସେହି ଈଷେବଲ୍ ରାଜ୍ୟକୁ ତହିଁରେ ଥିବା ସମସ୍ତ କିଛି ବିଷୟ ପାଇଁ କମ୍ପମାନ କରି ଦେଇଥିଲେ । ସେମାନେ ତାଙ୍କୁ ଘୃଣା କରିଥିଲେ । ତାଙ୍କୁ କୌଣସି ସହଯୋଗ କରା ଯାଇ ନ ଥିଲା, ମୁଁ ଆପଣଙ୍କୁ ତାହା ବିଷୟରେ ସୁନିଶ୍ଚିତ କରେ । ବାଇବଲ କୁହେ ଯେ ତାହା ନ ଥିଲା । ନିଶ୍ଚିତରେ । ମୁଁ କଳ୍ପନା କରୁଛି, ଯେ ସେ ସେହି ମୁଖ-ଚିତ୍ରିତ ଈଷେବଲ୍‌ମାନଙ୍କୁ "ପୋଡି ଦିଅ" ବୋଲି କହିଥିଲେ । ସେ ଯୋହନଙ୍କ ପରି ବୃକ୍ଷର ମୂଳରେ କୁରାଢୀକୁ ଲଗାଇଥିଲେ, କାଠ ଗୁଣ୍ଡଗୁଡିକ ଯେଉଁଠାରେ ଇଚ୍ଛା ସେହିଠାରେ ପଡିଥିଲା, ମାତ୍ର ସେ ଈଷେବଲ୍‌କୁ ସେଠାରେ ରଖିଥିଲେ । ସେ ରାଷ୍ଟ୍ରକୁ ଦୋହଲାଇ ଦେଇଥିଲେ, ଏହା ଦର୍ଶାଉଥିଲେ ଯେ ସେମାନେ ଭୁଲ୍ ଅଟନ୍ତି, ଏବଂ ସେମାନଙ୍କୁ ଏକ ପ୍ରକୃତ ଜୀବନ୍ତ ପରମେଶ୍ୱରଙ୍କ ନିକଟକୁ ଡାକିବାକୁ ଚେଷ୍ଟା କରିଥିଲେ, ଏବଂ ଏକ ଈଷେବଲ ଉପାସନା ପରିବର୍ତ୍ତେ ତାହାଙ୍କର ବାକ୍ୟ ଆଡକୁ ଫେରାଇବାକୁ ଚେଷ୍ଟା କରିଥିଲେ ।

86 ସେମାନେ କଅଣ କରିଥିଲେ? କଅଣ ସେମାନେ ତାଙ୍କୁ ଗ୍ରହଣ କଲେ କି? ସେମାନେ ତାଙ୍କୁ ଘୃଣା କରିଥିଲେ । ମାତ୍ର ତାଙ୍କର ବାକ୍ୟ ସେହି ସମାନ ଭାବରେ ଆଗକୁ ଗତି କଲା, କାରଣ ତାଙ୍କ ପାଖରେ **ସଦାପ୍ରଭୁ ଏହି କଥା କୁହନ୍ତି** ରହିଥିଲା! ପରମେଶ୍ୱର ତାଙ୍କ ସହିତ କାମ କରୁଥିଲେ, ଏବଂ ସେ ଯେଉଁ କଥାଗୁଡିକ କହିଛନ୍ତି ତାହା ସଫଳ ହେବା ଦ୍ୱାରା ଏହା ଦେଖାଉଥିଲେ ଯେ ସେ ଜଣେ ଅଭିଷିକ୍ତ ଭବିଷ୍ୟଦ୍‌ବକ୍ତା ଅଟନ୍ତି । ଏବଂ ଯାହାସବୁ ସେ କରିଥିଲେ ତାହା ଏହା ପ୍ରମାଣ କରୁଥିଲା ଯେ ସେ ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ଥିଲେ । ମାତ୍ର ତଥାପି ସେମାନେ ଏହାକୁ ବିଶ୍ୱାସ କରିବେ ନାହିଁ, କାରଣ ସେ ସେମାନଙ୍କର ଖେଳ ଘରଗୁଡ଼ିକୁ ଭାଙ୍ଗି ଦେଇଥିଲେ । ସେ ସେମାନଙ୍କୁ କହିଥିଲେ ଯେ ସେମାନେ ଭୁଲ୍ ଅଟନ୍ତି । ଆହାବ ତ ଜଣେ ଅନୁଭବହୀନ କର୍ମକର୍ତ୍ତା ଥିଲେ । ସତ! ଏବଂ ଆପଣ ଲକ୍ଷ୍ୟ କରନ୍ତୁ ଯେ ସେମାନେ ତାଙ୍କୁ ବିଶ୍ୱାସ କରୁ ନ ଥିଲେ, ମାତ୍ର ସେ ଏହାକୁ ସେହି ସମାନ ଭାବରେ ପ୍ରଚାର କରିଥିଲେ । କୌଣସି ବି ପ୍ରଚାରକ ତାଙ୍କ ସହିତ ସହମତ ହୋଇ ନ ଥିଲେ, ସେ କହିଲେ, "ପ୍ରଭୁ, ମୁଁହିଁ କେବଳ ଜଣେ ଏକାକୀ ବାକି ଅଛି । ସେମାନଙ୍କୁ ଦେଖନ୍ତୁ, ସେମାନେ ତ ଏପରିକି କରିବେ ସୁଦ୍ଧା ନାହିଁ…ଜଣେ ହେଲେ ବି, କେହି ବି ସହଯୋଗ କରିବେ ନାହିଁ ।" ମାତ୍ର ତାଙ୍କର କରିବା ନିମନ୍ତେ ଏକ କାର୍ଯ୍ୟଭାର ଥିଲା ଏବଂ ସେ ତାହା କଲେ । ତାଙ୍କ ପାଖରେ ପ୍ରଭୁଙ୍କର ବାକ୍ୟ ଥିଲା,

**ସଦାପ୍ରଭୁ ଏହି କଥା କୁହନ୍ତି**! ଏବଂ ସେ ସେହି ରାଷ୍ଟ୍ରକୁ ଆକ୍ରମଣ କଲେ, ସେ ସେହି ମଣ୍ଡଳୀକୁ ଆକ୍ରମଣ କଲେ, ସେଠାରେ ଥିବା ସମସ୍ତ କିଛି ବିଷୟକୁ ଆକ୍ରମଣ କଲେ, ଏବଂ ପରମେଶ୍ୱର ତାଙ୍କ ସହିତରେ ଥିଲେ!

87 ଆମକୁ ଏହି ଶେଷ ଦିନରେ, ପ୍ରତିଜ୍ଞା କରାଯାଇଅଛି, ଯେ ସେ ଏହି ଦେଶକୁ ମଧ୍ୟ ପ୍ରତ୍ୟାବର୍ତ୍ତନ କରିବେ । ମୁଁ ଜାଣେ, ଯେ ଯୀଶୁ, ଯେତେବେଳେ…ମାଥିଉ 17, ଯେତେବେଳେ ସେମାନେ ତାହାଙ୍କୁ ପଚାରିଲେ, "ଶାସ୍ତ୍ରୀମାନେ କାହିଁକି କୁହନ୍ତି ଯେ, 'ଏଲିୟ…'?"

88 ଧ୍ୟାନ ଦିଅନ୍ତୁ ଯେ ସେ କଅଣ କହିଲେ, "ଏଲିୟଙ୍କୁ ପ୍ରକୃତରେ ପ୍ରଥମେ ଆସିବାକୁ ଅଛି," ଅତୀତ, ପୂର୍ବ-…ଭବିଷ୍ୟତ କାଳରେ । ମାତ୍ର ତାହାପରେ ସେ ଯୋହନଙ୍କୁ ଏକ ଉଦାହରଣ ସ୍ୱରୂପେ ଦର୍ଶାଇଲେ । ଯୋହନ ମଲାଖି 4 ନ ଥିଲେ । ଯୋହନ ତ ମଲାଖୀ 3 ଥିଲେ, "ଦେଖ, ମୁଁ ମୋ ସମ୍ମୁଖରେ ମାର୍ଗକୁ ପ୍ରଶସ୍ତ କରିବା ନିମନ୍ତେ, ଏକ ବାର୍ତ୍ତାବହକୁ ପଠାଉଅଛି ।"

89 ମଲାଖି 4, ସେ କହିଲେ, "ପ୍ରଭୁଙ୍କର ସେହି ମହାନ ଓ ଭୟଙ୍କର ଦିନ ଆସିବା ପୂର୍ବରୁ, ଯେତେବେଳେ ସମଗ୍ର ପୃଥିବୀ ନଡ଼ା ପରି ଜଳିଯିବ; ସେହି ଦିନ ପୂର୍ବରୁ, ମୁଁ ଏଲିୟଙ୍କୁ ପଠାଇବି ।"

90 ଏବଂ ଏହା ଯୋହନ ନ ଥିଲେ, କାରଣ ଯୋହନ ଆସିବା ସମୟରେ ପ୍ରଭୁ ପୃଥିବୀକୁ କେବେବି ଜାଳି ନ ଥିଲେ । ଏବଂ ଯଦି ଆପଣମାନେ ଧ୍ୟାନ ଦେବେ, ଏବଂ ସେହି ଶେଷ ପର୍ବରେ, ତାର ଶେଷ ପଦରେ, ସେ କହିଥିଲେ, "ଏବଂ ସେ…" (ଦେଖନ୍ତୁ: *ସେ* କଥାବାର୍ତ୍ତା କରୁଛନ୍ତି) "…ପିତୃପୁରୁଷମାନଙ୍କର ହୃଦୟ ସନ୍ତାନମାନଙ୍କ ଆଡକୁ ଫେରାଇବେ, ଏବଂ ସନ୍ତାନମାନଙ୍କର ହୃଦୟ ପିତୃପୁରୁଷମାନଙ୍କ ଆଡକୁ ।"

91 ତେବେ ଦେଖନ୍ତୁ! ପ୍ରଥମ ଯୋହନ ଆସିଲେ, ସେହି ପ୍ରଥମ ଏଲିୟ, ସେ କଅଣ କଲେ? ସେ ଆସି ଏକ ବାର୍ତ୍ତାକୁ ଆଣିଲେ ଏବଂ ସେହି ପୁରାତନ ରୁଢୀବାଦୀମାନଙ୍କ କଠିନ ହୃଦୟକୁ ଯୁବା ମଣ୍ଡଳୀ, ସେହି ସନ୍ତାନମାନଙ୍କ ବିଶ୍ୱାସ ଆଡକୁ ଫେରାଇଲେ । ମାତ୍ର ଯେତେବେଳେ ପରବର୍ତ୍ତୀ ଏଲିୟ ଆସିବେ, ସେହି ଶେଷ ସମୟରେ, ତାଙ୍କୁ ଫେରି ଯାଇ ସେହି—ସେହି ପିତୃପୁରୁଷମାନଙ୍କର ହୃଦୟକୁ ନେବାକୁ ପଡିବ…ବରଂ, ସେହି ସନ୍ତାନମାନଙ୍କର ହୃଦୟକୁ, ନେଇ ସେମାନଙ୍କୁ ପେଣ୍ଟିକଷ୍ଟାଲ୍‌ ପିତୃପୁରୁଷଙ୍କ ବିଶ୍ୱାସ ନିକଟକୁ ଫେରାଇବାକୁ ହେବ । ସେହି ପାର୍ଥକ୍ୟକୁ ଦେଖନ୍ତୁ? ସେ ଏଠାରେ ଥିବା ଏହି *ତଥା-କଥିତ* ଲୋକମାନଙ୍କ ମଧ୍ୟରୁ ଜଣେ ହେବେ ନାହିଁ ଯାହାକି ଆମ ପାଖରେ ଆଜି ଅଛନ୍ତି, ସେ ସୀଧସଳଖ ପ୍ରେରିତ କ୍ରିୟା 2 ନିକଟକୁ ଫେରିଯିବେ ଏବଂ ଠିକ ସେଠାରୁ ଆରମ୍ଭ କରିବେ । ସେ ଅମିଶ୍ରିତ ସୁସମାଚାର ପ୍ରଚାର କରିବେ, ଠିକ ସେହି ସମାନ ବିଷୟଗୁଡ଼ିକୁ କହିବେ ଯାହା ପେଣ୍ଟିକଷ୍ଟର ଦିନରେ ପିତର କହିଥିଲେ, 'କାରଣ ସେ ପେଣ୍ଟିକଷ୍ଟରେ ଯାହା କହିଥିଲେ ତାହା ବାକି ଶାସ୍ତ୍ରଗୁଡ଼ିକୁ ସୁପ୍ରମାଣିତ କରିଅଛି । ଯେତେବେଳେ ଏଲିୟ ଆସିବେ, ସେ କୌଣସି ସଂସ୍ଥା ସହିତ ତାଙ୍କ କଥାରେ ନାଚିବେ ନାହିଁ । ସେ ସ୍ତ୍ରୀଲୋକମାନଙ୍କୁ ଘୃଣା କରିବେ ଠିକ ଯେପରି ଏଲିୟ କରିଥିଲେ, ଠିକ

ଯେପରିକି...କିମ୍ବା ମନ୍ଦ ସ୍ତ୍ରୀଲୋକମାନେ, ଠିକ ଯେପରିକି ଯୋହନ କରିଥିଲେ । ସେ ଜଣେ ଜଙ୍ଗଲ-ପ୍ରେମୀ ହେବେ ଠିକ ଯେପରି ସେମାନେ ଥିଲେ । ସେ ଛାଡିବେ ନାହିଁ । ଆମେ ତାଙ୍କର ଆଗମନକୁ ଅପେକ୍ଷା କରୁଅଛୁ । ସେ ଆସିବେ! ପରମେଶ୍ୱର କହିଲେ ଯେ ସେ କରିବେ, ଏବଂ ସେ ଏଠାରେ ରହିବେ!

92 ମୁଁ ବିଶ୍ୱାସ କରେ, ଯଦି କୌଣସି ବି ବିଷୟ, ସେହି ବାର୍ତ୍ତା ଯାହା ଆଜି ଆମ ପାଖରେ ଅଛି ତାହା ତାଙ୍କର ସେହି ମହାନ ଆଗମନର ଆଗରେ ଆଗରେ ଯିବ । ହଁ, ମହାଶୟ! ସେ ତ ଜନ୍ମ ଗ୍ରହଣ କରି, ନିଜ ମାର୍ଗରେ ଅଛନ୍ତି । ଯେପରି ଏଲିୟ ଥିଲେ, ଏବଂ ଜଙ୍ଗଲରୁ ବାହାରି ହଠାତ ଦୃଶ୍ୟମାନ ହୋଇଥିଲେ, କୌଣସି ସ୍ଥାନରେ ସେ ନିଜକୁ ପରିଚିତ କରାଇବେ । ସେ ପ୍ରେରିତ କ୍ରିୟା 2 ପ୍ରଚାର କରିବେ । ସେ ଏହି ପୁରୁଣା ପେଣ୍ଟିକଷ୍ଟାଲ ପିତୃପୁରୁଷଙ୍କ ବିଶ୍ୱାସକୁ ଠିକ ଏହା ନିକଟକୁ ଫେରାଇ ଆଣିବେ...ଏହି ପେଣ୍ଟିକଷ୍ଟାଲ ସନ୍ତାନମାନଙ୍କର ବିଶ୍ୱାସକୁ, ପେଣ୍ଟିକଷ୍ଟାଲ ପିତୃପୁରୁଷମାନଙ୍କ ବିଶ୍ୱାସ ନିକଟକୁ ଠିକ ଫେରାଇ ଆଣିବେ । ସେ ଠିକ, ସମଗ୍ର ଶାସ୍ତ୍ରରେ ପ୍ରେରିତ 2, ପ୍ରେରିତ 2:୩୪ ନିକଟକୁ ଫେରିଯିବେ । ସେ ପ୍ରକୃତ, ଅମିଶ୍ରିତ ସୁସମାଚାରକୁ ଆଣିବେ । ତାଙ୍କର ଈଷେବଲ ସହିତ ଏବଂ ତାଙ୍କ ବ୍ୟବସ୍ଥା ସହିତ କୌଣସି କିଛି କରିବାର ନ ଥିବ । ସେ ପରମେଶ୍ୱରଙ୍କ ଜଣେ ସେବକ ହେବେ । ନିଶ୍ଚିତରେ! ବାଇବଲ କୁହେ ଯେ ସେ ଆସିବେ । ସେ ଭବିଷ୍ୟଦ୍‌ବାଣୀ କରିବେ ଏବଂ ଏହି ଈଷବେଲ୍‌ମାନଙ୍କ ସମ୍ମୁଖରେ ତାଙ୍କ ବାର୍ତ୍ତାକୁ ବିସ୍ଫୋଟ କରିବେ, ଠିକ୍ ଯେପରି ଏଲିୟ ଆରମ୍ଭରେ ଇସ୍ରାଏଲ ପ୍ରତି କରିଥିଲେ । ସେମାନେ ତାଙ୍କୁ ଘୃଣା କରିବେ! ସେମାନେ ତାଙ୍କ ସହ ସହଯୋଗ କରିବେ ନାହିଁ । ନା, ନା । ସେ ଆସିବେ! ପରମେଶ୍ୱର ଏହା ପ୍ରତିଜ୍ଞା କରିଥିଲେ, ଏବଂ ସେ ଦୃଶ୍ୟରେ ଉଭା ହେବେ । ସେ କରିବେ—ସେ ନିର୍ବାଚିତ ମଣ୍ଡଳୀକୁ ପ୍ରଚାର କରିବେ ଯେପରିକି କୁହାଯାଇଛି ଯେ ସେ କରିବେ, ସେହି ମନୋନୀତମାନଙ୍କୁ ଦୋହଲାଇ ଦେବେ, ତାଙ୍କ ମଧ୍ୟରୁ ସେହି ମନ୍ଦ ବିଷୟକୁ ଝାଡି ଦେବେ, ସେହି—ସେହି ଜଗତ ଏବଂ ବିଷୟଗୁଡ଼ିକୁ, ଏହାକୁ କମ୍ପମାନ କରି, ଏହାକୁ ଫୁଟାଇ ବାହାର କରିବେ, ମଣ୍ଡଳୀକୁ ଏକାଠି କରି, ଏକ ଲୋକଙ୍କୁ ଏକତ୍ର କରିବେ ।

93 ମୁଁ ଜାଣେ ଯେ ଆପଣ କୁହନ୍ତି, "ତାହା ମୋର ନାମଧାରୀ ସଂସ୍ଥା ଅଟେ ।" ଭାଇ, ଆପଣ ଭୁଲ୍ ଅଟନ୍ତି! ଯୋହନ ଜଣେ ଏକ-ବ୍ୟକ୍ତି ବ୍ୟବସ୍ଥା ଭାବରେ ଆସିଲେ ଯେପରିକି ଜଣେ ବ୍ୟକ୍ତିଙ୍କୁ ପରିଚୟ କରାନ୍ତି: ଯୀଶୁ ଖ୍ରୀଷ୍ଟ । ଏବଂ ଏଲିୟ ଏକ ବ୍ୟବସ୍ଥା ହେବେ ନାହିଁ, ଏହା ଜଣେ ବ୍ୟକ୍ତି ହେବ, ଯୀଶୁ ହିଁ ଏହା କହିଥିଲେ । ଏହା ଜଣେ ବ୍ୟକ୍ତି ହେବେ ଯିଏକି ପବିତ୍ରଆତ୍ମାଙ୍କ ଦ୍ୱାରା ଅଭିଷିକ୍ତ ଅଟନ୍ତି । ଏବଂ ସେ କୌଣସି ତିନି କିମ୍ବା ଚାରି ଈଶ୍ୱରଙ୍କୁ ପରିଚିତ କରାଇବେ ନାହିଁ, ସେ କେବଳ ଜଣକାକୁ ପରିଚିତ କରାଇବେ: ପ୍ରଭୁ ଯୀଶୁ ଖ୍ରୀଷ୍ଟ, 'କାରଣ ତାଙ୍କ ବାର୍ତ୍ତା ପେଣ୍ଟିକଷ୍ଟାଲ ସନ୍ତାନମାନଙ୍କୁ ପୁନର୍ବାର ସେହି ପିତୃପୁରୁଷମାନଙ୍କ ବିଶ୍ୱାସ ଆଡକୁ ଦୋହଲାଇ ନେବ ।

94 ଆପଣ ମନେ ରଖନ୍ତୁ, ଭାଇ, ଯଦି ମୁଁ ଏହି ସବୁ ବିଷୟକୁ ଖରାପ ହେବା ପାଇଁ କହୁଥାଏ, ତେବେ ମୋତେ ବେଦୀଠାରେ ରହିବା ଉଚିତ୍ । ମୁଁ ଆପଣଙ୍କୁ କହୁଛି, "**ସଦାପ୍ରଭୁ ଏହି କଥା କୁହନ୍ତି**!" ଯଦି ପରମେଶ୍ୱର ଏହା ପ୍ରମାଣ କରି ନାହାଁନ୍ତି ଯେ ସମଗ୍ର ଦେଶରେ, ସାରା

ବିଶ୍ୱରେ, ମୁଁ ଆପଣଙ୍କୁ ସତ୍ୟ କହିଅଛି, ତାହାହେଲେ ମୋତେ କୁହନ୍ତୁ ଯେ ଭୁଲଟି କେଉଁଠାରେ ଅଛି। ମୁଁ ଆପଣଙ୍କୁ ସତ କହୁଅଛି! ଶୀଘ୍ର, ପରମେଶ୍ୱରଙ୍କ ନିକଟକୁ ଫେରିଯାଆନ୍ତୁ! ଏହି ବ୍ୟବସ୍ଥାଗୁଡ଼ିକରୁ ବାହାରି ଆସନ୍ତୁ, 'କାରଣ ବାଇବଲ ପ୍ରକାଶିତ ବାକ୍ୟ ପୁସ୍ତକରେ କୁହେ, ଯେ ସେହି ରୋମାନ୍ କ୍ୟାଥୋଲିକ୍ ଉଚ୍ଚପଦାଧିକାରୀ ଏକ "ବେଶ୍ୟା" ଅଟେ, ଏବଂ ସେ "ବେଶ୍ୟାମାନଙ୍କର ମାତା" ଅଟେ। ତାହା କଅଣ ଅଟେ? ମଣ୍ଡଳୀଗଣ, ବ୍ୟବସ୍ଥାମାନ।

95 ଏବଂ ମେଥୋଡିଷ୍ଟ ମଣ୍ଡଳୀ କେଉଁଠାରୁ, ଲୁଥରାନ୍ ମଣ୍ଡଳୀ କେଉଁଠୁ, ଆସିଲା? କେଉଁଠାରୁ ସେହି ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ସମସ୍ତ ସଂଗଠନମାନ କେଉଁଠାରୁ ଆସିଲେ? ପରମେଶ୍ୱର କଦାପି ଏକ ମଣ୍ଡଳୀକୁ ସଂଗଠିତ କରି ନ ଥିଲେ। କ୍ୟାଥୋଲିକ୍ ମଣ୍ଡଳୀ କୁହେ ଯେ ସେମାନେ ସେଠାରେ ପଶ୍ଚାତ ସମୟରେ ଆରମ୍ଭ କରିଥିଲେ, "ଯୀଶୁ ମଣ୍ଡଳୀକୁ ସଂଗଠିତ କରିଥିଲେ।" ମୁଁ ଚାହେଁ—ମୁଁ ଚାହେଁ ଯେ ଇତିହାସର ସେହି ପୃଷ୍ଠା, କିମ୍ବା ବାଇବଲରେ ସେହି ପୃଷ୍ଠା। ଶେଷ ପ୍ରେରିତଙ୍କ ମୃତ୍ୟୁ ପରେ ତିନି ଶହ ଛଅ ବର୍ଷ ପର୍ଯ୍ୟନ୍ତ ସେଠାରେ କୌଣସି ଗୋଟିଏ ସଂଗଠନ ନ ଥିଲା, ତାହାପରେ ସେମାନେ ନାଇସିନ୍ ପରିଷଦକୁ ଗଠନ କଲେ ଏବଂ ଏକ ସଂଗଠନକୁ ନିର୍ମାଣ କଲେ। ଏବଂ ଯେତେବେଳେ ଲୁଥର୍ ବାହାରି ଆସିଲେ...ସେ ପରମେଶ୍ୱରଙ୍କ ଜଣେ ମହାନ ବ୍ୟକ୍ତି ଥିଲେ, ମାତ୍ର ସେ ଠିକ ଚାଲିଯିବା ମାତ୍ରେ, ଲୋକମାନଙ୍କର ସେହି ଛୋଟ ଗୋଷ୍ଠୀ ଗଲା ଏବଂ ଅନ୍ୟ ଏକ ସଂଗଠନ ଗଠନ କଲା। ତାହାପରେ ପବିତ୍ରଆତ୍ମା ଜନ୍ ୱେସ୍‌ଲିଙ୍କ ଉପରକୁ ଗଲେ, ସେ କଦାପି କୌଣସି ବିଷୟକୁ ସଂଗଠିତ କଲେ ନାହିଁ, ମାତ୍ର ସେ ଚାଲିଯିବା ପରେ ସେମାନେ ସଂଗଠିତ ହୋଇଥିଲେ। ତାହାପରେ ପବିତ୍ରଆତ୍ମା ପେଣ୍ଟିକଷ୍ଟାଲମାନଙ୍କ ସହିତରେ ଆସନ୍ତି, ଏବଂ ସେମାନେ ମେଥୋଡିଷ୍ଟ ମାନଙ୍କଠାରୁ ବାହାରି ଗଲେ। ଏବଂ କଅଣ ଘଟିତ ହେଲା? ତାହାପରେ *ସେମାନେ* ସଂଗଠିତ ହେଲେ।

96 ମାତ୍ର ସେଠାରେ ଏଲିୟଙ୍କ ଶକ୍ତି ଏବଂ ଅଭିଷେକ ସହିତ ଏକ-ବ୍ୟକ୍ତି ବ୍ୟବସ୍ଥା ଆସିବ, ଯେପରିକି ସେହି ଭବିଷ୍ୟଦ୍‌ବାଣୀକୁ ପୂରଣ କରିବ। ହାଲ୍ଲେଲୁୟା! ସେ ଏହାକୁ ଦୋହଲାଇବ। ଏବଂ, ମନେରଖନ୍ତୁ, ସେ ସେମାନଙ୍କ ନିକଟରେ ଭବିଷ୍ୟଦ୍‌ବାଣୀ କରିଥିଲେ ଏବଂ ଭବିଷ୍ୟଦ୍‌ବାଣୀ କଲେ, ଏବଂ ସେମାନଙ୍କୁ ସବୁ କଥା କହିଥିଲେ, ଏବଂ ପରମେଶ୍ୱର ତାଙ୍କ ସହିତ ବ୍ୟବହାର କରିଥିଲେ। ମାତ୍ର ତାଙ୍କର ଅନ୍ତିମ ବାର୍ତ୍ତା ଆମେରିକାର ରାଷ୍ଟ୍ରପତି ନିବାସ ୱାଇଟ ହାଉସ୍‌କୁ ଆକ୍ରମଣ କରିଥିଲା। ଉଃ-ହୁଃ। ଯେତେବେଳେ ଯୋହନ ଆସିଲେ, ତାଙ୍କର ଶେଷ ବାର୍ତ୍ତା ସେହି ଦିନର ୱାଇଟ ହାଉସ୍‌କୁ ଆକ୍ରମଣ କରିଥିଲା। ଏଲିୟଙ୍କର ଅନ୍ତିମ ବାର୍ତ୍ତା, ଯେତେବେଳେ ସେ ସେଠାରେ ପରମେଶ୍ୱରଙ୍କ ଉପସ୍ଥିତିରେ ରହିବା ପରେ ସେଦିନ ସକାଳେ ସେହି ମାର୍ଗରେ ଚାଲିକରି ଗଲେ, ତାଙ୍କ ଦେହ ସାରା ଲୋମରେ ପରିପୂର୍ଣ୍ଣ ଥାଇ, ତାଙ୍କ ଚନ୍ଦା ମୁଣ୍ଡ ଉଜ୍ଜ୍ୱଳ ଥାଇ, ଦାଢ଼ୀ ପବନରେ ଉଡୁଥାଇ ସେହି ମାର୍ଗରେ ଚାଲିକରି ଯାଇଥିଲେ, ସେହି ଛୋଟ, ପୁରୁଣା ଆଖିଗୁଡିକ ପରମେଶ୍ୱରଙ୍କ ଗୌରବରେ ଝଲସୁଥିଲା। ତାଙ୍କ ହାତରେ ଥିବା ସେହି ଯଷ୍ଟି, ଏବଂ ତାଙ୍କ ପାଦଗତି ଯେତିକି ସ୍ଥିର ରହିପାରେ ସେତିକି

ସ୍ଥିର ଥିଲା । ସେ କଅଣ କରୁଥିଲେ? ଠିକ ଶମିରୋଣଠାରୁ ୱାଇଟ ହାଉସ୍‌ର ଉପସ୍ଥିତିକୁ ଯାଉଥିଲେ, ଏବଂ କହୁଥିଲେ, "**ସଦାପ୍ରଭୁ ଏହି କଥା କୁହନ୍ତି**!" କୌଣସି ବି ବିଷୟକୁ ଭୟ କରୁ ନ ଥିଲେ । ମଣ୍ଡଳୀମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ, ଲୋକମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ, ତେଣୁକରି ବର୍ତ୍ତମାନ ସେ ୱାଇଟ ହାଉସ୍ ଉପରେ, ତାଙ୍କର ଶେଷ ଆକ୍ରମଣ କରୁଥିଲେ ।

97 ତେବେ ତାହାପରେ କଅଣ ଘଟିଲା? ଶୁଣନ୍ତୁ! ସେହି ଆକ୍ରମଣ ପରେ, ତାଙ୍କ ସ୍ୱର ଧୀର ହୋଇଗଲା, କେହି ହେଲେ ତାଙ୍କୁ ଆଉ ଶୁଣିଲେ ନାହିଁ । ପରମେଶ୍ୱର ତାଙ୍କୁ ଦୃଶ୍ୟରୁ ଡାକି ନେଇ, କହିଲେ, "ଏଲିୟ, ତୁମେ ତୁମର ବାର୍ତ୍ତାକୁ ସମଗ୍ର ଇସ୍ରାଏଲକୁ ଜଣାଇ ସାରିଛ, ସେମାନେ ତାହା ଜାଣିଲେ । ବର୍ତ୍ତମାନ ଏଠାରେ ଜଙ୍ଗଲକୁ ଆସ, ସେମାନଙ୍କଠାରୁ ଦୂରେଇ ଯାଅ, ନିଜକୁ ପୃଥକ କର କାରଣ ମୁଁ କିଛି କରିବାକୁ ଯାଉଅଛି । ମୁଁ ସେମାନଙ୍କୁ ଏହା ଦେଖାଇବାକୁ ଯାଉଅଛି ଯେ ମୋର ବାର୍ତ୍ତାକୁ ପ୍ରତ୍ୟାଖ୍ୟାନ କରିବା କଅଣ ଅଟେ ।" କଅଣ ଘଟି ଆସିଲା? ଯୁଦ୍ଧ, ଦୁର୍ଭିକ୍ଷ, ଅନାହାର ।

98 **ପବିତ୍ରଆତ୍ମା ଏହି କଥା କୁହନ୍ତି**, "ଲକ୍ଷ୍ୟ କରନ୍ତୁ ଯେ କଅଣ ଆସୁଅଛି! ଦେଖନ୍ତୁ ଯେ କଅଣ ଅନୁସରଣ କରିବାକୁ ଯାଉଅଛି! ସେଠାରେ ଏକ ଦୁର୍ଭିକ୍ଷ ଥିଲା, ସେଠାରେ ଏକ ଦୁର୍ଭିକ୍ଷ ହେବ!" ଓଃ, ବୋଧହୁଏ ରୁଟି ପାଇଁ ନୁହେଁ, ମାତ୍ର ପରମେଶ୍ୱରଙ୍କ ବାକ୍ୟ ଏବଂ ତାହାଙ୍କର ସତ୍ୟତାକୁ ଶୁଣିବା ପାଇଁ । ସମସ୍ତ ମଣ୍ଡଳୀ ସାମାଜିକ ଭାବରେ ସଂଗଠିତ ହେବେ ଏବଂ ସେହି ସମାନ ଭାବରେ ଏହା ଭିତରକୁ ପ୍ରବେଶ କରିବେ, ଠିକ ଯେପରିକି ସେମାନେ ଏହା ସହିତ ଆଗରୁ ଗ୍ରାସ କରା ଯାଇ ସାରିଛନ୍ତି ।

99 ଏଲିୟ କଅଣ କରିଥିଲେ? ସେ ସେଠାରେ ପର୍ବତ ଉପରେ ଏକ ଲୁକ୍କାୟିତ ଝରଣା ପାଇଲେ, ଯେଉଁଠାରେ ସେ ଜୀବନର କିଛି ଜଳ ପାଇଲେ, ସେଠାରେ ସେ ପରମେଶ୍ୱରଙ୍କ ଶକ୍ତିରେ ତଳେ ବସିଥିବା ସମୟରେ ପରମେଶ୍ୱରଙ୍କଠାରୁ ଈଶ୍ୱରୀୟ ପ୍ରକାଶନମାନ ପାଇଥିଲେ । ସେହି ପ୍ରକାଶନଗୁଡିକ ଏକ ଛୋଟ ଲୁକ୍କାୟିତ ଝରଣା ହୋଇଥିବାରୁ, ଯେତେବେଳେକି ବାକି ସେମାନେ ଭୋକରେ ରହିଥିଲେ । ଏବଂ ପରମେଶ୍ୱର ତାହାଙ୍କର ସେବକମାନଙ୍କୁ (ସେହି ଡାମରା କାଉମାନଙ୍କୁ) ଆଶୀର୍ବାଦ କଲେ, ସେମାନେ ତାଙ୍କ ପାଇଁ କିଛି ଖାଇବାକୁ ଆଣି ଦେଇଥିଲେ ଯେତେବେଳେ ସେ ଲୋକମାନଙ୍କଠାରୁ ବିଚ୍ଛିନ୍ନ ହୋଇଥିଲେ । ଏବଂ ସେମାନେ ସେଠାରେ ତଳେ ଏକ ଉଦ୍ଦୀପନା ପାଇଁ ଭୋକିଲା ଥିଲେ ଏବଂ ସବୁ କିଛି ଚାଲିଥିଲା । [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] "ତାଙ୍କର ଉଦ୍ଦୀପନା ସଭାଗୁଡିକ ବିଷୟରେ ଆଉ ଅଧିକ ଶୁଣାଯାଏ ନାହିଁ...ସେହି ବୃଦ୍ଧ ପାଗଳ ଲୋକ କେଉଁଠାରେ ଅଛନ୍ତି ଯିଏକି ଆମର ସଂସ୍ଥାଗୁଡ଼ିକ ବିଷୟରେ ଅପଶବ୍ଦ କହିଥାନ୍ତି? ସେ ବର୍ତ୍ତମାନ କେଉଁଠାରେ ଅଛନ୍ତି?" ସେମାନେ ଜାଣି ନ ଥିଲେ । ସେ ନିଜକୁ ପରମେଶ୍ୱରଙ୍କ ସହ, ଏପରି ଏକ ନିରୋଳା ସ୍ଥାନକୁ କରି ନେଇଥିଲେ, ଯେଉଁଠାରେକି ସେହି ଲୋକମାନେ ତାଙ୍କ ସ୍ୱରକୁ ଶୁଣି ନ ଥିଲେ । ତାହାପରେ ସେମାନେ ଦେଖିବାକୁ ଆରମ୍ଭ କଲେ ।

100 ଯେତେବେଳେ ପରମେଶ୍ୱର ଏକ ବାର୍ତ୍ତାକୁ ପଠାନ୍ତି ଏବଂ ଲୋକମାନଙ୍କୁ କୁହନ୍ତି, ଏବଂ ସେମାନେ ତାହାକୁ ଗ୍ରହଣ କରନ୍ତି ନାହିଁ, ତେବେ ସେ ତାହାଙ୍କର ସେବକକୁ ପ୍ରତ୍ୟାହାର କରି ନିଅନ୍ତି ଓ ତାହାଙ୍କର ମହାମାରୀଗୁଡିକୁ ପଠାନ୍ତି: ଦୁର୍ଭିକ୍ଷ, ମୃତ୍ୟୁ (ଆତ୍ମିକ ଭାବରେ କହୁଅଛି, ଶାରୀରିକ ମଧ୍ୟ) । ଭାଇ, ଆପଣ ଏକ ଅବସାଦକୁ ଦେଖନ୍ତୁ । ଆପଣ ଭାବୁଛନ୍ତି ଯେ ଆପଣ କିଛି ଗୋଟାଏ ଦେଖିଛନ୍ତି, ଆପଣ କିଛି ସମୟ ପାଇଁ ଅପେକ୍ଷା କରନ୍ତୁ । ଆପଣ କିଛି ବି ଦେଖି ନାହାଁନ୍ତି । ଆପଣ ଭାବୁଛନ୍ତି ଯେ ଆପଣ ଏକ ଉତ୍ତମ ଆତ୍ମିକ ଉଦ୍ଦୀପନା ପାଇଁ ମରୁଛନ୍ତି, ଆପଣ ଅଳ୍ପ ଟିକିଏ ସମୟ ପାଇଁ ଅପେକ୍ଷା କରନ୍ତୁ । ଆପଣ କେବଳ ଅପେକ୍ଷା କରନ୍ତି, ପରମେଶ୍ୱରଙ୍କ ବାକ୍ୟ ଶୁଣିବା ପାଇଁ ଅପେକ୍ଷା କରି କ୍ରନ୍ଦନ କରନ୍ତି । ବାଇବଲ ଏହିପରି ହିଁ କୁହେ! "ଶେଷ ଦିନରେ ଏକ ଦୁର୍ଭିକ୍ଷ ହେବ," ଭବିଷ୍ୟଦ୍‌ବକ୍ତା କହିଲେ, "କେବଳ ରୁଟି ଓ ଜଳ ପାଇଁ ନୁହେଁ, ବରଂ ପରମେଶ୍ୱରଙ୍କ ସତ୍ୟ ବାକ୍ୟ ଶୁଣିବା ପାଇଁ ।" ମାତ୍ର ସେହି ସ୍ୱର ଧୀର ହେବ, କୌଣସି ସ୍ଥାନରେ ପ୍ରାନ୍ତରରେ, ଲୁଚି ରହିଥିବ ।

101 ସେ ଡାମରା କାଉମାନଙ୍କୁ, ତାଙ୍କର ସେବକମାନଙ୍କୁ ନିଯୁକ୍ତ କରିଥିଲେ । ସେହି ପକ୍ଷୀମାନଙ୍କୁ ଆଶୀର୍ବାଦ କଲେ, ତାହାଙ୍କର ସେବକମାନଙ୍କୁ, ଯେଉଁମାନେକି ଏଲିୟର—ର ସ୍ୱରକୁ ସେହି ସମୟରେ ପାଳନ କରିଥିଲେ ଯେତେବେଳେ ତାଙ୍କର—ତାଙ୍କର ମଣ୍ଡଳୀରୁ ବିଚ୍ଛିନ୍ନତାର ସମୟ ରହିଥିଲା । ସେହି ଡାମରା କାଉମାନେ ତାଙ୍କ ପାଇଁ ସକାଳେ ମାଂସ ଓ ରୁଟି, ଏବଂ ସନ୍ଧ୍ୟାରେ ମାଂସ ଓ ରୁଟି ଆଣିଥିଲେ, ଏବଂ ସେ ସେହି ଛୋଟ ଝରଣାରୁ ପାନ କରିଥିଲେ ଯେତେବେଳେକି ଅବଶିଷ୍ଟ ଲୋକମାନେ ସେଠାରେ ତଳେ କୌଣସି ଆତ୍ମିକ ଭୋଜନ ଏବଂ ଜଳ ବିନା ହିଁ ରହିଥିଲେ ।

102 ତାହାପରେ ଦିନେ, ପାପ ତାର ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ପରେ, ଏବଂ ପରମେଶ୍ୱର ତାହାଙ୍କ ଲୋକମାନଙ୍କୁ ଆଶ୍ରୁପାତକୁ ଆଣିଥିଲେ...ଇଷେବଲ ସବୁକିଛି ନେଇ ଯାଇଥିଲା, ସେ ସବୁକିଛି ଛାର ଖାର କରି ଦେଇଥିଲା, ଏବଂ ସେ ତାହା ପୁନର୍ବାର କରିବ! ତାହା **ସଦାପ୍ରଭୁଙ୍କ ପବିତ୍ର ବାଇବଲ କଥା କୁହନ୍ତି** ଅଟେ, "ସେ ତାହା ପୁନର୍ବାର କରିବ ।" ସେ ବର୍ତ୍ତମାନ ଠିକ ସିଂହାସନରେ ଅଛି, ସେହି ପ୍ରତିମୂର୍ତ୍ତିରୂପ ପଛରେ; ଏହାକୁ ସେ ଯେପ୍ରକାରେ ଚାହେଁ ସେପ୍ରକାରେ ମୋଡ଼ି ଦେଉଅଛି, କେହି ବି ତାଙ୍କୁ ଅଟକାଇବାକୁ ଯାଉନାହାଁନ୍ତି । ନିଶ୍ଚିତ ଭାବରେ, ବର୍ତ୍ତମାନ ତାଙ୍କୁ କେହି ହେଲେ ବି ଅଟକାଇବାକୁ ଯାଉ ନାହାଁନ୍ତି, କାରଣ ସେମାନେ ଧାର୍ମିକ ପରିବେଶରେ ଯାହା ପାଇପାରି ନ ଥିଲେ ସେମାନେ ତାହାକୁ କାଟି—ତାହାକୁ କାଟି ସବୁ ରାଜନୀତିରେ ପୂରାଇ ଦେଇଥିଲେ, ଏବଂ ସେଠାରେ ସେମାନେ ତାହା କରିଥିଲେ । ଉଃ-ହୁଃ, ଅବିକଳ ତାହାହିଁ ଅଟେ ଯାହା ସେମାନେ କରିଛନ୍ତି । ଯାହାକି, ସେହି ରାଜନୈତିକ ବିଷୟ ଠିକ ସେହି ପଶୁର ଚିହ୍ନ ନିକଟକୁ ଠିକ୍ ଫେରିଯିବା ପରି ଏକ ବହିଷ୍କାର ହେବ, ଯେତିକି ସୁନିଶ୍ଚିତ ଭାବରେ ମୁଁ ଏଠାରେ ଠିଆ ହୋଇଛି, ଦେଖନ୍ତୁ, ଯେପରିକି ବାଇବଲ କୁହେ ।

103 ମୁଁ ଜାଣେ ଯେ ଆମର ବିଳମ୍ବ ହେଉଅଛି, ମୁଁ ଶୀଘ୍ର କରିବି । ପ୍ରଭୁ ଯଦି ମୋତେ ଅନୁମତି

ଦିଅନ୍ତି, ତେବେ ମୁଁ ଏହି ଶେଷ ଶବ୍ଦକୁ କହିବାକୁ ଯାଉଛି ।

104 ଦେଖନ୍ତୁ! ଏଲିୟ ସେପର୍ଯ୍ୟନ୍ତ ସେଠାରେ ଉପରେ ରହିଲେ ଯେପର୍ଯ୍ୟନ୍ତ ପରମେଶ୍ୱର ତାଙ୍କୁ ସ୍ଥାନାନ୍ତରିତ ନ କରିଦେଲେ । ତାଙ୍କ ପାକହରେ କୌଣସି ଉଦ୍ଦୀପନା ହେଉ ନ ଥିଲା । ସେ କୌଣସି ଜିନିଷ ବିରୁଦ୍ଧରେ କିଛି ବି ପ୍ରଚାର କଲେ ନାହିଁ । ସେ ତ ସେଠାରେ ଜଙ୍ଗଲରେ, କେବଳ ପରମେଶ୍ୱରଙ୍କ ସହିତ ଏକାକୀ ଠିଆ ହୋଇଥିଲେ, କାରଣ ସେ ଜଣେ ଜଙ୍ଗଲପ୍ରେମୀ ଲୋକ ଥିଲେ । ସେ ଜଙ୍ଗଲରେ ପ୍ରତିପାଳିତ ହୋଇଥିଲେ । ଠିକ ସେହିପରି ଯୋହନ ଜଙ୍ଗଲରେ ପ୍ରତିପାଳିତ ହୋଇଥିଲେ ।

105 ସେ ପରମେଶ୍ୱରଙ୍କ ସହିତ ଜଙ୍ଗଲ ମଧ୍ୟକୁ ଏକାକୀ ଚାଲି ଯାଇଥିଲେ, ତାଙ୍କର ବାର୍ତ୍ତା ଦେବା ପରେ ସେ ନିଜକୁ ମଣ୍ଡଳୀଠାରୁ ଦୂର କରି ନେଉଥିଲେ । ଏବଂ ମଣ୍ଡଳୀ ଏହାକୁ ପ୍ରତ୍ୟାଖ୍ୟାନ କରି ଦେଉଥିଲା, ଏହାକୁ ପ୍ରତ୍ୟାଖ୍ୟାନ କରୁଥିଲା । ଏବଂ ଶେଷରେ ସଂଗଠନଗୁଡ଼ିକ କିଛି କରୁ ନ ଥିଲେ, ତେଣୁକରି ତାଙ୍କୁ କେବଳ ବାହାରି ଯିବାକୁ ପଡିଥିଲା । ପରମେଶ୍ୱର ତାଙ୍କୁ ଦୃଶ୍ୟରୁ ଡାକି ନେଇ, ଜଙ୍ଗଲ ମଧ୍ୟକୁ ନେଇ ଯାଉଥିଲେ, କହିଲେ, "ଏଠାକୁ ଆସ, ସେମାନେ ଆଉ ଶୁଣିବେ ନାହିଁ । ଆସ, ତେବେ ଯାଇ ମୁଁ ସେମାନଙ୍କ ଉପରେ ମୋର ବିଚାରକୁ ଢାଳିବାକୁ ଯାଉଛି ।" ଓଃ, ହଁ, ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ଦିନ ସେ ଏଠାରେ ରହିବେ, ଆପଣ ଦେଖନ୍ତୁ ।

106 ତାହାପରେ, ତାହାଙ୍କର ଭବିଷ୍ୟଦ୍‌ବାଣୀର ଦିନଗୁଡିକ ପରେ, କଅଣ ଘଟିଲା? ମଣ୍ଡଳୀ ଦୁର୍ବଳ ହୋଇଗଲା, ଈଷେବଲଙ୍କ ସେହି ଭୟଙ୍କର ଆତଙ୍କ, ସେ ସମସ୍ତକିଛି ବିଷୟକୁ ନିଜ ପ୍ରତି ନେଇଥିଲେ, ସେସବୁକୁ ଗ୍ରାସ କରି ପକାଇଲେ । ସେଗୁଡିକୁ ନିଜ ପ୍ରତି ନେଇଥିଲେ, ଏବଂ ଉଦ୍ୟାନମାନ ଓ ଅନ୍ୟାନ୍ୟ ସବୁ କିଛି ନିର୍ମାଣ କରିଥିଲେ ।

107 ମାତ୍ର, ଦିନେ, ପରମେଶ୍ୱର ତାଙ୍କୁ ପୁନର୍ବାର ଡାକିଲେ! ଏଠାରେ ସେ ବାହାରକୁ ଆସିଲେ । ବର୍ତ୍ତମାନ ଧ୍ୟାନ ସହକାରେ ଶୁଣନ୍ତୁ, ଏବଂ ମୋ ଉପରେ କ୍ରୋଧ କରନ୍ତୁ ନାହିଁ । ମୁଁ, "ସଦାପ୍ରଭୁ ଏହି କଥା କୁହନ୍ତି" କହୁଅଛି! ଯେତେବେଳେ ସେ ବାହାରି ଆସିଲେ, ପରମେଶ୍ୱର କଅଣ କଲେ? ସେ ତାଙ୍କୁ ଏକ ବିଧବା ସ୍ତ୍ରୀ ପାଖକୁ ପଠାଇଲେ । ସେହି ସ୍ତ୍ରୀଲୋକର ଏକଦା ତାଙ୍କ ମସ୍ତକ ଉପରେ ଜଣେ—ଜଣେ ବ୍ୟକ୍ତି କର୍ତ୍ତୃତ୍ୱକାରୀ ରହିଥିଲେ, ମାତ୍ର ଏହା ତାଙ୍କୁ ମୁକ୍ତ କରିବା ପାଇଁ ମୃତ୍ୟୁକୁ ଆବଶ୍ୟକ କରିଥିଲା ଯେପରିକି ସେ ଭବିଷ୍ୟଦ୍‌ବକ୍ତାଙ୍କ ବାକ୍ୟକୁ ବିଶ୍ୱାସ କରିପାରିବେ । କଅଣ ଆପଣ ତାହା ଲକ୍ଷ୍ୟ କଲେ କି? ତାଙ୍କର ଜଣେ ସ୍ୱାମୀ ଥିଲେ ଯିଏକି ତାଙ୍କୁ ଏହି ମାର୍ଗରେ ଏବଂ ସେହି ମାର୍ଗରେ, ସେଠାରେ ଥିବା ଗୋଟିଏ ବିଦ୍ୟାଳୟ ଆଡକୁ କଢେଇ ନେଇଥିଲେ । ମାତ୍ର ଏହି ବଡ ମରୁଡ଼ି ସମୟରେ, ସେ ଗ୍ରାସ କରା ଯାଇଥିଲେ, ମୃତ୍ୟୁ ତାଙ୍କୁ ନେଇଗଲା । ସେହି ସ୍ତ୍ରୀଲୋକ ଆଉ କୌଣସି ସଂସ୍ଥାରେ ଜଡିତ ନ ଥିଲେ, ତେଣୁ ସେ ବର୍ତ୍ତମାନ ପ୍ରଭୁଙ୍କର ବାକ୍ୟ ଶୁଣିବା ହେତୁ ପ୍ରସ୍ତୁତ ଥିଲେ । ଜଣେ ସ୍ତ୍ରୀଲୋକ, ଅର୍ଥାତ୍ ମଣ୍ଡଳୀ; ଜଣେ ବିଧବା, ଯାହାରକି ତାଙ୍କ ସ୍ୱାମୀ (ସଂଗଠନ) ମରି ଯାଇଛନ୍ତି, ଏବଂ ସେ କେବଳ ଅଳ୍ପ

କିଞ୍ଚିତ ହିଁ ଭାବୁଥିଲେ ଯେ ସେ ନିଜେ ବଞ୍ଚି ରହିଛନ୍ତି । ଏବଂ ପରମେଶ୍ୱର କହିଲେ, "ବର୍ତ୍ତମାନ ସେହି ସ୍ତ୍ରୀଲୋକ ପାଖକୁ ଯାଅ, ସେ ତୁମକୁ ଶୁଣିବ, ମୁଁ ତାକୁ ଆଦେଶ ଦେଇଅଛି ।"

108 ଓଃ, ଆମେ ବେଳେବେଳେ ଭାବୁ, ଆପଣ ସେଠାରେ ଥିବା ସେହି ଛୋଟ ଗୋଷ୍ଠୀ ଯିଏକି ଏତେ ବିଶ୍ୱସ୍ତ ଅଟନ୍ତି ଏବଂ ଏକ ସଭା କରିବା ନିମନ୍ତେ ଯଥାସମ୍ଭବ ଯାହାକିଛି ପାରନ୍ତି ତାହା କରନ୍ତି, ଲୋକମାନଙ୍କୁ ଏହା ଦେଖାଇବାକୁ ଚେଷ୍ଟା କରନ୍ତି ଯେ ଆପଣଙ୍କର ହୃଦୟ ଠିକ୍ ଅଛି ଏବଂ ଆପଣ ଚାହୁଁଛନ୍ତି ଯେ ସେମାନେ ଠିକ୍ ହୁଅନ୍ତୁ, ଆପଣ ଭାବୁଛନ୍ତି ଯେ ଆପଣଙ୍କର ଏକ କଷ୍ଟକର ସମୟ ଚାଲିଛି । ମାତ୍ର, ମନେରଖନ୍ତୁ, ପରମେଶ୍ୱର ଆପଣଙ୍କ ଉପରେ ନିଜର ଦୃଷ୍ଟି ରଖିଛନ୍ତି! ଆପଣ ତାହାଙ୍କୁ ପ୍ରେମ କରନ୍ତି, ମୁଁ ଜାଣେ ଯେ ଆପଣ ତାହାଙ୍କୁ ପ୍ରେମ କରନ୍ତି, ନୋହିଲେ ଆପଣ ଏଠାରେ ବସି ନ ଥାଆନ୍ତେ, ଆପଣ ଏପରି କୌଣସି ଜିନିଷରେ ଯୋଗ ଦେଇ ନ ଥାଆନ୍ତେ । ପରମେଶ୍ୱର ଆପଣଙ୍କ ଉପରେ ନିଜର ଦୃଷ୍ଟି ରଖିଛନ୍ତି । ହଁ!

109 ଏବଂ ଯେତେବେଳେ ସେ ଏହା କଲେ, ତାଙ୍କ ସ୍ୱାମୀ ମରି ଯାଇଥିଲେ, ତାଙ୍କ ସଂଗଠନ ମରି ଯାଇଥିଲା, ତେଣୁ ବର୍ତ୍ତମାନ ସେ ଭବିଷ୍ୟଦ୍‌ବକ୍ତାଙ୍କ ବାକ୍ୟ ଶୁଣିବା ହେତୁ ପ୍ରସ୍ତୁତ ଥିଲେ । ଅତଏବ ଯେତେବେଳେ ଭବିଷ୍ୟଦ୍‌ବକ୍ତା ସେହି ଫାଟକ ନିକଟକୁ ଆସି ତାଙ୍କୁ ଅଳ୍ପ ଟିକିଏ—ଟିକିଏ ପାଣି ମାଗିଲେ, ସେ ତାହା ଆଣିବା ପାଇଁ ଗଲେ । ତାହାପରେ ଏଲିୟ କହିଲେ, "ମୋ ପାଇଁ ଏକ ରୁଟି ଆଣ ।"

110 ଆଉ ସେ ବୁଲିପଡି କହିଲା, "ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ, ମୋ ପାଖରେ କେବଳ ଅଳ୍ପ କିଛି ଯଥେଷ୍ଟ ବ୍ୟତୀତ ଆଉ କିଛି ନାହିଁ ।"

111 ତେବେ, ଏହା ଏପରି ଦେଖାଯାଉଥିଲା ଯେ ଯାହା ଅଳ୍ପ କିଛି ତାହା ପାଖରେ ଅଛି ତାହା ନେବା ପାଇଁ ତାଙ୍କୁ ପଠାଯାଇଅଛି, ମାତ୍ର ଏହା ତ ତାର ବିପରୀତ ଥିଲା । ଯେତେବେଳେ ସେହି ସ୍ତ୍ରୀଲୋକଟି ବାକ୍ୟର ସମର୍ଥନରେ ତାହା ଦେବାକୁ ସହମତ ହେଲା ଯାହା ଅଳ୍ପ କିଛି ତାହା ପାଖରେ ଥିଲା, ସେତେବେଳେ ପରମେଶ୍ୱର ତାଙ୍କୁ ପ୍ରତିପୋଷିତ କଲେ । ଏବଂ ଯଦି ଆପଣ ସେହି ଆତ୍ମାକୁ ତାହା ଦେଇ ଦେବାରେ ଇଚ୍ଛୁକ ଅଟନ୍ତି ଯାହା ଆପଣଙ୍କ ପାଖରେ ଅଛି, ଯେଉଁ ଆତ୍ମାକୁ ପରମେଶ୍ୱର ଆପଣଙ୍କୁ ବାକ୍ୟର ସମର୍ଥନ କରିବା ପାଇଁ ଦେଇଛନ୍ତି, ତାହାହେଲେ ପରମେଶ୍ୱର ଆପଣଙ୍କୁ ଜୀବିତ ରଖିବେ । ହାଲ୍ଲେଲୁୟା! ଓଃ, ପରମେଶ୍ୱରଙ୍କ ମହିମା ହେଉ! ମଣ୍ଡଳୀ, କଅଣ ଆପଣ ଏହାକୁ ଦେଖୁଛନ୍ତି କି? ଭାବନ୍ତୁ ନାହିଁ ଯେ ମୁଁ ଏହା ନିଜ ନିଜଠାରେ କହୁଅଛି, ମୁଁ ନୁହେଁ । ମାତ୍ର ଆପଣ ଯାହା ପାଇଛନ୍ତି, ଯାହା ଅଳ୍ପ କିଛି ଆପଣ ପରମେଶ୍ୱରଙ୍କ ଠାରେ ବିଶ୍ୱାସ କରନ୍ତି, ଆପଣଙ୍କଠାରେ ଯାହା ବିଶ୍ୱାସ ଅଛି, ଏହାକୁ ବାକ୍ୟ ଉପରେ ରଖନ୍ତୁ, ସଂଗଠନ ଉପରେ ନୁହେଁ! ଏହାକୁ ପରମେଶ୍ୱରଙ୍କ ବାକ୍ୟରେ ରଖନ୍ତୁ, ସେ ଆପଣଙ୍କୁ ଜୀବିତ ରଖିବେ ।

112 ସେତେବେଳେ ସେ ପ୍ରସ୍ତୁତ ଥିଲେ, କାରଣ ସେ ପୂର୍ବରୁ କରିପାରି ନ ଥାଆନ୍ତେ, ଯେହେତୁ ସେମାନେ ତାଙ୍କୁ ଅନୁମତି ଦେଇ ନ ଥାଆନ୍ତେ । ମାତ୍ର ବର୍ତ୍ତମାନ ସେ ପ୍ରସ୍ତୁତ

ଅଟନ୍ତି । କଅଣ ସେ ଏହାକୁ ଗ୍ରହଣ କରିବେ କି? ପରମେଶ୍ୱର ତାଙ୍କ ମାର୍ଗରେ ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ପଠାଇଲେ । କଅଣ ସେ ତାଙ୍କର ବାକ୍ୟକୁ ଗ୍ରହଣ କରିବ କି? କଅଣ ସେ ଏହି ଭବିଷ୍ୟଦ୍‌ବକ୍ତାଙ୍କୁ ଗ୍ରହଣ କରିବ କି? ହଁ, ସେ କଲେ । ଏବଂ ଏଲିୟ ତାଙ୍କୁ କହିଲେ, କହିଲେ, "ତେବେ, ତୁମ ପାଖରେ ଯାହା କିଛି ଅଳ୍ପ ଜୀବନ ବାକି ଅଛି, ତାହାକୁ ଏଠାରେ ଆଣି ରଖ, ପ୍ରଥମେ ତାହା ମୋ ପାଖକୁ ଆଣ ।" ଏବଂ କଅଣ ଘଟିଲା? ଯେତେବେଳେ ଅବଶିଷ୍ଟ ଜଗତ ଭୋକ ଅନାହାରରେ ଦୁର୍ବଳ ହୋଇ ମରୁଥିଲେ, ସେ ଏବଂ ତାର ସନ୍ତାନମାନେ ଏବଂ ତାର ଗୃହ ସମସ୍ତେ ଦିନକୁ ତିନି ଥର ଉତ୍ତମ ଭୋଜନ କରିଥିଲେ, ବାକ୍ୟ ଉପରେ ଈଶ୍ୱରୀୟ ପ୍ରକାଶନ । ବନ୍ଧୁଗଣ, ମୁଁ ଆଶା କରୁଛି ଯେ ଆପଣ ଏହାକୁ ଦେଖୁଛନ୍ତି ।

113 ଆଗକୁ କଅଣ ହେଲା? ସେ ସେଠାରେ ସେପର୍ଯ୍ୟନ୍ତ ରହିଲେ ଯେପର୍ଯ୍ୟନ୍ତକି ଦୁର୍ଭିକ୍ଷ ଶେଷ ନ ହୋଇଗଲା, ଏହି ସ୍ତ୍ରୀଲୋକ (ଏହି ମଣ୍ଡଳୀ) ସହିତ ରହିଲେ ଯିଏକି ତାଙ୍କୁ ଗ୍ରହଣ କରିଥିଲା ଏବଂ ତାଙ୍କ ବାକ୍ୟକୁ ବିଶ୍ୱାସ କରିଥିଲା । ଏବଂ ଏଲିୟ ପ୍ରଭୁଙ୍କ ବାକ୍ୟ ଦ୍ୱାରା ଏହି ସ୍ତ୍ରୀଲୋକଙ୍କୁ ଜୀବନ୍ତ ରଖିଲେ (ସେହି ମଣ୍ଡଳୀକୁ ଜୀବନ୍ତ ରଖିଲେ), କାରଣ ସେ "**ସଦାପ୍ରଭୁ ଏହି କଥା କୁହନ୍ତି**" କହିଥିଲେ ।

114 ତେବେ, ଆମ ପାଖରେ ବାକି କାହାଣୀକୁ ସବିବରଣ କହିବା ପାଇଁ ସମୟ ନାହିଁ, ଆପଣ ଜାଣନ୍ତି, ଯେ କିପରି ତାଙ୍କୁ ବାଲ୍ ସହିତ ଏକ ଚରମ ପରାକାଶଷ୍ଠାକୁ ଆସିବାକୁ ପଡିଲା । ଏହି ଦିନଗୁଡିକ ମଧ୍ୟରୁ ଗୋଟିଏରେ, ସେ ଏହା କରିବେ, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ଯେତେବେଳେ ସେ ସେହି ଜଙ୍ଗଲରୁ ଧମ ଧମ କରି ବାହାରି ଆସିଲେ, ଆପଣ ଦେଖନ୍ତୁ ଯେ କଅଣ ଘଟିତ ହେଲା ।

115 କଅଣ ଘଟିତ ହେଲା? ତେବେ ଯେତେବେଳେ ଉତ୍ତମ, ବୃଦ୍ଧ ଏଲିୟ, ସେହି ଭବିଷ୍ୟଦ୍‌ବକ୍ତା, ପରମେଶ୍ୱରଙ୍କ ଜଣେ ପ୍ରକୃତ ସେବକ, ତାଙ୍କ ମାର୍ଗର ଶେଷକୁ ଆସିଲେ, ପରମେଶ୍ୱର ଦିନେ, ତାଙ୍କୁ କହିଲେ, କହିଲେ, "ଏଲିୟ, ତୁମେ ବର୍ତ୍ତମାନ ଯଥେଷ୍ଟ ସମୟ ପ୍ରଚାର କରିସାରିଛ । ତୁମେ ଈଷେବଲ ଏବଂ ତାର ସମସ୍ତ ରଙ୍ଗ ପ୍ରସାଧନ ଏବଂ ସବୁକିଛି ବିଷୟରେ ସଂଘର୍ଷ କରିଅଛ ଏପରିକି ତୁମେ ଏହା ବିଷୟରେ ଯଥେଷ୍ଟ ସହ୍ୟ କରିଅଛ ।" କହିଲେ, "ଯର୍ଦ୍ଦନ ନିକଟକୁ ଆସ!" ଏବଂ ସେ ଏଠାକୁ ଯାଆନ୍ତି, ଯର୍ଦ୍ଦନ ନିକଟକୁ ପହଞ୍ଚନ୍ତି । ସେଠାରେ ସେହି ପୁରୁଣା କାଦୁଅ ଗୋଳିଆ ଝରଣା ବହୁଥିଲା, ଶୀତଳ, ବରଫ ଜଳ, ଯେପରିକି ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାହା ସମ୍ମୁଖିନ କରିବାକୁ ଅଛି: ଯର୍ଦ୍ଦନ, ମୃତ୍ୟୁ ।

116 ମାତ୍ର ଯେତେବେଳେ ପରମେଶ୍ୱରଙ୍କ ଏହି ମହାନ ସେବକ ଯର୍ଦ୍ଦନ ନିକଟକୁ ଚାଲିକରି ଗଲେ, ଏବଂ ତାଙ୍କର ପୁତ୍ର ତାଙ୍କ ପାର୍ଶ୍ୱରେ ଚାଲୁଥିଲେ, ସୁସମାଚାର ପୁତ୍ର,...ଓଃ, ହଁ, ସେ ତାଙ୍କର ପୁତ୍ର ଥିଲେ, "ମୋ ପିତା, ମୋ ପିତା, ଇସ୍ରାଏଲର ରଥମାନ, ଏହାର ଅଶ୍ୱାରୋହୀଗଣ ।" ଯେତେବେଳେ ସେ ଏବଂ ତାଙ୍କର ପୁଅ ହାତରେ ହାତ ଦେଇ, ଯର୍ଦ୍ଦନ ନିକଟକୁ ଚାଲିକରି ଗଲେ, ସେହି ସକାଳେ ସେ ନିଜର ବାପାଙ୍କୁ ବିଦାୟ ନେଇ ତାହା ଛାଡ଼ି

ଯାଉଥିବାର ଦେଖୁଥିଲେ ।

117 ଯେତେବେଳେ ସେ ଯର୍ଦ୍ଦନ ନିକଟରେ ପହଞ୍ଚିଲେ, ସେ ପାଖରେ ପହଞ୍ଚି ନିଜ କାନ୍ଧରୁ ଶକ୍ତିର ସେହି ବସ୍ତ୍ରକୁ ପ୍ରାପ୍ତ ନେଲେ, କହିଲେ, "ମୃତ୍ୟୁ, ତୁ ମୋର କିଛି କରିପାରିବୁ ନାହିଁ ।" ଏବଂ ସେ ଯର୍ଦ୍ଦନକୁ ଆଘାତ କଲେ, "ଚାଲି ଯା, ମୁଁ ଆଜି ସକାଳେ ଅତିକ୍ରମ କରି ଆରପାରିକୁ ଯାଉଅଛି ।" କଅଣ ଘଟିତ ହେଲା? ଯର୍ଦ୍ଦନ ପଛକୁ ଘୁଞ୍ଚିଗଲା ଓ ଗୁଣ୍ଡ ପାଉଡର ପରି ଶୁଖିଗଲା । ସେହି ବୃଦ୍ଧ ଭବିଷ୍ୟଦ୍‌ବକ୍ତା କଅଣ କରୁଥିଲେ? ସେ ଯର୍ଦ୍ଦନ ଆରପାରିକୁ ଚାହିଁ ରହିଥିଲେ, ସେ ଜାଣିଥିଲେ ଯେ ସେଠାରେ ଆରପାରିରେ ତାଙ୍କ ପାଇଁ ଅଶ୍ୱମାନଙ୍କ ସହିତ ଗୋଟିଏ ରଥ ଅପେକ୍ଷା କରୁଅଛି । ସେ ଘରକୁ ଯାଉଥିଲେ, ତାଙ୍କ କାମ ଶେଷ ହୋଇ ଯାଇଥିଲା । ସୁସମାଚାରରେ ତାଙ୍କର ପୁଅ ତାଙ୍କ ସ୍ଥାନକୁ ଗ୍ରହଣ କରୁଥିଲା ।

118 ମୁଁ ଅନ୍ୟ ଦିନ ପଶ୍ଚିମ ଆଡୁ ଘରକୁ ଆସୁଥିଲି । ଏହା ମୋ ମନରେ ଆସିଲା । ମୁଁ ରେଡିଓ ଚଲାଇଲି (ମୋତେ ନିଜେ, ତିନି ଦିନ, ଚ-ବିଶ ଶହ ମାଇଲ୍ ବାଟ, ଚଲାଇବାକୁ ପଡିଥିଲା) । ମୁଁ ରେଡିଓ ଆରମ୍ଭ କଲି ଏବଂ ମୁଁ...ଟେକ୍ସାସ୍‌ର, ଡେଲ ରିଓଠାରୁ ପ୍ରସାରିତ ଆତ୍ମିକ ବିଷୟସବୁ ଶୁଣୁଥିଲି । ସେଠାରେ ଜଣେ ବ୍ୟକ୍ତି ଥିଲେ ଯିଏକି ଜଣେ ବୃଦ୍ଧ, ଅଶ୍ୱେତ, ନିଗ୍ରୋ ବ୍ୟକ୍ତିଙ୍କ ବିଷୟରେ କଥା କହୁଥିଲେ । ସେ ମରିବା ଅବସ୍ଥାରେ ଥିଲେ ଏବଂ ତାଙ୍କୁ ନଦୀ ପାଖକୁ ଆସିବାକୁ ପଡିଲା, ସେ କହିଲେ, "ସେହି ସୁନାର ଚପଲଗୁଡିକ ଯାହା ମୁଁ ପିନ୍ଧିବାକୁ ଯାଉଅଛି, ଯେପରିକି ସେହି ସୁବର୍ଣ୍ଣମୟ ମାର୍ଗରେ ଗମନ କରେ ।" ଏହି ପୁରୁଣା ନିଗ୍ରୋ ତାଙ୍କର ସମସ୍ତ ଜୀବନସାରା ପ୍ରଚାର କରିଥିଲେ ଏବଂ କେବଳ ଗୋଟିଏ ବିଷୟ ଯାହା ସେ ଚିନ୍ତା କରି ପାରିଥିଲେ ତାହା ଥିଲା ସାନ୍ତ୍ୱନା, ଯାହାକି ତାଙ୍କର ରହିଥିଲା, ତାହା ହେଉଛି ତାଙ୍କର ପୁରୁଣା ବାଞ୍ଜୋ ବାଦ୍ୟ ଯାହାକି କାନ୍ଥରେ ଝୁଲି ରହିଥିଲା । ସେ କପା ଗଦା ଉପରେ ବସି ସେହି ଭଜନଗୁଡିକୁ ବଜାଇଥିଲେ, ସେହି ପୁରୁଣା ବାଞ୍ଜୋ ସହିତ, ନିଜର ସେବାକାର୍ଯ୍ୟରୁ ଆପଣାକୁ ବିଶ୍ରାମ ଦେଉଥିଲେ । ତାହା ସେହି ପ୍ରକାର ହିଁ, ସେ ଆରାମ କରୁଥିଲେ । ସେ କହିଲେ ଯେ ସେହି ପୁରୁଣା ଛୋଟ ଲାଞ୍ଜ ଥିବା ଘୋଡାଟି ଯାହା ସେ ଚଢୁଥିଲେ ତାହା ସେଠାରେ ସେହି ରଥ ସହିତରେ ରହିଥିବ । ମୁଁ ସେଗୁଡ଼ିକ ବିଷୟରେ ଚିନ୍ତା କରୁଥିଲି । ସେ କହିଲେ, "ସେହି ସୁନାର ଚପଲଗୁଡିକ ଯାହା ମୁଁ ପିନ୍ଧିବାକୁ ଯାଉଅଛି, ଯେପରିକି ସେହି ସୁବର୍ଣ୍ଣମୟ ମାର୍ଗଗୁଡିକରେ ଗମନ କରେ ।"

119 ଏବଂ ଯେତେବେଳେ ସେ ଗୀତ ଗାଇସାରିଲେ, ମୁଁ ରେଡିଓ ବନ୍ଦ କରିଦେଲି । ଏବଂ ସେଠାରେ, ଷ୍ଟିୟରିଂ ଚକ ଧରି ଯାଉଥିଲି । "ଓଃ, ତାହା ଠିକ୍ ଅଟେ । ମୋତେ ମଧ୍ୟ ସେଠାକୁ ଆସିବାକୁ ଅଛି । କେଉଁ ବିଷୟ ମୋତେ କଦାଚ ସାନ୍ତ୍ୱନା ଦେଇଥାଏ? ସେହି ଜଙ୍ଗଲରେ ମୁଁ କେଉଁଠାରେ ମୋର ସାନ୍ତ୍ୱନାକୁ ପାଇଥାଏ?" ମୋ ପାଖରେ ଗୋଟିଏ ଛୋଟ, ପୁରୁଣା ରାଇଫଲ ବନ୍ଧୁକ ଅଛି ଯାହାକୁ କୁହାଯାଏ...ବର୍ଷର ପତ୍ର ଝଡ ଋତୁରେ ମୁଁ ଏହା ସହିତ ଶିକାର କରିଥାଏ । ଏହା ଏକ .270, ମଡେଲ୍ 721, ରେମିଙ୍ଗଟନ୍ ଅଟେ । ଜଣେ ବ୍ୟକ୍ତି, ଭାଇ, ମୋତେ ଏହାକୁ, ଅନେକ ବର୍ଷ ପୂର୍ବେ, କାଲିଫର୍ଣ୍ଣିଆରେ ଦେଇଥିଲେ । ମୁଁ ଏହା ସହିତ ବର୍ଷେ

ବର୍ଷ ଧରି ଶିକାର କରିଅଛି । କିପରି...ଏହା କେତେ ସାନ୍ତ୍ୱନାଦାୟକ ରହିଆସିଛି, 'କାରଣ ମୁଁ—ମୁଁ ଜାଣେ ଯେ ଏହା ଏକ ଭଲ ଗୁଳି ମାରିବା ବନ୍ଧୁକ ଅଟେ, ଏବଂ ଏହା ଜଙ୍ଗଲରେ ମୋର ସାନ୍ତ୍ୱନା ଅଟେ ।

120 ତାହାପରେ ମୁଁ ମୋର ଦର୍ଶନ ବିଷୟରେ ଚିନ୍ତା କଲି । ଯେତେବେଳେ ମୁଁ ସେଠାରେ ପହଞ୍ଚିଲି ଏବଂ ମୋର ସମସ୍ତ ଲୋକମାନଙ୍କୁ ଦେଖିଲି, ମୁଁ କିଛି ଗୋଟାଏ ହିଁ ହିଁ ଶବ୍ଦ ଶୁଣିଲି, ଏବଂ ଏଠାରେ ମୋର ଛୋଟ ପ୍ରିନ୍ସ (ମୋର ଛୋଟ ଚଢିବାର ଘୋଡାଟି) ଆସିଲା ଏବଂ ତାର ମୁଣ୍ଡକୁ ମୋ କାନ୍ଧ ଉପରେ ରଖିଦେଲା । ମୁଁ ଭାବିଲି, "ହଁ, ଏହି ସକାଳ ମଧ୍ୟରୁ ଗୋଟିଏରେ ମୁଁ ମଧ୍ୟ, ଯର୍ଦ୍ଦନକୁ ଆସୁଅଛି ।" ଏବଂ ସେହି ପୁରୁଣା .270 ଯାହାକୁ ମୁଁ ବ୍ୟବହାର କରୁଥିଲି... କାନ୍ଥରେ ଝୁଲି ରହିଛି । ଗତ ପତ୍ର ଝଡ ଋତୁ ପରଠାରୁ ମୁଁ ଏହାକୁ ବ୍ୟବହାର କରି ନାହିଁ । "ସେହି ଛୋଟ ଚଢିବାର ଘୋଡାଟି ଯାହା ମୁଁ ଚଢୁଥିଲି, ପରମେଶ୍ୱର ସେଦିନ ସକାଳରେ ତାହାକୁ ମୋ ରଥରେ ବାନ୍ଧି ଦେବେ, ଯେତେବେଳେ ମୁଁ ନଦୀ ନିକଟକୁ ଓହ୍ଲାଇ ଯିବି ।" ଏହା ଠିକ ସେଠାରେ ନଦୀର ଆର ପାର୍ଶ୍ୱରେ ଛିଡା ହୋଇଥିବ । ପରମେଶ୍ୱର ତାକୁ ପଠାଇବେ, ମୁଁ ତାକୁ ଅନ୍ୟ ରାତିରେ ଦେଖିଥିଲି । ଏହି ସକାଳ ମଧ୍ୟରୁ ଗୋଟିଏରେ, ସେ ମୋ ରଥରେ ବନ୍ଧା ହୋଇଥିବ । ମୁଁ ମେଘମାଳାର ଉପରେ ଚଢି, ଚାଲି ଯିବି ।

ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା ।

121 ଓଃ, ପରମେଶ୍ୱରଙ୍କ ସେହି ଶକ୍ତି ନିମନ୍ତେ ଯାହ ମୁଁ ଉପଭୋଗ କରିବାକୁ ଯାଉଅଛି ଯେତେବେଳେ ମୁଁ ସେହି ସୁବର୍ଣ୍ଣମୟ ମାର୍ଗରେ ଚାଲି ଯାଉଥିବି! ହଁ, ସେହି ପୁରୁଣା ରାଇଫଲ ଯାହା ବର୍ତ୍ତମାନ କାନ୍ଥରେ ଝୁଲୁଅଛି, ତାହାର ଆଉ ଅଧିକ ସେତେବେଳେ ବ୍ୟବହାର ରହିବ ନାହିଁ । ମୁଁ ଆଶ୍ଚର୍ଯ୍ୟ କରେ, ଯଦି ମୋର ରଥ ଆସେ, ଯଦି ମୋର ଛୋଟ ଚଢିବାର ଘୋଡାଟି ଯାହାକୁ ମୁଁ ଏକ ଦର୍ଶନରେ ଦେଖିଥିଲି ମୋ ରଥରେ ବନ୍ଧା ହୋଇଥିବ, ସେଦିନ ସକାଳେ, ନଦୀ କୂଳରେ ଠିଆ ହୋଇଥିବ । ମୁଁ ଆଶା କରେ ସେ ରହିବ । ମୁଁ ଉର୍ଦ୍ଧ୍ୱକୁ ଘେନି ହୋଇଯିବାକୁ ଚାହେଁ । ମୁଁ ଚାହେଁ ଯେ ମଣ୍ଡଳୀ ମଧ୍ୟ ସେହିପରି ଉପରକୁ ଯାଉ, ମୁଁ ଆପଣଙ୍କ ମଧ୍ୟରୁ ପ୍ରତ୍ୟେକକୁ ସେହିପରି ଚାହେଁ ।

122 କଅଣ ଆପଣ ଏହା ଜାଣିବାକୁ ଚାହିଁବେ କି ଯେ ଆପଣ କେତେବେଳେ ଯର୍ଦ୍ଦନକୁ ଆସୁଛନ୍ତି? କଅଣ ଆପଣ ଏହି ଜଗତର ଏହି ଧର୍ମବିହୀନ ପ୍ରଣାଳୀଗୁଡ଼ିକୁ ପରିତ୍ୟାଗ କରିବେ ଏବଂ ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବେ କି? ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ନୁହଁନ୍ତି, ତେବେ କଅଣ ଆପଣ ନିଜର ହାତକୁ ଉଠାଇ ଏହା କହିବେ କି, "ମୋ ପାଇଁ ପ୍ରାର୍ଥନା କରିବେ, ଭାଇ ବ୍ରାନହାମ୍ । ଯେତେବେଳେ ମୁଁ ଯର୍ଦ୍ଦନକୁ ଆସେ,..."? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । "ଯେତେବେଳେ ମୁଁ ଯର୍ଦ୍ଦନକୁ ଆସେ, ମୁଁ ମୋ ଉପରେ ପବିତ୍ରଆତ୍ମାଙ୍କର ସେହି ଶକ୍ତିକୁ ନେବାକୁ ଚାହେଁ ଏବଂ ସେହି ଶୀତଳ ଜଳକୁ ଆଘାତ କରି, ଆରପାରିକୁ ଅତିକ୍ରମ କରିବାକୁ ଚାହେଁ ।"

123 ଆପଣ କିପରି ଭାବରେ ପବିତ୍ରଆତ୍ମାଙ୍କ ଏପରି କହୁଥିବାର ଅଧୀନରେ, ସେହି ଅଭିଷେକ ତଳେ ବସିପାରନ୍ତି, ଏବଂ ଏହା ଜାଣି ଯେ ପବିତ୍ରଆତ୍ମା ମୋତେ ଆପଣଙ୍କର ଅବସ୍ଥାକୁ କହିପାରନ୍ତି, ଏବଂ ତଥାପି ନିଜର ହାତକୁ ଉଠାଇବାରେ ବିଫଳ ହୁଅନ୍ତି? ଏହା ଦର୍ଶାଏ ଯେ ଏହା ପ୍ରାନ୍ତର ଯାତ୍ରା ପାଇଁ ସମୟ ଆସିଯାଇଛି! କଅଣ ସେଠାରେ କେହି ଜଣେ, ଆଉ କେହି ଅଛନ୍ତି କି ଏହା ପୂର୍ବେକି ଆମେମାନେ ପ୍ରାର୍ଥନା କରୁ? ସେଠାରେ ଦୁଇଜଣ ନିଜର ହାତ ଉଠାଇଛନ୍ତି; ତିନି, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ପୁତ୍ର।

124 ଆମମାନଙ୍କର ସ୍ୱର୍ଗସ୍ଥ ପିତା! ତିନି; ତାହା ଅଦ୍ଭୁତ ହେବ, ପ୍ରଭୁ, ଯଦି ସେମାନେ—ସେମାନେ ଠିକ ସେଦିନ ସେଠାରେ ରୁହନ୍ତି। ପ୍ରଭୁ, ମୁଁ ପ୍ରାର୍ଥନା କରୁଛି ଯେ ସେମାନେ ରହିବେ। ସେମାନେ ନିଜର ହାତକୁ ଉଠାଇଛନ୍ତି କାରଣ ସେମାନେ ସୁନିଶ୍ଚିତ ଅଟନ୍ତି ଯେ ଏହି ସାଂସାରିକ ପ୍ରଣାଳୀଗୁଡିକ ମୃତ ହେଉଅଛି, ଏବଂ ପରମେଶ୍ୱରଙ୍କ ବାକ୍ୟର ସ୍ୱରଗୁଡିକ ଶୀଘ୍ର ହିଁ ପାଇବା ହେତୁ ଏକ କଷ୍ଟକର ବିଷୟ ହୋଇଯିବ, ପରମେଶ୍ୱର ଏହାକୁ ମଣ୍ଡଳୀରୁ ଦୂରକୁ ନେଇଯିବେ। ସେହି କ୍ରନ୍ଦନ, ବରର ସେହି ଡାକରା ଖୁବ୍ ଶୀଘ୍ର କ୍ଷାନ୍ତ ହୋଇଯିବ ଏବଂ ସେହି ଈଷେବଲ୍ ବ୍ୟବସ୍ଥା ଏହାକୁ ଧୂଳିସାତ୍ କରି ଦେବ। ମାତ୍ର ସେମାନେ ପାଇବାକୁ ଚାହାଁନ୍ତି...ସେହି ଲୁକ୍କାୟିତ ଝରଣା ଦ୍ୱାରା ବଞ୍ଚି ରହିବାକୁ ଚାହାଁନ୍ତି ଯେପରିକି ଦୁର୍ଭିକ୍ଷ ସମୟରେ ଏଲିୟଙ୍କୁ ସଂରକ୍ଷିତ କରା ଯାଇଥିଲା। ହେ ପରମେଶ୍ୱର, ସେମାନଙ୍କୁ ବର୍ତ୍ତମାନ ପବିତ୍ରଆତ୍ମା ପ୍ରଦାନ କର, ସେମାନଙ୍କର ହୃଦୟକୁ ଆନନ୍ଦ ଏବଂ ଶାନ୍ତିରେ ପରିପୂର୍ଣ୍ଣ କର, ଏବଂ ସେମାନଙ୍କର ମନକୁ ପରମେଶ୍ୱରଙ୍କ ବାକ୍ୟ ଉପରେ ରଖ ଯେପରିକି ସେମାନେ ବର୍ତ୍ତମାନ ଏବଂ ପରବର୍ତ୍ତୀ, ଚିରଦିନ ପାଇଁ ବଞ୍ଚି ରହିପାରନ୍ତି। ପିତା, ସେମାନଙ୍କୁ ଆଶୀର୍ବାଦ କର। ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ, ସେମାନେ ତୁମର ଅଟନ୍ତି।

ଆମର ମସ୍ତକଗୁଡିକ ନତ ହୋଇଥିବା ସହ:

125 ସେମାନେ ଯେଉଁମାନେକି ନିଜର ହାତଗୁଡିକୁ ଉଠାଇଛନ୍ତି ଏବଂ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାକୁ ଚାହାଁନ୍ତି, କଅଣ ଆପଣମାନେ ଅଳ୍ପ କ୍ଷଣ, ନିଜର ପାଦରେ ଛିଡା ହେବେ କି, ଯେତେବେଳେ ମୁଁ ଆପଣମାନଙ୍କ ପାଇଁ ବ୍ୟକ୍ତିଗତ ଭାବରେ ପ୍ରାର୍ଥନା କରେ? କେବଳ ନିଜର ଗୋଡରେ ଛିଡା ହୋଇଯାଆନ୍ତୁ।

126 ହେ ପରମେଶ୍ୱର, କଅଣ ମୁଁ ବିଫଳ ହୋଇଛି କି? ଏପରିକି ସେହି ତିନିଜଣ ଯେଉଁମାନେକି ନିଜର ହାତକୁ ଉଠାଇଥିଲେ, ସେହି କାର୍ଯ୍ୟ ଯାହା ସେମାନେ କରିଥିଲେ ତାହାକୁ ଗ୍ରହଣ କରିବା ନିମନ୍ତେ ବିଶ୍ୱାସ ନ ଥାଇ ସେମାନଙ୍କ ପାଦରେ ଛିଡା ହୋଇଥିଲେ। ପ୍ରଭୁ ଯୀଶୁ, ମୁଁ ଏହାକୁ ତୁମ ହସ୍ତରେ ସମର୍ପଣ କରୁଛି। ମୁଁ ତୁମର ବାକ୍ୟ ପ୍ରଚାର କରିଅଛି, ଏବଂ କୌଣସି ଆପୋଷ ବୁଝାମଣା କରି ନାହିଁ। ବର୍ତ୍ତମାନ ହେ ପିତା, ମୁଁ—ମୁଁ ଏହି ଘରକୁ ସେମାନଙ୍କ ହସ୍ତରେ ଛାଡ଼ି ଦେଉଛି। ତୁମେ ଉଭୟ ମଣ୍ଡଳୀ ଏବଂ ତୁମର ସେବକ ସହିତ ଯାହା ଉତ୍ତମ ଲାଗେ ତାହା କର, ଏହା ସବୁ ତୁମ ହସ୍ତରେ ଅଛି।

127 ପିତା, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ବିନଷ୍ଟ ହୋଇଥିବା ଲୋକମାନଙ୍କୁ ଉଦ୍ଧାର କରିବ, କ୍ଷୁଧିତ-ହୃଦୟକୁ ଉତ୍ତମ ବସ୍ତୁରେ ପରିପୂର୍ଣ୍ଣ କରିବ, ସେମାନଙ୍କୁ ଅନନ୍ତ ଜୀବନ ପ୍ରଦାନ କରିବ ଯେଉଁମାନେ ତୃଷାର୍ତ୍ତ ଅଛନ୍ତି, ଏହି ବାର୍ତ୍ତାକୁ ପ୍ରଚାର କରିବା ପାଇଁ ତୁମର ସେବକମାନଙ୍କୁ ଉଠାଇବ, ରୋଗୀ ଓ ପୀଡ଼ିତମାନଙ୍କୁ ସୁସ୍ଥତା ପ୍ରଦାନ କରିବ, ନିଜକୁ ଗୌରବାନ୍ୱିତ କରିବ, କାରଣ ମୁଁ ତୁମ ବାକ୍ୟ ସହିତରେ ନିଜକୁ ସମର୍ପିତ କରୁଅଛି । ଏବଂ ମୋ ହାତରେ, ଆଉ ମୋ ହୃଦୟରେ, ଏବଂ ମୋ ମନରେ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦେଇ, ତୁମର ନିୟମଗୁଡ଼ିକୁ ଲେଖ । ଆମେନ୍ ।

ଯେତେବେଳେ ମୁଁ ଦିନର ଶେଷରେ ନଦୀକୁ ଆସେ,

ମୁଁ ତାହା ଗାଇବାକୁ ଚାହେଁ ନାହିଁ ।

ଏବଂ ଏପରି ଲାଗୁଛି ଯେପରିକି ମୋର ସାଙ୍ଗମାନେ ସମସ୍ତେ ଚାଲିଯାଇଛନ୍ତି;
ସେଠାରେ କେହି ଜଣେ ଅପେକ୍ଷା କରୁଥିବେ ଯିଏକି ମୋତେ ବାଟ ଦେଖାଇବେ,
ମୋତେ ଏକାକୀ ଯର୍ଦ୍ଦନ ପାର ହେବାକୁ ପଡିବ ନାହିଁ ।

128 ବିଲ୍, କଅଣ ତୁମେ ପ୍ରାର୍ଥନା କାର୍ଡ ଦେଇଛ କି? ମୁଁ ଭାରଗ୍ରସ୍ତ ଅନୁଭବ କରୁଛି । ଆଜି ତୁମେ କଅଣ ଦେଇଛ? ବି କ୍ରମାଙ୍କ? ତୁମେ ଏ କ୍ରମାଙ୍କ ମଧ୍ୟ ଦେଇ ଅଛ, କଅଣ ନୁହେଁ କି? ଠିକ ଅଛି, ବି କ୍ରମାଙ୍କକୁ ପ୍ରଥମେ ଡାକ, ଏକ ସଂଖ୍ୟାରୁ...ପ୍ରାର୍ଥନା କାର୍ଡ ବି, ଏକ ସଂଖ୍ୟା । ଆମେମାନେ ଆପଣଙ୍କର ଅସୁସ୍ଥତା ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ । ବି, ସଂଖ୍ୟା ଏକ, କାହା ପାଖରେ ତାହା ଅଛି? ପ୍ରାର୍ଥନା କାର୍ଡ କ୍ରମାଙ୍କ ବି, ସଂଖ୍ୟା ଏକ, କେହି ଜଣେ ଅତି ପଛରୁ । ହେ ମହିଳା, ଏଠାକୁ ଆସନ୍ତୁ । କ୍ରମାଙ୍କ ବି, ସଂଖ୍ୟା ଦୁଇ, ନିଜର ହାତ ଉଠାନ୍ତୁ । ସେହି ମହିଳା କି? ସଂଖ୍ୟା ତିନି । କ୍ରମାଙ୍କ ବି, ସଂଖ୍ୟା ତିନି, କଅନ ଆପଣ ଦୟାକରି ନିଜର ହାତ ଉଠାଇବେ କି, ଯେଣୁ ମୁଁ ଦେଖିପାରିବି ଯେ କେଉଁଠାରେ । ସଂଖ୍ୟା ତିନି? ସଂଖ୍ୟା ଚାରି, କ୍ରମାଙ୍କ ବି, ସଂଖ୍ୟା ଚାରି । କ୍ରମାଙ୍କ ବି, ସଂଖ୍ୟା ପାଞ୍ଚ । କଅଣ ଆପଣ ଦୟାକରି ନିଜର ହାତ ଉଠାଇବେ କି? କ୍ରମାଙ୍କ ବି, ସଂଖ୍ୟା ପାଞ୍ଚ । ସେହି ବ୍ୟକ୍ତି କି? ଠିକ ଅଛି, ଛଅ, ସାତ, ଆଠ, ନଅ, ଦଶ, ଏଗାର, ବାର, ତେର, ଚଉଦ, ପନ୍ଦର । ତେବେ, ଏଠାରେ, ସମସ୍ତ କ୍ରମାଙ୍କ ବି ଛିଡା ହୋଇଯାଆନ୍ତୁ, ଯେକୌଣସି ପ୍ରକାରେ । କେବଳ...

ତାହା...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]...ସମସ୍ତ ଜଗତକୁ ଗଲେ, କ୍ଷେତ୍ରରେ ପ୍ରତ୍ୟେକ ମିଶନାରୀ, ଯେଉଁଠାରେ ବି ସେମାନେ ପାରିଲେ ।

129 ସମସ୍ତ କ୍ରମାଙ୍କ ବି ଥିବା ପ୍ରାର୍ଥନା କାର୍ଡ ଠିଆ ହୋଇ ଯାଆନ୍ତୁ ଓ ନିଜର ସଂଖ୍ୟା ଅନୁଯାୟୀ ନିଜର ସ୍ଥାନକୁ ଗ୍ରହଣ କରି ନିଅନ୍ତୁ ।

ତେବେ, ପରବର୍ତ୍ତୀଗୁଡିକ କଅଣ ଥିଲା? କ୍ରମାଙ୍କ ଏ? କାହା ପାଖରେ ପ୍ରାର୍ଥନା କାର୍ଡ କ୍ରମାଙ୍କ ଏ, ସଂଖ୍ୟା ଏକ ଅଛି? କ୍ରମାଙ୍କ ଏ, ସଂଖ୍ୟା ଏକ, ଏହା କେଉଁଠାରେ ଅଛି? ନିଶ୍ଚିତ ଭାବରେ ଏହା ଏଠାରେ ଅଛି। କ୍ରମାଙ୍କ ଏ, ସଂଖ୍ୟା ଏକ? ସେଗୁଡିକ ବର୍ତ୍ତମାନ ଦୁଇ ଦିନ, କିମ୍ବା ତିନି ଦିନ ହେଲାଣି ଦିଆଯାଇଛି, ତେଣୁ ସେମାନେ ବୋଧହୁଏ ଏଠାରେ ନ ଥାଇପାରନ୍ତି। ପ୍ରାର୍ଥନା କାର୍ଡ କ୍ରମାଙ୍କ ଏ ଥିବା ସମସ୍ତେ, ତେବେ ଆପଣମାନେ ଏଠାରେ ଧାଡି ବାନ୍ଧନ୍ତୁ। ଭକ୍ତି ସହକାରେ, କାନ୍ଥ କଡରେ ଛିଡା ହୋଇଯାଆନ୍ତୁ।

130 ପ୍ରାର୍ଥନା କାର୍ଡ ବିନା ହିଁ ଆପଣମାନଙ୍କ ସହ ମୁଁ ଗୋଟିଏ ମିନିଟ୍ ପାଇଁ କଥା ହେବାକୁ ଚାହେଁ, ଏହା ପୂର୍ବେକି ସେହି ଧାଡି ଆରମ୍ଭ ହୁଏ।

131 ତେବେ, ନିଜର ପ୍ରାର୍ଥନା କାର୍ଡ ସହିତ, ଏହାକୁ ନିଜ ହାତରେ ଧରି ରଖନ୍ତୁ ଯେପରିକି ପିଲାମାନେ ଆପଣଙ୍କର ପ୍ରାର୍ଥନା କାର୍ଡକୁ ଗ୍ରହଣ କରିପାରନ୍ତି। ଆପଣମାନେ ଅପେକ୍ଷା କରିଛନ୍ତି, ଆପଣମାନେ ନିଜର ପ୍ରାର୍ଥନା କାର୍ଡ ନେବା ପାଇଁ ସନ୍ଧ୍ୟାରେ ଶୀଘ୍ର ଆସିଥିଲେ, ଏବଂ ଧାଡିରେ ଆସିବାର ଏକ ଅଧିକାର ପାଇଲେ। ମୁଁ ଆପଣଙ୍କ ପାଇଁ ପ୍ରାର୍ଥନା କରିବି, ବୋଲି ପ୍ରତିଜ୍ଞା କରିଥିଲି। ତେବେ ମୁଁ ମୋର ପ୍ରତିଜ୍ଞା ରକ୍ଷା କରିବାକୁ ଚେଷ୍ଟା କରିବି, ପରମେଶ୍ୱର ମୋତେ ସାହାଯ୍ୟ କରନ୍ତୁ।

132 ତାହା ଆପଣଙ୍କର ସାନ ପିଲା କି? ବହୁତ ସୁନ୍ଦର ଛୋଟ ଜଣେ। ଦୟାକରି ମୋତେ କ୍ଷମା କରନ୍ତୁ। ଏଠାରେ ଥିବା ଏହି ମହିଳାଜଣକ ଜଣେ ଏକ ଭଲ ପ୍ରକାରର ଏକ ପ୍ରକୃତ ଆମେରିକୀୟ। ତାଙ୍କର ସାନ ପିଲା, ଛୋଟ ଓଭରଅଲ୍ସ୍ ଏବଂ ଧାରୀ ଥିବା ଜ୍ୟାକେଟ୍ ପିନ୍ଧିଥିବା ସହ। ଯୁବା ସ୍ତ୍ରୀଲୋକ ଲମ୍ବା କେଶ ସହିତ, ସୁନ୍ଦର ପୋଷାକ ପିନ୍ଧିଛନ୍ତି। ପରମେଶ୍ୱର ତାଙ୍କୁ ଏବଂ ତାଙ୍କ ଘରକୁ, ଏବଂ ତାଙ୍କ ସ୍ୱାମୀଙ୍କୁ, ତାଙ୍କ ପ୍ରିୟଜନମାନଙ୍କୁ ଆଶୀର୍ବାଦ କରନ୍ତୁ। ତାହା ପ୍ରକୃତ ଖାଣ୍ଟି ଯୁକ୍ତ ରାଷ୍ଟ୍ର ଆମେରିକା, ଯାହା ଉପରେ "ଖ୍ରୀଷ୍ଟିଆନ ଧର୍ମ" ଲେଖା ହୋଇଅଛି। ଆମ ଦେଶ ଚିରଦିନ ସେହିପରି ରହିଥାଉ! ହେ ସାନ ମହିଳା, ତାହା କହିବା ନିମନ୍ତେ, ମୋତେ କ୍ଷମା କରନ୍ତୁ, ମାତ୍ର ମୁଁ କେବଳ...ଯେପରିକି ଲୋକମାନେ ତାହା ଦେଖିପାରନ୍ତି ଯାହା ମୁଁ ଭାବୁଛି ଯେ ଜଣେ ଖ୍ରୀଷ୍ଟିଆନ ଦେଖାଯିବା ଉଚିତ; କୌଣସି ହାତ ଓ ନଖର ସୌନ୍ଦାର୍ଯ୍ୟୀକରଣ ନୁହେଁ, କି କୌଣସି ବି ସେହି ଜିନିଷ ନୁହେଁ, କେବଳ ମହିଳା।

133 ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ ସଲିଭାନ୍।

134 *ସେହି ମହାନ ଚିକିତ୍ସକ,* ଯଦି ଆପଣ ଚାହିଁବେ।

ସେହି ମହାନ ଚିକିତ୍ସକ ବର୍ତ୍ତମାନ ନିକଟବର୍ତ୍ତୀ,
ସେହି ସହାନୁଭୂତି ପ୍ରଦାନକାରୀ ଯୀଶୁ;

135 କଅଣ ଆପଣ ତାହାଙ୍କଠାରେ ବିଶ୍ୱାସ କରନ୍ତି କି? କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେ ସେହି ମହାନ ଚିକିତ୍ସକ ଅଟନ୍ତି? ତେବେ କେବଳ ଗୋଟିଏ କ୍ଷଣ ପାଇଁ ଭକ୍ତି ସହକାରେ ରୁହନ୍ତୁ। ଆମ ପାଖରେ ଏବେ ସୁଦ୍ଧା ଅଳ୍ପ ଟିକିଏ ସମୟ ଅଛି, ମୁଁ ବାର୍ତ୍ତାକୁ ଟିକିଏ ଛୋଟ

କରିଦେଇଛି । ମୁଁ ଆଶା କରେ ଯେ ଆପଣ ଏହାକୁ ବୁଝି ପାରିଲେ, ଯାହା ଏହାର ଅର୍ଥ ଥିଲା । କେବଳ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତୁ । ଯେତେବେଳେ ସେମାନେ ସମସ୍ତେ ଧାଡ଼ି ବାନ୍ଧି ହୁଅନ୍ତି, କେହି ଜଣେ ସେଠାରେ ପଛରୁ ଲୋକମାନଙ୍କୁ ଧାଡ଼ିରେ ଛିଡା କରନ୍ତୁ । ଠିକ ଅଛି? କଅଣ କହିଲେ? ତେବେ ସେ ସମସ୍ତେ ଯେଉଁମାନେକି ପ୍ରାର୍ଥନା କାର୍ଡ ଧରିଛନ୍ତି ସେମାନେ ଠିଆ ହୋଇଛନ୍ତି ।

136 ପ୍ରାର୍ଥନା କାର୍ଡ ନ ଥିବା ସେଠାରେ ଆପଣମାନେ, ମଧ୍ୟ, କଅଣ ତାହା ବିଶ୍ୱାସ କରନ୍ତି କି? ଯଦି ଆପଣମାନେ ବିଶ୍ୱାସ ରଖିବେ, ପରମେଶ୍ୱର *ଆପଣଙ୍କୁ* ବି ଡାକିବେ । ତେବେ, ସମସ୍ତ ପ୍ରାର୍ଥନା କାର୍ଡ ଧାଡିରେ ଅଛନ୍ତି ।

137 ସେହି ସାନ ଝିଅଟି ସେଠାରେ ପଛରେ, ଏକ ଖରାପ ଗୋଡ ସହିତ ବସିଛି, ଏଠାରେ ଉପରେ…କଅଣ ତୁମେ ବିଶ୍ୱାସ କରୁଛ ଯେ ପରମେଶ୍ୱର ଏହାକୁ ସୁସ୍ଥ କରିବେ? ଯଦି ତୁମେ କରୁଛ, ତେବେ କେବଳ ବିଶ୍ୱାସ ରଖ ଏବଂ ପରମେଶ୍ୱର ଏହାକୁ ତୁମକୁ ପ୍ରଦାନ କରିବେ ।

138 କଅଣ ଭାବୁଛନ୍ତି ଯେ ଆପଣଙ୍କର ଅସୁସ୍ଥ ବାପା ଠିକ୍ ହେବେ କି? ଆପଣ ବିଶ୍ୱାସ କରନ୍ତୁ, ଆପଣ ଏହା ପାଇପାରନ୍ତି ।

139 ସେଠାରେ ଆପଣଙ୍କ ବିଷୟରେ କଅଣ, ସ୍ନାୟୁଜନିତ ଅବସ୍ଥାରେ ଥିବା ନିଜର ଭଣଜା ପାଇଁ ପ୍ରାର୍ଥନା କରୁଛନ୍ତି? କଅଣ ଆପଣ ଭାବୁଛନ୍ତି ଯେ ପରମେଶ୍ୱର ତାଙ୍କୁ ସୁସ୍ଥ କରିବେ? ସେଠାରେ ବସିଥିବା, ହେ ମହିଳା, ଯଦି ଆପଣ ଏହାକୁ ବିଶ୍ୱାସ କରିବେ, ଆପଣ ଏହାକୁ ପାଇପାରନ୍ତି ।

140 କଅଣ ଆପଣମାନେ ସମସ୍ତେ ବିଶ୍ୱାସ କରିବାକୁ ଯାଉଛନ୍ତି କି?

141 ତେବେ ମୁଁ ଚାହେଁ…ଏଠାରେ କେତେ ଜଣ ମୋର ଭାଇମାନେ, ସୁସମାଚାର ପ୍ରଚାରକ, ପୂର୍ଣ୍ଣ-ସୁସମାଚାର ପ୍ରଚାରକ ଅଟନ୍ତି କିମ୍ବା ସେମାନେ ଯାହା ବି ଅଟନ୍ତି, ଯେଉଁମାନେକି ଈଶ୍ୱରୀୟ ଆରୋଗ୍ୟତାରେ ବିଶ୍ୱାସ କରନ୍ତି? ନିଜର ହାତ ଉଠାନ୍ତୁ । ମୁଁ ଚାହିଁବି ଯେ ଆପଣ ଏଠାକୁ ଆସନ୍ତୁ ଏବଂ ମୋତେ ଏହି ଲୋକମାନଙ୍କ ପାଇଁ ପ୍ରାର୍ଥନା କରିବାରେ ସାହାଯ୍ୟ କରନ୍ତୁ, ଯେପରିକି ଲୋକମାନେ ଏହା ଦେଖନ୍ତି ଯେ ଏହା କେବଳ ମୁଁ ନୁହେଁ ଯିଏକି ଲୋକମାନଙ୍କ ପାଇଁ ପ୍ରାର୍ଥନା କରେ, ଆପଣମାନେ ମଧ୍ୟ କରିପାରନ୍ତି । ଏଠାକୁ ଆସନ୍ତୁ ଏବଂ ମୋ ସହିତ ପ୍ରଚାର ମଞ୍ଚରେ ଠିଆ ହୁଅନ୍ତୁ । ଆପଣ ସେବକଗଣ, ଭାଇମାନେ, କଅଣ ଆପଣ କରିବେ କି? ଠିକ ଏଠାକୁ ଆସନ୍ତୁ ଏବଂ ଠିକ ଏହି ପ୍ରଚାର ମଞ୍ଚରେ ଠିଆ ହୁଅନ୍ତୁ । ତାହା ଉତ୍ତମ ଅଟେ । ଭାଇମାନେ, ଧନ୍ୟବାଦ । ଧନ୍ୟବାଦ । ଭାଇମାନେ, ଠିକ ଏଠାରେ ଆଗକୁ, ଚାଲି ଆସନ୍ତୁ ।

142 କଅଣ କହୁଛନ୍ତି? [ଜଣେ ଭାଇ କୁହନ୍ତି, "କଅଣ ଆମେମାନେ ଏଠାରେ ଏକ ଦ୍ୱିତୀୟ ଧାଡି ପ୍ରସ୍ତୁତ କରିପାରିବା କି?"—ସମ୍ପା ।] ହଁ, ଆପଣ କରିପାରନ୍ତି । ଏଠାରେ ଏକ ଦ୍ୱିତୀୟ ଧାଡି ପ୍ରସ୍ତୁତ କରନ୍ତୁ, ଭଲ ହେବ । ତାହା ଉତ୍ତମ ଅଟେ । ଭାଇ, ତେବେ ଏହି ପଟକୁ ବୁଲି ଯାଆନ୍ତୁ । ଏହି ପଟକୁ ବୁଲି ଯାଆନ୍ତୁ, ମୁଁ ଲୋକମାନଙ୍କୁ ଠିକ ଏଠାରୁ ନେଇକରି ଆସିବାକୁ

ଯାଉଅଛି । ତେବେ ଆପଣମାନଙ୍କ ମଧ୍ୟରୁ କେତେକ ମୋର ଏହି ପାର୍ଶ୍ୱକୁ ଆସିଯାଆନ୍ତୁ, ଠିକ୍ ଏଠାରେ, ଯଦି ଆପଣମାନେ ଚାହିଁବେ, ଏହି ପାର୍ଶ୍ୱରେ ଠିଆ ହୁଅନ୍ତୁ । ତାହାହିଁ ଅଟେ ।

143 ତେବେ, ଶ୍ରୋତାବୃନ୍ଦଙ୍କ ପାଇଁ, କଅଣ ଆପଣ ଏଠାରେ ଏହି ଉତ୍ତମ ପୁରୁଷମାନଙ୍କୁ ଦେଖୁଛନ୍ତି କି? ସେମାନେ ସେହି ପୁରୁଷମାନେ ଯେଉଁମାନେକି ଠିକ ଏଠାରେ ଠିଆ ହେବେ, ଏବଂ ମୁଁ ପ୍ରଚାର କରୁଥିବା ଏହି ସୁସମାଚାର ପାଇଁ ଛିଡା ହେବେ । ବୁଝିଲେ? ସେମାନେ ଏଠାକୁ ଆସିଲେ କାରଣ ସେମାନେ ଏଥିରେ ବିଶ୍ୱାସ କରନ୍ତି । ତେବେ ଆପଣମାନେ ନିଜର ପାଳକଙ୍କ ପାଇଁ ଗର୍ବିତ ହେବା ଉଚିତ୍ ଯିଏକି ନିଜକୁ ଏଠାରେ ଏହି ପ୍ରଚାର ମଞ୍ଚରେ ଦେଖାଇବେ, କଠିନ ଭାବରେ, ଦୃଢ ପ୍ରଚାରରେ । ଏମାନେ ସେହି ପୁରୁଷ ଅଟନ୍ତି ଯାହାଙ୍କ ପାଖରେ ଏକ ପ୍ରକାଶନ ଅଛି, ଯେଉଁମାନେ ଏହା ଜାଣନ୍ତି...ମୁଁ ଲୋକମାନଙ୍କ ବିରୁଦ୍ଧରେ ଅଛି ତାହା ନୁହେଁ, ବେଳେବେଳେ ଆମେ ବ୍ୟବସ୍ଥା ସହିତରେ ଜଡିତ ହୋଇଥାଉ ଯାହାକି ଆମକୁ କରିଥାଏ... ସେହି ବ୍ୟବସ୍ଥା ହିଁ ଅଟେ ଯାହା ବିରୁଦ୍ଧରେ ଆମେମାନେ ଅଟୁ: ପରମେଶ୍ୱରଙ୍କ ସେବକ, ସେହି ମନୁଷ୍ୟ ବିରୁଦ୍ଧରେ ନୁହେଁ ।

144 ତେବେ, ଯଦି ଆମମାନଙ୍କ ପାଖରେ ଏଠାରେ ସମସ୍ତଙ୍କ ପାଇଁ ହୃଦୟର ଗୁପ୍ତ କଥାଗୁଡିକୁ ଜାଣିବାର ସେହି ବିଷୟ ରହିଥାଏ, ତେବେ ଆପଣମାନେ କଅଣ ଭାବୁଛନ୍ତି ଯେ ମୁଁ ଏଠାରେ କେତେ ଅଧିକ ସମୟ ଧରି ରହିପାରିବି? ମୁଁ ଦୁର୍ବଳ ହୋଇଯିବି ଯେତେବେଳେ ମୁଁ ପ୍ରାୟଃ ପହଞ୍ଚିଥାଏ...ପ୍ରାୟଃ ଛଅ, ପାଞ୍ଚ କିମ୍ବା ଛଅ, ଦଶ ପରେ; ଟିକିଏ ଅଧିକ, ବୋଧହୁଏ ଅଧା, ବା ଧାଡିର ଚତୁର୍ଥାଂଶ ବେଳକୁ, ମୁଁ ଦୁର୍ବଳ ହୋଇଯାଇଥିବି, ବାକି ସମସ୍ତଙ୍କ ପାଇଁ ପ୍ରାର୍ଥନା ବି କରାଯାଇ ପାରିବ ନାହିଁ । ଆମେ ତାହା କରିପାରିବା ନାହିଁ । ଏବଂ ଯେପରି ତାହା...ମାତ୍ର ଆପଣଙ୍କୁ ତାହା କରିବାର ପ୍ରୟୋଜନ ନାହିଁ । ଆପଣ ଜାଣନ୍ତି ଯେ ଆପଣଙ୍କର ଅସୁବିଧା କଅଣ ଅଟେ । ଆପଣ ଜାଣିଛନ୍ତି ଯେ ଆପଣ କଅଣ କରିଛନ୍ତି, ତେବେ ନିଜର ପାପଗୁଡିକୁ ସ୍ୱୀକାର କରନ୍ତୁ । ଯଦି ଆପଣଙ୍କ ମଧ୍ୟରୁ ସେଠାରେ କେହି ନିଜ ହୃଦୟରେ ଟିକେ ବି ସନ୍ଦେହ ରଖିଛନ୍ତି, ତେବେ ଏହାକୁ ଠିକ ବର୍ତ୍ତମାନ ହିଁ ବାହାର କରି ନିଅନ୍ତୁ ଏବଂ ପରମେଶ୍ୱରଙ୍କ ଠାରେ ଆପଣଙ୍କୁ କ୍ଷମା କରିଦେବା ପାଇଁ କୁହନ୍ତୁ । ଯଦି ଆପଣ ପରମେଶ୍ୱରଙ୍କ ସହିତ ଠିକ୍ ନାହାଁନ୍ତି, ତେବେ ପରମେଶ୍ୱରଙ୍କୁ କୁହନ୍ତୁ ଯେ ସେ ଆପଣଙ୍କୁ କ୍ଷମା କରି ଦେବେ । ଯଦି ଆପଣ ତାହା ନ କରନ୍ତି, ଏବଂ ଆପଣ ପରମେଶ୍ୱରଙ୍କ ସହିତ ସଠିକ୍ ନୁହଁନ୍ତି, ତାହାହେଲେ ଏହା ଆପଣଙ୍କର ଏଠାକୁ ଆସିବା କୌଣସି ବି ଲାଭ କରିବ ନାହିଁ । ଆପଣ କେବଳ ନିଜର ସମୟ ନଷ୍ଟ କରୁଛନ୍ତି । ତାହା ସତ ଅଟେ । ବର୍ତ୍ତମାନ, ଭାଇମାନେ, କଅଣ ତାହା ଠିକ୍ ଅଟେ କି? ତାହା ଠିକ୍ ଅଟେ ।

145 ଏଠାରେ ଦେଖନ୍ତୁ । ଏଠାରେ ଭାଇ କିଡ୍ ଛିଡା ହୋଇଛନ୍ତି । ପ୍ରାୟଃ ଗୋଟିଏ କିମ୍ବା ଦୁଇ ବର୍ଷ ପୂର୍ବେ, ତାଙ୍କ ପାଖକୁ ଯିବା ପାଇଁ ମୁଁ ମୋ କାରର ଚକଗୁଡିକୁ ଘସିଯିବା ଭଳି ଅତି କ୍ଷୀପ୍ର ବେଗରେ ଗାଡି ଚଲାଇବାକୁ ଚାହିଁଥିଲି...ସେ କର୍କଟ ରୋଗରେ ମୃତ୍ୟୁବରଣ କରୁଥିଲେ, ସେଦିନ ମୃତପ୍ରାୟଃ ଅବସ୍ଥାରେ ଥିଲେ । ତାଙ୍କ ପତ୍ନୀ ମୋତେ କହିଥିଲେ, କହିଲେ, "ଶୀଘ୍ର!"

କହିଲେ, "ସେ ବର୍ତ୍ତମାନ ମୃତ୍ୟୁଶଯ୍ୟାରେ ଅଛନ୍ତି।" ଯେତେବେଳେ ମୁଁ ସେଠାରେ ପହଞ୍ଚିଲି, ସଦାପ୍ରଭୁ ତାଙ୍କୁ ସୁସ୍ଥ କଲେ। ଏବଂ ଏଠାରେ ସେ ଏବେ ମଧ୍ୟ ଛିଡା ହୋଇଛନ୍ତି। ମୁଁ ଭାବୁଛି ସେ *ଏତେ-ଅଧିକ* ଓଜନ ଏବଂ ସବୁକିଛି ହାସଲ କରିଛନ୍ତି। ଜଣେ ପୁରୁଣା ଅନୁଭୂତି ପ୍ରାପ୍ତ ବ୍ୟକ୍ତି, ପଶ୍ଚାତ ସମୟର, ଆପଣମାନେ ଜାଣନ୍ତି। ସେହି ପ୍ରକାରର ବ୍ୟକ୍ତି ବିଷୟରେ ମୁଁ କହୁଥିଲି, ଅନେକ ବର୍ଷ ପୂର୍ବେ, ଯିଏକି ପ୍ରଚାର କରୁଥିଲେ; ଏବଂ ଠିକ ସେହି ବାକ୍ୟ ସହିତ ଲାଗି ରହିଥିଲେ, ଏବଂ ଲୋକମାନେ ତାଙ୍କ ଉପରେ ହସିଥିଲେ। ଏବଂ ସେ ଓ ତାଙ୍କ ପତ୍ନୀ ରେଲୱେ ଟ୍ରାକ୍ ଏବଂ ଅନ୍ୟାନ୍ୟ ସବୁ ସ୍ଥାନକୁ ଚାଲିକରି ଯାଇଥିଲେ, ଏବଂ ଉପରେ ପର୍ବତମୟ ଦେଶକୁ, ଏବଂ କୋଇଲା ଖଣିକୁ ଯାଇଥିଲେ, ଆଉ ତଡା ଖାଇଥିଲେ, ଏବଂ କାରାଗାରରେ ନିକ୍ଷେପ କରାଯାଇଥିଲେ, ଏବଂ ସବୁକିଛି ହୋଇଥିଲା। ସେହି ପ୍ରକାର ବ୍ୟକ୍ତି ଯିଏକି ପୁରସ୍କାର ଜିତିବା ପାଇଁ ସଂଘର୍ଷ କରିଥିଲେ, ତାହା ସେହି ପ୍ରକାର ଲୋକମାନେ।

146 ବର୍ତ୍ତମାନ, ଭାଇମାନେ, ମୁଁ ଆପଣମାନଙ୍କୁ କହୁଛି, ଆପଣଙ୍କ ପାଖରେ ବୋଧହୁଏ ଗୁପ୍ତ ବିଷୟଗୁଡିକୁ ଜାଣିବାର ଆତ୍ମା ରହି ନ ଥାଏ। ତାହା ହେବା ଆବଶ୍ୟକ ନୁହେଁ, ଦେଖନ୍ତୁ, ତାହା—ତାହା ଜରୁରୀ ନୁହେଁ। ପ୍ରଥମ ବିଷୟ ହେଉଛି, ଆପଣ ବାକ୍ୟର ଜଣେ ଲୋକ ଅଟନ୍ତି। ଆପଣ ମୋ ଭଳି ପ୍ରଚାରକଗଣ, ଅପେକ୍ଷା ଅଧିକ ଉତ୍ତମ ଅଟନ୍ତି, କାରଣ ମୁଁ—ମୁଁ ସେହିପରି ଜଣେ ପ୍ରଚାରକ ସୁଦ୍ଧା ନୁହେଁ। ମାତ୍ର ମୁଁ...ମାତ୍ର ଆପଣ—ଆପଣ ଅଭିଷିକ୍ତ ଅଟନ୍ତି, ଯେକୌଣସି ବ୍ୟକ୍ତି ଯିଏକି ସୁସମାଚାର ପ୍ରଚାର କରାଯିବା ନିମନ୍ତେ ଡକାଯାଇ ଅଛନ୍ତି ସେ ରୋଗୀଙ୍କୁ ସୁସ୍ଥ କରାଯିବା ନିମନ୍ତେ ଡକାଯାଇ ଅଛନ୍ତି; ସାଧାରଣ ନିର୍ଦ୍ଦେଶଗୁଡ଼ିକ ହେଉଛି: "ସମଗ୍ର ଜଗତକୁ ଯାଅ ଏବଂ ପ୍ରତ୍ୟେକ ପ୍ରାଣୀଙ୍କୁ ସୁସମାଚାର ପ୍ରଚାର କର। ଯିଏ ବିଶ୍ୱାସ କରେ ଓ ବାପ୍ତିଜିତ ହୁଏ ସେ ଉଦ୍ଧାର ପାଇବ। ଏହି ଚିହ୍ନଗୁଡିକ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କର ଅନୁବର୍ତ୍ତୀ ହେବ। ଯଦି ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ," ଇତ୍ୟାଦି, "ସେମାନେ ସୁସ୍ଥ ହେବେ।" ଯଦି ଆପଣଙ୍କୁ ଜଣେ ସେବକ ହେବା ନିମନ୍ତେ ଡକାଯାଇଛି, ତେବେ ଆପଣଙ୍କୁ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ମଧ୍ୟ ଡକାଯାଇଅଛି।

147 ଏବଂ ସେହି କାରଣ ଯେଉଁଥି ଯୋଗୁଁ ମୁଁ ଏହା କରେ ଯେପରିକି ଏହି ଶ୍ରୋତାବୃନ୍ଦ... ଯେପରିକି ସେମାନେ ଏହା ଦେଖିପାରନ୍ତି ଯେ ସେମାନଙ୍କୁ କୌଣସି ବିଶେଷ ବ୍ୟକ୍ତିଙ୍କ ପାଇଁ ଅପେକ୍ଷା କରିବାର ପ୍ରୟୋଜନ ନାହିଁ, ଓରାଲ୍ ରୋବର୍ଟସ୍, ଟମି ହିକ୍ସ, ଟମି ଓସବୋର୍ନ୍, ମୁଁ, ଏପରି କେହି ଯିଏକି ଏକ ଆରୋଗ୍ୟତା ସେବା ପାଇଁ ଆସନ୍ତି। ମୁଁ ସେମାନଙ୍କଠାରୁ ଏହା ଚାହେଁ ଯେ ସେମାନେ ଦେଖନ୍ତୁ ଯେ ଆପଣମାନେ ପରମେଶ୍ୱରଙ୍କ ଲୋକ ଅଟନ୍ତି। ବୁଝିଲେ? ଆପଣ ତ ଜଣେ ପୁରୁଷ...ସେମାନଙ୍କ ମଧ୍ୟରୁ କାହାରି ଉପରେ ହାତ ରଖିବାର ଠିକ ସେତିକି ଅଧିକାର ଅଛି ଯେତିକି—ଯେତିକି ମୋର କିମ୍ବା ଅନ୍ୟାନ୍ୟ କାହାରିର ଅଛି। ସର୍ବଶେଷରେ, ଭାଇମାନେ, ଆପଣମାନେ ସମସ୍ତେ ଜାଣନ୍ତି, ସେବକଗଣ ଭାବରେ—ଭାବରେ, ଯେ ଏହା ତ ପରମେଶ୍ୱରଙ୍କ ଉପରେ ସେମାନଙ୍କର ନିଜସ୍ୱ ବିଶ୍ୱାସ ଅଟେ ଯାହାକି ସେହି କାର୍ଯ୍ୟକୁ

କରିଥାଏ । କଅଣ ତାହା ଠିକ୍ କି? ଆମେ ତ କେବଳ ସେମାନଙ୍କ ପାଇଁ ପ୍ରାର୍ଥନା ଅର୍ପଣ କରିଥାଉ ।

148 ତେବେ ଆପଣ କୁହନ୍ତି, "ଭାଇ ବ୍ରାନହାମ୍, କଅଣ ସେଠାରେ ପବିତ୍ରଆତ୍ମାଙ୍କ ଆତ୍ମା ଆପଣ ସହିତରେ ଅଛନ୍ତି କି?" ନିଶ୍ଚିତ ଭାବରେ । ହଁ, ମହାଶୟ!

149 ତେବେ ସେଠାରେ ଧାଡିରେ ଥିବା ଶ୍ରୋତା-...ଭିତରେ ଥିବା ଆପଣମାନଙ୍କୁ, ଯଦି ଆପଣମାନେ ନିଜର ସମ୍ପୂର୍ଣ୍ଣ ହୃଦୟ ସହିତରେ ଏହା ବିଶ୍ୱାସ କରିବେ ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବାକୁ ଯାଉଛନ୍ତି, ତେବେ ନିଜର ହାତ ଉଠାଇ, କୁହନ୍ତୁ, "ମୁଁ ଏହାକୁ ଗ୍ରହଣ କରିବି ।"

150 ବର୍ତ୍ତମାନ, ଏଠାକୁ ଆସନ୍ତୁ, ତେବେ ଏହି—ତେବେ ଏହି ମହିଳା ଏଠାକୁ ଆସନ୍ତୁ । ମୁଁ ଆପଣଙ୍କୁ ଜାଣେ ନାହିଁ, ମୁଁ ଆପଣଙ୍କୁ କେବେ ଦେଖି ନାହିଁ । ଯଦି ପବିତ୍ରଆତ୍ମା ମୋତେ କହିବେ, ଯେଣୁ ମୋର ଭାଇମାନେ ଏଠାରେ, ଏହି ପ୍ରକାର ଉପସ୍ଥିତିରେ ଏଠାରେ, ତେଣୁକରି ସେମାନେ ସମସ୍ତେ ମୋ ଚାରିପାଖରେ ଏଠାରେ ଠିଆ ହୋଇଛନ୍ତି । ଏବଂ କେବଳ ସେତିକି ନୁହେଁ, ମୋର ଭାଇମାନେ ଏଠାରେ ଅଛନ୍ତି, ଏବଂ ମୋର ପ୍ରଭୁ ଏଠାରେ ଅଛନ୍ତି । ଏହା ସେମାନଙ୍କର ମଧ୍ୟ, ପ୍ରଭୁ ଅଟନ୍ତି । ତେବେ, ଯଦି ସେ ମୋତେ ଆପଣଙ୍କ ସହିତରେ ରହିଥିବା କିଛି ଭୁଲ୍ କହିବେ, ଆପଣଙ୍କ ସହିତ ଯାହାକିଛି ସମସ୍ୟା ଅଛି, ଆପଣ ଜାଣିବେ ଯେ ଏହା ସତ୍ୟ ଅଟେ କି ନୁହେଁ । ମୁଁ ସେମାନଙ୍କଠାରୁ ଚାହେଁ, ମୁଁ ଶ୍ରୋତାବୃନ୍ଦଙ୍କଠାରୁ ଚାହେଁ, ମୁଁ ଚାହେଁ ଯେ ସେଠାରେ ଥିବା ଲୋକମାନେ ତାହା ଦେଖନ୍ତୁ ଯେ ପବିତ୍ରଆତ୍ମା ଏଠାରେ ପ୍ରଚାରମଞ୍ଚ ଉପରେ ହୃଦୟର ଗୁପ୍ତ କଥାକୁ ଜାଣିବା ବିଷୟ ପ୍ରଦାନ କରିବା ନିମନ୍ତେ ଅଛନ୍ତି, ମାତ୍ର ତାହା କାହାରିକୁ ସୁସ୍ଥ କରିବ ନାହିଁ । ମାତ୍ର ଯଦି ସେ ମୋତେ ଆପଣଙ୍କ ବିଷୟରେ କିଛି କହିବେ, ଯାହା ଆପଣ ଜାଣନ୍ତି ଯେ ମୁଁ ସେ ବିଷୟରେ କିଛି ହେଲେ ଜାଣେ ନାହିଁ, ଠିକ ଯେପରି ତାହା କୂଅ ପାଖରେ ଥିବା ସେହି ସ୍ତ୍ରୀଲୋକ ସହିତ ଥିଲା...ଅବଶ୍ୟ ସେହି ସମାନ ପ୍ରକାରର ମାମଲା ନୁହେଁ, ମାତ୍ର ମୋର ଅଭିପ୍ରାୟ ହେଉଛି ଜଣେ ପୁରୁଷ ଏବଂ ସ୍ତ୍ରୀଲୋକ ପ୍ରଥମ ଥର ପାଇଁ ସାକ୍ଷାତ କରୁଛନ୍ତି । ଯୀଶୁ, ଏକ ପ୍ରକାର ଜଣେ ମଧ୍ୟ-ବୟସ୍କ ପୁରୁଷ, ଏବଂ ଏହି ସ୍ତ୍ରୀଲୋକ ବୋଧହୁଏ ଜଣେ ଯୁବା ସ୍ତ୍ରୀଲୋକ ଥିଲେ, ବୋଧହୁଏ ଆପଣଙ୍କ ପରି ।

151 ଏବଂ ଯଦି ସେ ଇଚ୍ଛା କରିବେ, ମୋତେ ଏହା କହିପାରିବେ ଯେ ଆପଣ ଏଠାରେ କଅଣ ପାଇଁ ଅଛନ୍ତି, ଆପଣଙ୍କର ଅସୁବିଧା କଅଣ, ତେବେ କଅଣ ଆପଣ ଏହା ବିଶ୍ୱାସ କରିବେ ଯେ ଏହା ତ ତାହାଙ୍କର ଆତ୍ମା ହିଁ ହେବା ଉଚିତ ଯାହାକି ଏହା କରିବ? ଆପଣ ଭାଇମାନେ କଅଣ ଏହାକୁ ବିଶ୍ୱାସ କରନ୍ତି କି? ଯେ ସେହି ସମାନ ପ୍ରଭୁ ଯୀଶୁ ଏଠାରେ ଠିଆ ହୋଇଛନ୍ତି କି? କଅଣ ଆପଣ ଶ୍ରୋତାବୃନ୍ଦ ସେହି ସମାନ କଥାକୁ ବିଶ୍ୱାସ କରନ୍ତି କି? ପ୍ରାର୍ଥନା ଧାଡିରେ ଥିବା ଆପଣମାନେ କଅଣ ସେହି ସମାନ କଥାକୁ ବିଶ୍ୱାସ କରିବେ କି, ଏବଂ ଜାଣିବେ ଯେ ଏହି ବ୍ୟକ୍ତିମାନେ...? କଅଣ ମୁଁ ସେମାନଙ୍କୁ ଏଠାରେ ଉପରକୁ ଡାକିବି କି ଯଦି ମୁଁ ଭାବୁଥାଆନ୍ତି

ଯେ ସେମାନେ ନ ଥିଲେ...? ଏହିପରି ପ୍ରଚାର କରିସାରିବା ପରେ, ଏବଂ ମୁଁ କହିଥିବା ସେହି ବିଷୟଗୁଡିକ ପରେ, ଏବଂ ତାହାପରେ ସେହି ବ୍ୟକ୍ତିମାନଙ୍କୁ ଏଠାରେ ଉପରକୁ ଡାକିବା ଯେଉଁମାନେକି ଯୋଗ୍ୟ ନ ଥିଲେ? ମୁଁ ତାହା କରିବି ନାହିଁ। ମୁଁ ତ ଠିକ ସେହି ବିଷୟକୁ ହିଁ ପରାଜିତ କରୁଥିବି ଯେଉଁ ବିଷୟକୁ ନେଇ ମୁଁ ଯୁଦ୍ଧ କରୁଅଛି। ବୁଝିଲେ? ମୁଁ ସେଗୁଡିକରେ ବିଶ୍ୱାସ କରେ। ମୁଁ ବିଶ୍ୱାସ କରେ ଯେ ସେମାନେ ପରମେଶ୍ୱରଙ୍କ ଲୋକ ଅଟନ୍ତି।

152 ତେବେ ଦେଖନ୍ତୁ ଯଦି ପବିତ୍ରଆତ୍ମା ଅତି ସନ୍ନିକଟବର୍ତ୍ତୀ ଭାବେ ଛିଡା ହୋଇଛନ୍ତି କି ନାହିଁ। କେବଳ ଆପଣଙ୍କ ସହିତ କଥା ହେବା ପାଇଁ, ମୁଁ ଚେଷ୍ଟା କରୁଛି...ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ଆପଣ କଅଣ କରୁଛନ୍ତି?" ସେହି ସମାନ ବିଷୟ ଯାହା ଯୀଶୁ ସେହି ସ୍ତ୍ରୀ ସହିତ କରିଥିଲେ, କହିଲେ, "ମୋତେ ପାନ କରିବା ନିମନ୍ତେ ଜଳ ଆଣ," ସେ ତ କେବଳ ତାହା ସହିତ ଗୋଟିଏ ମିନିଟ୍ କଥା ହେବା ପାଇଁ ଚେଷ୍ଟା କରୁଥିଲେ, ଏହା ଜାଣିବାକୁ ଯେ ତାର ସମସ୍ୟା କଅଣ ଥିଲା।

153 ଆପଣଙ୍କର ସମସ୍ୟା ହେଉଛି ଅଧୀର ହେବା, ତାହାହିଁ ଅଟେ ଯେଉଁଥିରୁ ଆପଣ ପୀଡିତ ଅଟନ୍ତି। ଯଦି ତାହା ଠିକ୍ ଅଟେ, ତେବେ ନିଜର ହାତ ଉଠାନ୍ତୁ। ତେବେ, ସେ ନିଶ୍ଚିତ ଭାବରେ ସେପରି ଦେଖାଯାଉ ନାହାଁନ୍ତି, କଅଣ ସେ ଦେଖା ଯାଉଛନ୍ତି କି, ଭାଇମାନେ? ସେ ଦେଖାଯାଉ ନାହାଁନ୍ତି, ମାତ୍ର ତାହାହିଁ ଅଟେ ଯାହାକି ତାଙ୍କର ସମସ୍ୟା ଅଟେ। ସେ ବହୁତ ଦିନ ଧରି ସେହିପରି ଅବସ୍ଥାରେ ରହିଛନ୍ତି। ସର୍ବଦା ଆପଣଙ୍କୁ ଅତିକ୍ରମ କରି ଚାଲିଯାଆନ୍ତି ଏହା ପୂର୍ବେକି ଆପଣ ସେମାନଙ୍କ ପାଖକୁ ପହଞ୍ଚନ୍ତି, ଏବଂ ପ୍ରଭୃତି ସବୁ। ତାହା ସତ ଅଟେ। ଏହା ତ ଆପଣଙ୍କର ଗଠନ ଅଟେ, ଠିକ ସେହିପରି ଭାବରେ ରଚନା କରାଯାଇଛନ୍ତି, ଅଧୀର ଭାବରେ; ସବୁବେଳେ କଳ୍ପନା କରୁଥାଆନ୍ତି ଯେ କିଛି ଗୋଟାଏ ଘଟିବାକୁ ଯାଉଅଛି, ତାହା ହୁଏ ନାହିଁ। ବେଳେବେଳେ ଶୟତାନ ଆପଣଙ୍କୁ କହିଥାଏ, "ଏଥିରେ କିଛି ନାହିଁ, ତୁମେ କେବଳ ପଶ୍ଚାଦଗମନ କରିଛ, ତୁମେ ଠିକ ରେଖା ଆରପାରିରେ ଅଛ।" ମୁଁ ଆପଣଙ୍କର ମନକୁ ପଢୁ ନାହିଁ, ମାତ୍ର ମୁଁ ତ ତାହା ପଢୁଅଛି ଯାହାକି...ମୁଁ ଜାଣେ ସେ ଆପଣଙ୍କ ସହିତ କଅଣ କଥାବାର୍ତ୍ତା ହୋଇଅଛି, କାରଣ ମୁଁ ଦେଖୁଛି ଯେ କେଉଁ ବିଷୟ ଆପଣଙ୍କ ମନକୁ ଅତିକ୍ରମ କରିଅଛି।

154 ତେବେ, ଯୀଶୁ ସେମାନଙ୍କ ଭାବନାଗୁଡିକୁ ଜାଣିପାରିଲେ। କଅଣ ତାହା ଠିକ୍ କି? ତେବେ, ଠିକ ତାହାହିଁ ଅଟେ ଯାହାକି ବର୍ତ୍ତମାନ ଘଟିଅଛି। କଅଣ ତାହା ଠିକ୍ କି? ଏଠାରେ, ମୋତେ ଆପଣଙ୍କୁ କିଛି କହିବାକୁ ଦିଅନ୍ତୁ, ଯେପରିକି ଆପଣ ଜାଣିପାରନ୍ତି। ଆପଣ ପ୍ରକୃତରେ ଏଠାରେ ଅନ୍ୟ କାହାରି ପାଇଁ ଛିଡା ହୋଇଛନ୍ତି। ତାହା ଠିକ୍ ଅଟେ। ତାହାହିଁ ହେଉଛି ସେହି ବିଷୟ, ଆପଣ ଦେଖନ୍ତୁ, ଆପଣ ଏହାକୁ ସେତେବେଳେ ଯାଏଁ ଧରି ପାରିବେ ନାହିଁ। ତେବେ, ଯଦି ପ୍ରଭୁ ମୋତେ ଜଣାଇବେ ଯେ ଆପଣ ଏଠାରେ କଅଣ ପାଇଁ ଠିଆ ହୋଇଛନ୍ତି, ଅନ୍ୟ କାହାରି ପାଇଁ, ତାହାହେଲେ କଅଣ ଆପଣ ମୋତେ ତାହାଙ୍କର ଭବିଷ୍ୟଦ୍‌ବକ୍ତା ବୋଲି

ବିଶ୍ୱାସ କରିବେ କି? ଏହା ଆପଣଙ୍କ ମାଆ ପାଇଁ ଅଟେ। କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ମୋତେ କହିପାରନ୍ତି ଯେ ତାଙ୍କର ସମସ୍ୟା କଅଣ? ତେବେ, ତାଙ୍କର ହୃଦୟର ସମସ୍ୟା ଅଛି, ଉଚ୍ଚ ରକ୍ତଚାପ, ପିତ୍ତରେ ପଥର, ଜଟିଳତା ଅଛି। ତାହା ଠିକ୍ ଅଟେ, କଅଣ ନୁହେଁ କି? ବୁଝିଲେ? ତେବେ, ତାହା ପବିତ୍ରଆତ୍ମା ଅଟନ୍ତି, କଅଣ ନୁହେଁ କି?

155 ତେବେ, ମୋ ଉପରେ ଏବଂ ଏହି ଭାଇମାନଙ୍କ ଉପରେ କିଛି ଗୋଟାଏ ଅଛି। ବୁଝିଲେ? କିଛି ଗୋଟାଏ ବର୍ତ୍ତମାନ ଏଠାରେ ଅଛି, ପବିତ୍ରଆତ୍ମା। ବର୍ତ୍ତମାନ, ଆପଣ ବିଶ୍ୱାସ କରନ୍ତୁ; ଆପଣ, ଯେତେବେଳେ ଆମେ ଏହି ଧାଡି ଦେଇ ଗତି କରୁଅଛୁ।

ଆସନ୍ତୁ ଆମେମାନେ ଆମର ମସ୍ତକଗୁଡିକୁ ନତ କରିବା ଯେତେବେଳେ ଆମେମାନେ ଏହି ଲୋକମାନଙ୍କ ପାଇଁ ପ୍ରାର୍ଥନା କରୁ।

156 ତେବେ, ହେ ସ୍ୱର୍ଗସ୍ଥ ପିତା, ଆମେମାନେ ଏହି ଲୋକମାନଙ୍କ ଉପରେ ହାତ ରଖିବାକୁ ଯାଉଅଛୁ। ଏବଂ ମୁଁ ବର୍ତ୍ତମାନ ସେମାନଙ୍କ ପାଇଁ ପ୍ରାର୍ଥନା କରୁଅଛି। ଏଠାରେ ତୁମର ରାଜକୀୟ ସେବକମାନେ ଠିଆ ହୋଇଛନ୍ତି, ଏବଂ ଆମେମାନେ ସମସ୍ତେ ରୋଗୀମାନଙ୍କ ଉପରେ ହାତ ରଖିବାକୁ ଯାଉଅଛୁ, କାରଣ ତୁମେ ଏହା କରିବାକୁ କହିଅଛ। ଆମେ ଏହାକୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ କରିବାକୁ ଯାଉଅଛୁ। ଏହା ହେଉ ଯେ ଲୋକମାନେ କେବଳ ଟାଣି ହୋଇଆସନ୍ତୁ ନାହିଁ, ମାତ୍ର ସେମାନେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସୁସ୍ଥ ହୋଇ ଆସନ୍ତୁ। ଆମେନ୍!

157 ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ତେବେ ଅତି ନିକଟବର୍ତ୍ତୀ ହୋଇ ଚାଲନ୍ତୁ।

ପ୍ରଭୁ ଯୀଶୁଙ୍କ ନାମରେ, ସୁସ୍ଥ କର...ପ୍ରଭୁ ଯୀଶୁଙ୍କ ନାମରେ, ମୋ ଭାଇକୁ ସୁସ୍ଥ କର। ପ୍ରଭୁ ଯୀଶୁଙ୍କ ନାମରେ, ମୋ ଭଉଣୀକୁ ସୁସ୍ଥ କର।

158 ତେବେ, କେବଳ—କେବଳ ଗୋଟିଏ ମିନିଟ୍! ଦେଖନ୍ତୁ! ଭାଇ ଓ ଭଉଣୀ, ଏହା ଆପଣମାନେ କାହିଁକି ଆନନ୍ଦିତ ହୁଅନ୍ତି ଯେତେବେଳେ ସେହି ସ୍ତ୍ରୀଲୋକ, ଯେତେବେଳେ ସେହି ଗୁପ୍ତ ବିଷୟର ପ୍ରକଟୀକରଣ ହୋଇଥିଲା, ଏବଂ ଯେତେବେଳେ ଅନ୍ୟମାନେ ଆସିଲେ ସେଠାରେ କିଛି ହେଲେ ହେଲା ନାହିଁ? ଲୋକମାନେ ଅତିକ୍ରମ କରିଯାଆନ୍ତି, "ତେବେ, ଯଦି ମୋର, ଗୁପ୍ତ ବିଷୟର ପ୍ରକଟୀକରଣ ନ ହୁଏ, ତେବେ, ତାହାହେଲେ ମୁଁ କିଛି ହେଲେ ପାଇଲି ନାହିଁ।" ତାହାର ଏହା ସହିତ କୌଣସି ବି ସମ୍ପର୍କ ନାହିଁ, ସେ ତ ଏଠାରେ ଠିକ ସେହି ସମାନ ହିଁ ଅଟନ୍ତି। ବୁଝିଲେ?

159 ଯେତେବେଳେ ଆପଣ ଏଠାରୁ ଅତିକ୍ରମ କରି ଯାଆନ୍ତି, ନିଜର ହାତ ଉପରକୁ ଉଠାଇ ଆସନ୍ତୁ, କୁହନ୍ତୁ, "ପ୍ରଭୁ ଯୀଶୁ, ଧନ୍ୟବାଦ। ମୁଁ ତୁମକୁ ମୋର ଆରୋଗ୍ୟକାରୀ ଭାବରେ ଗ୍ରହଣ କରେ, ଏବଂ ମୁଁ ଠିକ ଏହା ସହିତରେ ଯାଉଅଛି। ଏହି ପୁରୁଷମାନଙ୍କ ମଧ୍ୟରୁ ଜଣେ ମୋତେ ବାପ୍ତିଜିତ କରିବାକୁ ଯାଉଅଛନ୍ତି, ମୁଁ ଠିକ୍ ଜଳ କୁଣ୍ଡକୁ ଯାଉଅଛି ଏବଂ ବାପ୍ତିଜିତ ହେବି, ଏବଂ ବାହାରକୁ ଆସି ଏହା ଜାଣିବି ଯେ ତୁମେ ପ୍ରତିଜ୍ଞା କରିଅଛ ଯେ ମୁଁ ପବିତ୍ରଆତ୍ମା ଗ୍ରହଣ କରିବି।"

160 ଦେଖନ୍ତୁ, ଏହା...ସେହି ଗୁପ୍ତ ବିଷୟର ପ୍ରକଟୀକରଣ ଏବେ ସୁଦ୍ଧା ଏଠାରେ ଅଛି। ଏହା ଏବେ ମଧ୍ୟ ଏଠାରେ ଅଛି, ଠିକ୍ ସେହି ସମାନ ଭାବରେ ଯେପରିକି...ଏଠାରେ, ଏହା କେଉଁଟା ଅଟେ? ଏଠାରେ ଏହି ବ୍ୟକ୍ତିଜଣକ? ମୁଁ ଆପଣଙ୍କ ପାଇଁ ଅପରିଚିତ ଅଟେ। ମହାଶୟ, କଅଣ ମୁଁ ଅଟେ କି? ମୁଁ ଆପଣଙ୍କୁ ଜାଣେ ନାହିଁ। ହୋଇପାରେ...ଯଦି ପରମେଶ୍ୱର ମୋତେ କହିବେ ଯେ ଆପଣଙ୍କର ଅସୁବିଧା କଅଣ, ତାହାହେଲେ କଅଣ ଆପଣ ମୋତେ ତାହାଙ୍କର ଭବିଷ୍ୟଦ୍‌ବକ୍ତା, ତାହାଙ୍କର ସେବକ ବୋଲି ବିଶ୍ୱାସ କରିବେ କି? କଅଣ ଆପଣ ନିଜର ସମସ୍ତ ହୃଦୟ ସହିତରେ କରିବେ କି? ଠିକ୍ ଅଛି, ମହାଶୟ। ଆପଣଙ୍କୁ ଧନ୍ୟବାଦ, ମହାଶୟ। ତାହା ଏକ ବହୁତ ଉତ୍ତମ ଆତ୍ମା ଅଟେ, ଏକ ବହୁତ ଉତ୍ତମ ବିଷୟ ଅଟେ। ସର୍ବଶେଷରେ, ଆପଣ ଏଠାରେ ଅନ୍ୟ କାହାରି ପାଇଁ ଠିଆ ହୋଇଛନ୍ତି। ତାହା ଠିକ୍। "ଏହା ଆପଣଙ୍କର ନାତି ଅଟେ, ପୋଲିଓ ହୋଇଯାଇଛି, ଅନ୍ୟ ଦିନ ପଡିଗଲା ଏବଂ ତାର ଗୋଡ ଭାଙ୍ଗିଯାଇଛି," ତାହା **ସଦାପ୍ରଭୁ ଏହି କଥା କୁହନ୍ତି** ଅଟେ! କଅଣ ତାହା ଠିକ୍ କି? ତାହା ଠିକ୍ ଅଟେ! ଯାଆନ୍ତୁ ଏବଂ ବର୍ତ୍ତମାନ ବିଶ୍ୱାସ କରନ୍ତୁ, ଆଉ ସେ ଭଲ ହୋଇଯିବ।

161 ତେବେ, ସମସ୍ତେ କେବଳ, ବିଶ୍ୱାସ କରି ଆସନ୍ତୁ, କେବଳ ଆସନ୍ତୁ। [ପ୍ରାର୍ଥନା ଧାଡି ତିନି ମିନିଟ୍ ଓ ଅଢ-ଟିରିଶ ସେକେଣ୍ଡ ପର୍ଯ୍ୟନ୍ତ ଚାଲେ, ଭାଇ ବ୍ରାନହାମ୍‌ଙ୍କର ଅନେକ ଶବ୍ଦ ବୁଝି ହୁଏ ନାହିଁ—ସମ୍ପା।]...?...

ଧନ୍ୟ ସେହି ବନ୍ଧନ ଯାହାକି ବାନ୍ଧି ରଖେ
ଖ୍ରୀଷ୍ଟିଆନ ପ୍ରେମରେ ଆମର ହୃଦୟଗୁଡିକୁ;
ସମ୍ପର୍କୀୟ ମନର ସହଭାଗିତା
ତାହା ଉପରିସ୍ଥ ପରି ଅଟେ।

ଏଠାରେ ଆମର ପିତାଙ୍କ ସିଂହାସନ ଆଗରେ,
ଆମେ ଆମର ଆନ୍ତରିକ ପ୍ରାର୍ଥନାକୁ ଢାଳୁ;
ଆମର ଭୟ, ଆମର ଆଶା, ଆମର ଲକ୍ଷ୍ୟଗୁଡିକ ଏକ ଅଟେ,
ଆମର ଆରାମ ଏବଂ ଆମର ଯତ୍ନ।

162 ଆମେମାନେ ପରମେଶ୍ୱରଙ୍କ ସାନ ପିଲାମାନଙ୍କ ଉପରେ, ଛିଡା ହୋଇଅଛୁ, ଯେଉଁମାନେକି ଅପଙ୍ଗ, ଅନ୍ଧ, ଗୋଡ଼ ବଙ୍କା ଅଛି। ସୁସମାଚାରର ସେବକଗଣ, ଆପଣମାନେ ଜାଣନ୍ତି ଯେ ଆମ ପାଖରେ ସୁସ୍ଥ କରିବାର କୌଣସି ଶକ୍ତି ନାହିଁ। ମାତ୍ର ଆମର ମହାନ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଏହି ଚିହ୍ନଗୁଡିକୁ ପଠାଉ ଅଛନ୍ତି, ଏବଂ ସେହି ଶୟତାନକୁ ନିନ୍ଦା କରୁଛନ୍ତି ଯିଏକି ଆପଣମାନଙ୍କୁ ବାନ୍ଧି ରଖିଅଛି। ଆମେ ଶୟତାନକୁ ନିନ୍ଦା କରୁଅଛୁ...?...ଆମେ ଅନ୍ଧତାକୁ ନିନ୍ଦା କରୁଅଛୁ...?...

163 ପରମେଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆମେମାନେ ବିନତୀ କରୁଅଛୁ ଯେ ପରମେଶ୍ୱର ସେମାନଙ୍କୁ ଏହା ପ୍ରତ୍ୟୟ କରିବା ହେତୁ ବିଶ୍ୱାସ ଦେବେ ଯେ ବିଶ୍ୱାସର ପ୍ରାର୍ଥନା

ରୋଗୀମାନଙ୍କୁ ଉଦ୍ଧାର କରିଅଛି, ଏବଂ ପରମେଶ୍ୱର ସେମାନଙ୍କୁ ଉଠା କରାଇବେ, ଏବଂ ସେମାନେ ପୁନର୍ବାର ସୁସ୍ଥ ହୋଇଯିବେ। ହେ ସର୍ବଶକ୍ତିମାନ ପରମେଶ୍ୱର, ଯୀଶୁ ଖ୍ରୀଷ୍ଟଙ୍କ ନାମ ଦେଇ, ଏହାକୁ ପ୍ରଦାନ କର।

164 ତେବେ, ଆପଣ ଭାଇମାନେ ସେଠାରୁ ଚାଲିଯାଆନ୍ତୁ...?...

165 ବାକି ଆପଣମାନେ ସମସ୍ତେ ବର୍ତ୍ତମାନ ପ୍ରାର୍ଥନାରେ ରହିଥାଆନ୍ତୁ, ଯେତେବେଳେକି ଆମେ...ସେବକମାନେ ମଧ୍ୟ, ବର୍ତ୍ତମାନ, ସେମାନଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି। ଆମେମାନେ ପ୍ରାର୍ଥନା କରି, ହାତ ରଖୁଅଛୁ।

166 ସ୍ୱର୍ଗସ୍ଥ ପିତା...

ଶ୍ରୋତାବୃନ୍ଦଙ୍କ ଭିତରେ ଆପଣମାନେ ଯେଉଁମାନେକି ପ୍ରାର୍ଥନା ଧାଡ଼ିରେ ଆସିଲେ ନାହିଁ, ବର୍ତ୍ତମାନ ପରସ୍ପର ଜଣେ ଅନ୍ୟ ଉପରେ ନିଜର ହାତକୁ ରଖନ୍ତୁ। ପରସ୍ପର ଜଣେ ଅନ୍ୟ ଉପରେ ନିଜର ହାତକୁ ରଖନ୍ତୁ।

167 ଆମମାନଙ୍କର ସ୍ୱର୍ଗସ୍ଥ ପିତା, ଆମେମାନେ ତୁମ ନିକଟକୁ ଏହି ଶ୍ରୋତାବୃନ୍ଦଙ୍କୁ ଆଣୁଅଛୁ ଯେତେବେଳେ ଆମେ ଏହି ସେବା ଏବଂ ଯୀଶୁ ଖ୍ରୀଷ୍ଟଙ୍କ ପତାକା ତଳେ ଏହି ଅଭିଯାନକୁ ଶେଷ କରୁଅଛୁ, ପରମେଶ୍ୱରଙ୍କ ସେହି ମହାନ ଅଭିଷିକ୍ତ ମହାଯାଜକ, ଇମ୍ମାନୁଏଲ, ମୃତ୍ୟୁରୁ ପୁନରୁତ୍ଥିତ ହୋଇ, ଠିଆ ହୋଇଛନ୍ତି, ମଧ୍ୟସ୍ଥି କରିବା ହେତୁ ସର୍ବଦା ଜୀବିତ ଅଟନ୍ତି; ତାହାଙ୍କର ମହାନ ଉପସ୍ଥିତି ବର୍ତ୍ତମାନ ଆମ ସହିତରେ ଅଛି, ତାହାଙ୍କର ପବିତ୍ର ଶକ୍ତି ଆମମାନଙ୍କ ଉପରେ ଅଛି ଯେପରିକି ଆମେମାନେ ଦର୍ଶନମାନ ଦେଖୁ, ଭବିଷ୍ୟତ୍‌ବାଣୀ କରୁ, ରୋଗୀମାନଙ୍କ ଉପରେ ହାତ ରଖୁ। ପରମେଶ୍ୱରଙ୍କ ଅମୋଘ ବାକ୍ୟ କଦାପି ତାହାଙ୍କ ନିକଟକୁ ନିଷ୍ଫଳ ହୋଇ ଫେରିଯାଇପାରେ ନାହିଁ। ମୁଁ ରୋଗର ପ୍ରତ୍ୟେକ ଶୟତାନକୁ, ପାପର ପ୍ରତ୍ୟେକ ଶକ୍ତିକୁ, ପ୍ରତ୍ୟେକ ଅବିଶ୍ୱାସକୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ନିନ୍ଦା କରେ, ଏହା ହେଉ ଯେ ତାହା ଲୋକମାନଙ୍କଠାରୁ ଛିନ୍ନଭିନ୍ନ ହେଉ ଏବଂ ସେମାନେ ସୁସ୍ଥତା ଲାଭ କରନ୍ତୁ।

168 ପ୍ରଭୁ, ଏହି ସେବକ ଭାଇମାନଙ୍କୁ ଆଶୀର୍ବାଦ କର, ଯେତେବେଳେ ସେମାନେ ଏକ ହୃଦୟରେ ଏବଂ ଏକ ମନରେ, ଓ ମଣ୍ଡଳୀର ସମସ୍ତ ଲୋକମାନଙ୍କ ସହିତ ଏକାଠି ଏକତ୍ରିତ ହୋଇଛନ୍ତି। ହେ ସର୍ବଶକ୍ତିମାନ୍ ପରମେଶ୍ୱର, ଓହାୟୋର, ଏହି ମହାନ ମିଡିଲ୍‌ଟାଉନ୍‌କୁ, ଏହା ପରେ ଏକ ଉଦ୍ଦୀପନାକୁ ପଠାଅ, ହେ ପ୍ରଭୁ, ଯାହାକି ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ବ୍ୟାପିଯିବ, ଅସ୍ଥିଗୁଡିକୁ ଏକାଠି କରିବ, ହେ ପ୍ରଭୁ ଏବଂ ଚର୍ମର ସ୍ନାୟୁଗୁଡିକୁ ନେଇ ଆସିବ। ଏବଂ ଏହା ହେଉ ଯେ ପରମେଶ୍ୱରଙ୍କ ଶକ୍ତି ଏହି ସହରରେ ଏକ ଶକ୍ତିଶାଳୀ ଏକୀକୃତ ମଣ୍ଡଳୀକୁ ଛିଡା କରୁ ଯାହାକି ବ୍ୟାପ୍ତ ହେବ, ଏବଂ ସମଗ୍ର ଦେଶସାରା, ଏକ ଉଦାହରଣ ସ୍ୱରୂପ ମଣ୍ଡଳୀ ହେବ, ଯେପରିକି ଲୋକମାନେ ପରମେଶ୍ୱରଙ୍କ ଶକ୍ତିକୁ ଦେଖିବା ପାଇଁ ଏହି ସହରକୁ ଆସନ୍ତି। ହେ ପ୍ରଭୁ, ଏହାକୁ ପ୍ରଦାନ କର। ରୋଗୀ ଓ ପୀଡ଼ିତମାନଙ୍କୁ ସୁସ୍ଥ କର, ହଜିଯାଇଥିବା ଲୋକମାନଙ୍କୁ ଉଦ୍ଧାର କର, ଏବଂ ନିଜ ପ୍ରତି ଗୌରବ ପାଅ।

169 ଏହା ପ୍ରଦାନ କର, ଯେ ଏହି ସମସ୍ତ ରୁମାଲଗୁଡିକ ଏବଂ ଛୋଟ ପାର୍ସଲଗୁଡିକ ଯାହା ଏଠାରେ ରଖା ହୋଇଛି...ହେ ପ୍ରଭୁ, ମୁଁ ପ୍ରାର୍ଥନା କରୁଛି, ଯେ ସେହି ପବିତ୍ରଆତ୍ମା ଆମ ଉପରେ, ଏବଂ ଏହି ଭବନରେ ଆମକୁ ଅଭିଷେକ କରନ୍ତୁ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ସୁସ୍ଥ ହେଉନ୍ତୁ। ଏହା ବାଇବଲରେ ଲେଖାହୋଇଛି ଯେ ଇସ୍ରାଏଲ ଯେତେବେଳେ କର୍ତ୍ତବ୍ୟ ପଥରେ ଥିଲା, ପ୍ରତିଜ୍ଞାତ ଦେଶକୁ ଯିବାର ସେମାନଙ୍କର ମାର୍ଗରେ, ସେତେବେଳେ ସୂଫ ସାଗର ସେହି ବାଟ ମଝିରେ ଆସିଗଲା। ଏବଂ ଜଣେ ଲେଖକ କୁହନ୍ତି, "ପରମେଶ୍ୱର ସେହି ଅଗ୍ନିସ୍ତମ୍ଭ ଦେଇ ତଳକୁ ଅନାଇଲେ ଏବଂ ସୂଫ ସାଗର ଭୟଭୀତ ହୋଇ ପଛକୁ ଘୁଞ୍ଚିଗଲା, ଏବଂ ଇସ୍ରାଏଲ ସେହି ପ୍ରତିଜ୍ଞାତ ଦେଶ ମଧ୍ୟକୁ ଚାଲିଗଲା ଯାହାର ପ୍ରତିଶ୍ରୁତି ଦିଆ ଯାଇଥିଲା।"

170 ଏବଂ ବର୍ତ୍ତମାନ, ଏହା ବାଇବଲରେ ଅଛି, ଏହା ଲେଖା ଅଛି, "ମୁଁ ସମସ୍ତ କିଛି ବିଷୟ ଅପେକ୍ଷା ଏହା ଇଚ୍ଛା କରେ ଯେ ତୁମେମାନେ ଉତ୍ତମ ସ୍ୱାସ୍ଥ୍ୟରେ ସମୃଦ୍ଧି ଲାଭ କର।" ଏବଂ ଯେତେବେଳେ ଏହି ରୁମାଲଗୁଡିକ ଲୋକମାନଙ୍କ ନିକଟରେ ପହଞ୍ଚେ, ଯେଉଁଠାରେକି ଶୟତାନ ସେମାନଙ୍କ ସମ୍ମୁଖରେ ଏକ ସୂଫ ସାଗରକୁ ରଖିଅଛି, ଏହା ହେଉ ଯେ ପରମେଶ୍ୱର ନିଜ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ, ରକ୍ତ ଦେଇ ତଳକୁ ଦୃଷ୍ଟି କରନ୍ତୁ, ଏବଂ ସେମାନଙ୍କ ପାଇଁ ପ୍ରତ୍ୟେକ ସେହି ରୋଗକୁ ନିନ୍ଦା କରନ୍ତୁ ଯେଉଁମାନେକି ଏଠାରେ ପହଞ୍ଚି ପାରିଲେ ନାହିଁ; ଏବଂ ସେହି ଅସୁସ୍ଥତା ଦୂର ହୋଇଯାଉ ଓ ପରମେଶ୍ୱରଙ୍କ ବାକ୍ୟ ଏବଂ ପରମେଶ୍ୱରଙ୍କ ପ୍ରତିଜ୍ଞା ଓ ପରମେଶ୍ୱରଙ୍କ ଅଭିଷେକକୁ ଭୟ କରୁ, ଏବଂ ଲୋକମାନେ ଅତିକ୍ରମ କରି ଉତ୍ତମ ସ୍ୱାସ୍ଥ୍ୟ ଏବଂ ଶକ୍ତିର ସେହି ଉତ୍ତମ ପ୍ରତିଜ୍ଞାକୁ ପ୍ରବେଶ କରନ୍ତୁ। ହେ ପ୍ରଭୁ, ଏହା ପ୍ରଦାନ କର। ଏବଂ ଆମେ ଏହାର ସମସ୍ତକିଛିକୁ ତୁମଠାରେ, ତୁମର ସ୍ନେହୀ ପୁତ୍ର, ଆମର ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସମର୍ପଣ କରୁଅଛୁ। ଆମେନ୍।

171 ହେ ଶ୍ରୋତାବୃନ୍ଦଗଣ, ତାହାଙ୍କୁ ଯିଏକି ଆମ ସମସ୍ତଙ୍କୁ ଜାଣନ୍ତି, ତାହାଙ୍କୁ ଯିଏକି ଆମକୁ ତାହାଙ୍କର ମଣ୍ଡଳୀରେ, ଜଗତରେ ତାହାଙ୍କର ଅଧିକାରସ୍ୱରୂପ ହେବା ପାଇଁ ଉତ୍ଥିତ କରିଅଛନ୍ତି, ପରମେଶ୍ୱରଙ୍କ ସମୃଦ୍ଧ ଆଶୀର୍ବାଦ ଆପଣଙ୍କ ଉପରେ ବର୍ତ୍ତୁ ଯେପର୍ଯ୍ୟନ୍ତକି ଆମେ ପୁନର୍ବାର ସାକ୍ଷାତ ନ କରୁ। ଆମର ପରବର୍ତ୍ତୀ ସେବା, ଜଣାଶୁଣା ଭାବରେ, ରବିବାର ସକାଳେ, ଇଷ୍ଟର ରବିବାର ସକାଳେ, ଏହି ଆରାଧନାଳୟରେ ହେବ। ତାହାପରେ ମୁଁ... ସେଠାରୁ ଇଲିନୋଇସ୍‌କୁ ଯାଉଅଛି। ଆପଣମାନଙ୍କ ଉପରେ ଆଶୀର୍ବାଦ ହେଉ, ନିଜର ମଣ୍ଡଳୀଗୁଡ଼ିକର ଯତ୍ନ ନିଅନ୍ତୁ, ଏହି ଉତ୍ତମ ମଣ୍ଡଳୀଗୁଡ଼ିକର ତତ୍ତ୍ୱ ନିଅନ୍ତୁ, ନିଜର ହୃଦୟଗୁଡିକୁ ଏକାଠି ଧରି ରଖନ୍ତୁ। ପରମେଶ୍ୱରଙ୍କ ବାକ୍ୟ ଉପରେ ରହିଥାଆନ୍ତୁ! ତାହାଙ୍କ ପାଇଁ ବଞ୍ଚନ୍ତୁ, କାରଣ ଭୟଙ୍କର ବିଷୟଗୁଡିକ ଆପଣଙ୍କ ସମ୍ମୁଖରେ ରହିଛି, ତାହା ମନେରଖନ୍ତୁ!

172 ଯେପର୍ଯ୍ୟନ୍ତ ଆମେମାନେ ସାକ୍ଷାତନ କରୁ, ଆସନ୍ତୁ ଆମେମାନେ ଛିଡା ହୋଇ ଗୀତ ଗାଇବା:

ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ ।

173 ତେବେ, ଅତି ଭକ୍ତି ସହକାରେ, ଆପଣଙ୍କ ପଛରେ, ଆପଣଙ୍କ ସାମ୍ନାରେ, ଏବଂ ଆପଣଙ୍କ ପାର୍ଶ୍ୱରେ ଥିବା କାହାରି ସହିତ ହାତ ମିଶାନ୍ତୁ ।

ମୁଁ ତାହାଙ୍କୁ ପ୍ରେମ କରେ...

ତେବେ ସମସ୍ତେ ।

...ମୁଁ ତାହାଙ୍କୁ ପ୍ରେମ କରେ
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ ।

174 ବର୍ତ୍ତମାନ ନିଜର ହାତକୁ ପରମେଶ୍ୱରଙ୍କ ନିକଟରେ ଉଠାଇ, ପ୍ରକୃତ ଉଚ୍ଚ ସ୍ୱରରେ, ସମସ୍ତେ ଏହାକୁ କରତାଳି ଦିଅନ୍ତୁ ।

ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ ।

175 ଆସନ୍ତୁ ଆମେମାନେ ବର୍ତ୍ତମାନ ନିଜର ମସ୍ତକଗୁଡିକୁ ନତ କରିବା ।

ଯେପର୍ଯ୍ୟନ୍ତ ଆମେମାନେ ସାକ୍ଷାତ ନ କରୁ! ଯେପର୍ଯ୍ୟନ୍ତ ଆମେମାନେ ସାକ୍ଷାତ ନ କରୁ!
ଯେପର୍ଯ୍ୟନ୍ତ ଆମେମାନେ ଯୀଶୁଙ୍କ ପାଦ ତଳେ ସାକ୍ଷାତ ନ କରୁ;

ମନେରଖନ୍ତୁ, ଆମମାନଙ୍କ ମଧ୍ୟରୁ ଅନେକ ଜଣ ସେସମୟ ପର୍ଯ୍ୟନ୍ତ ଆଉ କେବେବି ସାକ୍ଷାତ କରିବା ନାହିଁ ।

ଯେପର୍ଯ୍ୟନ୍ତ ଆମେମାନେ ସାକ୍ଷାତ ନ କରୁ! ଯେପର୍ଯ୍ୟନ୍ତ ଆମେମାନେ ସାକ୍ଷାତ ନ କରୁ!
ପରମେଶ୍ୱର ଆପଣଙ୍କ ସହିତରେ ରୁହନ୍ତୁ ଯେପର୍ଯ୍ୟନ୍ତକି ଆମେମାନେ ପୁନର୍ବାର ସାକ୍ଷାତ ନ କରୁ!

176 ତେବେ ଏହାକୁ ଗୁଣୁ ଗୁଣୁ କରନ୍ତୁ । ଆପଣଙ୍କର ପାଳକ । ଭାଇ ସଲିଭାନ୍, ଯେପର୍ଯ୍ୟନ୍ତ ଆମେମାନେ ସାକ୍ଷାତ ନ କରୁ, ମୋ ଭାଇ ।

# ୬୧-୦୩୧୯ ଈଷେବଲ୍ ଧର୍ମ

## ନେଶନାଲ ଗାର୍ଡ଼ ଆର୍ମରୀ

## ମିଡିଲ୍‌ଟାଉନ, ଓହାୟୋ ୟୁ.ଏସ୍.ଏ.

ORIYA

©2025 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

Voice Of God Recordings, India Office

19 (New No: 28) Shenoy Road, Nungambakkam

Chennai 600 034, India

044 28274560 • 044 28251791

india@vgroffice.org

Voice Of God Recordings

P.O. Box 950, Jeffersonville, Indiana 47131 U.S.A.

www.branham.org